

ଜାତୀୟ ସ୍ୱାର୍ଥ ସହ ସାଲିସ କରିବନି ଭାରତ : ରାଜନାଥ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 160 | ଭାଗ ୩୩ | ସଂଖ୍ୟା ୧୬୦ | Sunday 31 August 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୩୧ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଡିସେମ୍ବରରେ ତୁଟିବ ମହାନଦୀ ବିବାଦ!



- ଆଲୋଚନା କରିବେ ମୋହନ-ବିଷ୍ଣୁଦେବ
- ମୁଖ୍ୟ ସଚିବସ୍ତରୀୟ ବୈଠକ ସମ୍ପନ୍ନ
- ସେପ୍ଟେମ୍ବରରେ ବୈଷୟିକ କମିଟିର ତଦାରଖ

ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ମହାନଦୀ ସମସ୍ୟାର ସମାଧାନ ଦିଗରେ ଆମେ ଆଉ ଏକ ପାଦ ଆଗକୁ ବଢ଼ିଛି ଓଡ଼ିଶା। ବର୍ଷ ବର୍ଷ ଯେଉଁ ସମସ୍ୟାର ସମାଧାନ ନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ ନହୋଇ ମହାନଦୀ କେବଳ ରାଜନୈତିକ ପଶାପାଲିର ଏକ ଗୋଟି ସାଜିଥିଲା, ଆଜି ସେଇ ବିବାଦର ସମାଧାନ ହେବାକୁ ଯାଉଛି। ଦୁଇ ରାଜ୍ୟ ସରକାର ଦୀର୍ଘ ଦିନର ବିବାଦର ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଆଜି ଦୁଇ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ମଧ୍ୟରେ ଜଳ ବିବାଦ ନେଇ ଆଲୋଚନା ହୋଇଛି। ଆଜି ଅନୁଷ୍ଠିତ ଏକ ଫଳପ୍ରଦ ବୈଠକରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ପୃଷ୍ଠା-୬

### ସରିଲା ଏସ୍‌ସିଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ

# ଭୁବନେଶ୍ୱରରୁ ଏସ୍‌ସିଏସ୍‌ଟି ବିକାଶ ରୋଡ୍‌ମ୍ୟାପ

**ସଂସଦୀୟ କମିଟି ଲୋକତନ୍ତ୍ରର ଅନ୍ୟତମ ସ୍ତମ୍ଭ**

**ଜଗନ୍ନାଥଙ୍କ ଦର୍ଶନରୁ ମିଳିଛି ନୂତନ ଶକ୍ତି**

**ଅବହେଳିତଙ୍କୁ ମର୍ଯ୍ୟାଦା ପ୍ରକୃତ ସମୃଦ୍ଧିର ମାପକାଠି**



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ସଂସଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଦୁଇ ଦିନିଆ ଜାତୀୟ ସମ୍ମିଳନୀରେ ଯୋଗ ଦେବା ପାଇଁ ଲୋକସଭାର ବାଚସ୍ପତି ଶ୍ରୀ ଓମ ବିର୍ଲା ଭୁବନେଶର ଗସ୍ତ ରେ ଆସିଥିବା ବେଳେ ଆଜି ସମ୍ମିଳନୀର ଉଦଯାପନୀ ଉତ୍ସବ ଶେଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରୁ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି (ଏସ୍‌ସିଏସ୍‌ଟି)ଙ୍କ ବିକାଶର ରୋଡ୍‌ମ୍ୟାପ ଆରମ୍ଭ ହେବ। ୨୫ ବର୍ଷ ପରେ ଏବଂ ଦିଲ୍ଲୀ ବାହାରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଏହି ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ସକାଶେ ଅନେକ ଯୋଜନା କରାଯାଇଛି ଏବଂ ସେଗୁଡ଼ିକର ସଠିକ ପ୍ରଣୟନ ହେଲେ ଏହି ବର୍ଗ ସମାଜରେ ଅନ୍ୟମାନଙ୍କ ଭଳି ଉନ୍ନତି କରିବା ସହ ତାଳମିଳାଇ ଆଗକୁ ଅଗ୍ରସର ହେଇପାରିବେ । ସଂସଦୀୟ କମିଟି ବଜେଟ ସମୀକ୍ଷା କରିବା ସହ ଶତପ୍ରତିଶତ ଖର୍ଚ୍ଚ ପାଇଁ ଚେଷ୍ଟିତ ହେବା ଜରୁରୀ ବୋଲି କହିଥିଲେ । ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନକୁ ଗ୍ରହଣ କଲେ ବଞ୍ଚିତ ବର୍ଗ ଉନ୍ନତିରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହି କର୍ମଶାଳାରେ ରାଜ୍ୟ ଓ କେନ୍ଦ୍ର କମିଟିଗୁଡ଼ିକ ଦ୍ୱାରା ବଞ୍ଚିତ ବର୍ଗ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଅଲୋଚନା ହୋଇଛି। ମିଳିଥିବା ମତାମତରୁ ସଂସଦୀୟ କମିଟି ଲୋକଙ୍କ ହିତରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସେସବୁକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ବିର୍ଲା କହିଛନ୍ତି। ଏଥିସହ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ବିର୍ଲା କହିଛନ୍ତି ଯେ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ସମସ୍ୟା, ସୁବିଧା, ସୁରକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ସହ ଏହାକୁ କିପରି ତ୍ୱରାନ୍ୱିତ କରା ଯାଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ । ଏହି ସମ୍ମିଳନୀ ରୁ ମିଳିଥିବା ନିଷ୍କର୍ଷ କାର୍ଯ୍ୟକ୍ରମ ରୂପାୟନ ସହିତ ଅଭିଜ୍ଞତା, ସର୍ବୋତ୍କୃଷ୍ଟ ପ୍ରୟୋଗ ଓ ଭାବ ବିନିମୟ ପାଇଁ ମଞ୍ଚ ଯୋଗାଇଦେବ ବୋଲି ଲୋକସଭା ବାଚସ୍ପତି କହିଛନ୍ତି।

ଏହି ଅବସରରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡ. ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# ଏନ୍‌ଇପିର କାର୍ଯ୍ୟକାରିତା ନେଇ ବୈଠକ



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହାକୁ ନେଇ ରାଜନୈତିକ ମହଲରେ ହଲଚଲ ଦେଖିବାକୁ ମିଳିଛି। ଏହି ବୈଠକରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଯୋଗ ଦେଇଥିଲେ। ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଲାଗୁ ହେବା ପରେ ଏହାର କାର୍ଯ୍ୟକାରିତା ନେଇ ଉକ୍ତ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏଥିସହ ଉକ୍ତ ବୈଠକରେ ରାଜ୍ୟର ବିକାଶ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଛି। ଶିକ୍ଷା, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଏକ ରୋଡମ୍ୟାପ ପ୍ରସ୍ତୁତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉପସ୍ଥିତି ଏହି ବୈଠକକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଛି, ଯେହେତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରି ବିଭିନ୍ନ ପ୍ରକଳ୍ପକୁ ତ୍ୱରାନ୍ୱି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ବୈଠକ ପରେ ମୁଖ୍ୟମନ୍ତ୍ରୀ ରାଜଭବନ ଯାଇଥିଲେ। ମଧ୍ୟାହ୍ନଭୋଜନ ପାଇଁ ରାଜ୍ୟପାଳଙ୍କ ଆମନ୍ତ୍ରଣରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଅନ୍ୟ ରାଜ୍ୟମନ୍ତ୍ରୀ ଓ ବିଧାୟକମାନେ ରାଜଭବନ ଯାଇଥିଲେ।

### ଶିଶୁ ଭବନରେ ବଡ଼ ସମ୍ପ୍ରସାରଣ

## ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି

**ସୃଷ୍ଟି ହେଲା ଆଉ ୫୯ ପଦବୀ**




ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟ ସେବାରେ ଆଉ ଏକ ବଡ ଉପଲବ୍ଧି ଦେଖିବାକୁ ମିଳିଛି। ଆଜି ରାଜ୍ୟ ସରକାର କଟକ ସ୍ଥିତ ବଲ୍ଲଭ ଭାଇ ପଟେଲ ଶିଶୁରୋଗ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ବା ଶିଶୁ ଭବନରେ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି କରିଛନ୍ତି। ଏଥିସହିତ ଆଉ ୫୯ ଡାକ୍ତର ଓ ସ୍ପେଶିଆଲିଷ୍ଟ ପଦବୀକୁ ମଞ୍ଜୁରୀ କରିଛନ୍ତି ସରକାର। କଟକ ଶିଶୁ ଭବନକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଏବଂ ରାଜ୍ୟ ବାହାରୁ ମଧ୍ୟ ଗୁରୁତର ଅସୁସ୍ଥ ଶିଶୁ ଚିକିତ୍ସା ପାଇଁ ଆସିଥାନ୍ତି। ପୂର୍ବରୁ ଏଠାରେ ବେଡ ସଂଖ୍ୟା ଥିଲା ୪୨୨। ଗତ ଏପ୍ରିଲ ୧୧ ତାରିଖରେ ଏହାର ନୂଆ ସାତ ମହଲା ପୃଷ୍ଠା-୬

### କେନ୍ଦ୍ର ମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

## ଆବଶ୍ୟକ ସାର ଯୋଗାଣ ନିଶ୍ଚିତ କରିବାକୁ ଦାବି



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ସାରା ରାଜ୍ୟରେ ସାର ଯୋଗାଣ କ୍ଷେତ୍ରରେ ବ୍ୟାପକ ଅବ୍ୟବସ୍ଥା, କଳାବଜାର, ଅପମିଶ୍ରଣ ଓ ବଜାରରେ ୟୁରିଆ ମିଳୁ ନ ଥିବାରୁ ଏବେ ଚାଷୀକୁଳ ହନ୍ତସନ୍ତ ହେଉଛି। ବିଭିନ୍ନ ସ୍ଥାନରେ ବିଶେଷକରି ଆଦିବାସୀବହୁଳ ଜିଲ୍ଲାରେ ସାର ସମସ୍ୟା ଏବେ ଉତ୍କଟ ହୋଇଛି। ସାର ଯୋଗାଣ ଦାବିରେ ଆଜି ସାରା ରାଜ୍ୟରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ଏପରି ଏକ ସମସ୍ୟା ନେଇ ବିରୋଧୀ ଦଳ ନେତା ନବୀନ ପଟନାୟକ ଆଜି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ସାର ଯୋଗାଣ କ୍ଷେତ୍ରରେ ଥିବା ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସହ ଓଡ଼ିଶା ଚାଷୀକୁଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ କୃଷି ଓଡ଼ିଶା ଅର୍ଥନୀତିର ମୁଖ୍ୟ ଆଧାର ଓ ଆମର ୭୦ ଭାଗରୁ ଅଧିକ ଲୋକଙ୍କୁ କୃଷି ହିଁ ଜୀବିକା ଯୋଗାଇଥାଏ। ଗତ ଦୁଇ ଦଶନ୍ଧିରେ ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ଗତ ୨୦୦୦ରେ ଚାଉଳ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଆଜି ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣ କ୍ଷେତ୍ରରେ ଏକ ପ୍ରମୁଖ ରାଜ୍ୟ ହୋଇପାରିଛି। କୃଷି କ୍ଷେତ୍ରରେ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ସାର ବିହନ ଆଦିର ଉତ୍ତମ ବଣ୍ଟନ ଓଡ଼ିଶାକୁ ଏପରି ସଫଳତା ଆଣିଦେଇଥିଲା। କିନ୍ତୁ ଓଡ଼ିଶାରେ ୭.୯୪ ଲକ୍ଷ ଟନ ପୃଷ୍ଠା-୬

## ବାଦଲଫଟା ବର୍ଷା ଓ ଭୂସ୍ଖଳନ: ୧୫ ମୃତ

- ଉତ୍ତରାଖଣ୍ଡ ଓ ହିମାଚଳରେ ଭୟଙ୍କର ସ୍ଥିତି
- ଘର ଭାସିଯିବା ସହ ଅନେକ ନିଖୋଜ



ନୂଆଦିଲ୍ଲୀ, ୩୦।୮: ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ପୁଣି ଥରେ କାଳ ସାଜିଛି ବାଦଲଫଟା ବର୍ଷା। ଏଥିରେ ମୋଟ ୧୫ ଜଣଙ୍କ ଜୀବନ ଯାଇଥିବା ବେଳେ ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଛି। ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ଲଗାଣ ବର୍ଷା ଓ ଭୂସ୍ଖଳନ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ବାଦଲଫଟା ବର୍ଷା, ଅଚାନକ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଆଜି ଉଭୟ ରାଜ୍ୟରେ ୧୫ ଜଣଙ୍କ ମୃତ୍ୟୁ ହୋଇଯାଇଛି ଏବଂ ଅନେକ ନିଖୋଜ ଅଛନ୍ତି। ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶରେ ଲଗାଣ ବର୍ଷା ଓ ଭୂସ୍ଖଳନ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ବାଦଲଫଟା ବର୍ଷା, ଅଚାନକ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଆଜି ଉଭୟ ରାଜ୍ୟରେ ୧୫ ଜଣଙ୍କ ମୃତ୍ୟୁ ହୋଇଯାଇଛି ଏବଂ ଅନେକ ନିଖୋଜ ଅଛନ୍ତି। ଅଚାନକ ବନ୍ୟାରେ ଉତ୍ତରାଖଣ୍ଡର ବାଗେଶ୍ୱରରେ ୪ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନେକ ଲୋକ ନିଖୋଜ ଅଛନ୍ତି। ରାଜ୍ୟରେ ସର୍ବାଧିକ ପ୍ରଭାବିତ ଜିଲ୍ଲା ମଧ୍ୟରେ ରହିଛି ରୁଦ୍ରପ୍ରୟାଗ ଓ ଚାମୋଲି। ବାଦଲଫଟା ବର୍ଷା ଯୋଗୁଁ ଏଠାରେ ଅନେକ ଘର ପୋତି ହୋଇଯାଇଛି। ଦେଓ୍ୱଲର ମୋପଟା ଅଞ୍ଚଳରେ ଅଚାନକ ବନ୍ୟା ଆସିବା ଦ୍ୱାରା ଜଣଙ୍କ ଘର ଭସାଇ ନେଇଛି। ଏହି ଘଟଣାରେ ୨ ଜଣ ନିଖୋଜ ଅଛନ୍ତି ଏବ ଜଣେ ଆହତ ହୋଇଛନ୍ତି। କିଛି ସ୍ଥାନରେ ପୃଷ୍ଠା-୬

# ବିଜେଡି କନ୍ଦଳ ବଢ଼ାଉଛି ସୁପ୍ରିମୋଙ୍କ ଚିନ୍ତା




ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ରାଜ୍ୟ ବିଜେଡିରେ କନ୍ଦଳ ପିଛା ଛାଡୁନାହିଁ। କେତେବେଳେ ପାଣ୍ଡିଆନଙ୍କୁ ନେଇ ଦଳରେ ବିବାଦ ଦେଖାଦେଉଛି ତ କେତେବେଳେ ପଦାଧିକାରୀ ନିଯୁକ୍ତି ନେଇ ଗୋଟିଏ ଗୋଷ୍ଠୀ ଖପ୍ପା ହେଉଛନ୍ତି। ସଦସ୍ୟତମ ବିବାଦ ସୃଷ୍ଟି ହୋଇଛି ନୂଆ ଛାତ୍ର ଓ ଯୁବ ସଭାପତି ନିଯୁକ୍ତି ପରଠାରୁ। ଏହି ନିଯୁକ୍ତିରେ ଯୁବ ଓ ଛାତ୍ର ନେତାମାନେ ଯେତିକି କ୍ଷୁବ୍ଧ ହୋଇନାହାଁନ୍ତି ତା'ଠାରୁ ଅଧିକ ଅସନ୍ତୁଷ୍ଟ ହୋଇଛି ବରିଷ୍ଠ ନେତାମାନେ।

**ଅସନ୍ତୁଷ୍ଟଙ୍କ ମାନଭଞ୍ଜନ ପାଇଁ ପୃଥକ ବୈଠକ**

ଯେକୌଣସି ରାଜନୈତିକ ଦଳ ପାଇଁ ଯୁବ, ଛାତ୍ର ଓ ମହିଳା ସଂଗଠନ ହେଉଛି ମେରୁଦଣ୍ଡ ଭଳି। ଏହି ତିନୋଟି ଛାମୁଆ ସଂଗଠନ ଯେତିକି ଶକ୍ତିଶାଳୀ ଓ ସକ୍ରିୟ ରହିବ ଦଳ ସେତିକି ଚର୍ଚ୍ଚାରେ ରହିଥାଏ। ଯେଉଁଥିପାଇଁ ସବୁ ଦଳ ଛାମୁଆ ସଂଗଠନ ପାଇଁ ବଛାବଛା ସଂଗଠକଙ୍କୁ ନେଇଥାନ୍ତି। ଈପ୍ସିତା ସାହୁ ଓ ଚିନ୍ମୟ ସାହୁଙ୍କୁ ଦଳ କେଉଁ ଦୃଷ୍ଟିକୋଣରୁ ବାଚିଛି ତାହା ସୁପ୍ରିମୋଙ୍କ ଜଣା। କିନ୍ତୁ ଏହି ଚୟନରେ ବହୁ ଛାତ୍ରନେତା ଖୁସି ନାହାଁନ୍ତି। ପୂର୍ବତନ ଛାତ୍ର ଓ ଯୁବ ସଭାପତି ବି ଉପରେ ଖୁସି, ଭିତରେ ରକ୍ତ ଚାଉଳ ଚୋବାଇବା ଭଳି ଆଚରଣ ଦେଖାଉଛନ୍ତି। ସେମାନଙ୍କ ଭିନ୍ନ ଦଳରେ ଆହୁରି ଅନେକ ଛାତ୍ର ଓ ଯୁବ ନେତା ଥିଲେ ଯେଉଁମାନେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକୁ ଆଖେଇଥିଲେ। ସେମାନେ ଏକ ପ୍ରକାର ଅସହଯୋଗ ଘୋଷଣା କରିସାରିଥିଲେ। ତେଣୁ ସେମାନଙ୍କୁ ଆଜି ଶଙ୍ଖ ଭବନ ଡାକି ଦଳର ବରିଷ୍ଠ ନେତାମାନେ ଆଲୋଚନା କରିଛନ୍ତି।

ସେହିଭଳି ଏହି ଦୁଇ ନେତା କାହା ସୁପାରିସରେ ଦାୟିତ୍ୱ ନେଇଛନ୍ତି ତାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ରାଜ୍ୟ ରାଜନୀତି ସହ ଜଡିତ ନେତାମାନେ ଜାଣନ୍ତି ଏହି ଦୁଇ ନେତା କାହାର ଶିଷ୍ୟ। ତେଣୁ ସେମାନଙ୍କୁ ମାର୍ଗଦର୍ଶନ ମିଳିବାରେ ସମସ୍ୟା ନାହିଁ। କାରଣ ସେମାନେ ଯାହାର ଶିଷ୍ୟ ଓ ଶିଷ୍ୟା ସେ ଜଣେ ବିଚକ୍ଷଣ କୂଟନୀତିଜ୍ଞ। ତାସାଙ୍ଗକୁ ପୁଣି ବ୍ୟୋମକେଶ ରାୟଙ୍କୁ ଯୁବ ବ୍ୟାପାରର ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ବରିଷ୍ଠ ନେତା ରାଜେନ୍ଦ୍ର ସାହୁଙ୍କ ଯୁବ ପୃଷ୍ଠା-୬



**କାନ ଡେରିଆ**

ଗଣେଶ ପୂଜାରେ ଭାରି ଉଲ୍ଲାସରେ
ମେଢ଼କୁ ସଜାଇ ଥିଲେ
ବାଟରେ ଘାଟରେ ଚାନ୍ଦା ଭେଦା ମାଗି
ଡି.ଜେ କୁ ବଜାଇ ଦେଲେ
ହିସାବଟା ଦେଖିଦେଲେ...
ମସ୍ତି ପାଇଁ ମାଲ ପ୍ରବଳ ଆସିଛି
ପ୍ରଭୁ ଟେନସନ ହେଲେ ।

■ ଦେବାଶିଷ

# ଓସିପିଏଲ୍ ପଇସା ଚଳୁ ପାଇଁ ଉଦ୍ୟମ ଆରମ୍ଭ

**ଓପିଜିସିରେ ମିଶାଇବାକୁ ନାପସନ୍ଦ**

**ଓଡ଼ିଶା ମଡେଲ ଆପଣାଉଛି ଏନ୍‌ଟିପିସି**




ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଲାଭଦାୟକ ସଂସ୍ଥା ଓସିପିଏଲ୍ (ଓଡ଼ିଶା କୋଲ୍ ଆଣ୍ଡ୍ ପାଓ୍ୱାର) ଲିମିଟେଡ ନିକଟରେ ଥିବା ପ୍ରାୟ ୩ ହଜାର କୋଟି ଟଙ୍କାର ଲାଭାଂଶ ଚଳୁ ପାଇଁ ଆରମ୍ଭ ହୋଇଛି ସୁଚିନ୍ତିତ ଯୋଜନା। ଶକ୍ତି ବିଭାଗ ଅଧିନରେ ଥିବା ଓପିଜିସି ସହିତ ଓସିପିଏଲ୍‌ର ମିଶ୍ରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିବାରୁ କର୍ମଚାରୀମାନେ ଏଭଳି ଆଶଙ୍କା କରୁଛନ୍ତି।

କର୍ମଚାରୀ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଓପିଜିସିକୁ ସହଜରେ କୋଇଲା ଯୋଗାଣ ପାଇଁ ରାଜ୍ୟ ସରକାର ଓସିପିଏଲ୍ ପ୍ରତିଷ୍ଠା କରିଥିଲେ। ବିନା ଲାଭରେ କୋଇଲା ଯୋଗାଣ ପାଇଁ ସର୍ତ୍ତ ଥିଲା। ଏଥିପାଇଁ କେନ୍ଦ୍ର ସରକାର ମାତ୍ର ଏକ ଟଙ୍କା ମୂଲ୍ୟରେ ଓସିପିଏଲ୍‌କୁ କୋଇଲା ଖଣି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଓସିପିଏଲ୍ ତାହାର କୋଇଲାକୁ ଓପିଜିସି ସହିତ ବେଦାନ୍ତ ଓ ଅନ୍ୟ ସଂସ୍ଥାକୁ ବିକ୍ରି କରିଥିଲା। ସେଥିରୁ ବେଶ୍ ଲାଭ ମିଳିଥିଲା। ହେଲେ କେନ୍ଦ୍ର ସରକାରଙ୍କ ସହିତ ହୋଇଥିବା ସର୍ତ୍ତ ଅନୁଯାୟୀ ଓସିପିଏଲ୍ ତାହାର ଲାଭାଂଶ ଘୋଷଣା କରେନାହିଁ କି ସରକାରଙ୍କୁ ଲାଭାଂଶ ପ୍ରଦାନ କରେନାହିଁ। ଲାଭାଂଶ ବାବଦରେ ଓସିପିଏଲ୍ ନିକଟରେ ପ୍ରାୟ ୩୦୦୦ କୋଟି ଟଙ୍କା ରହିଥିବା କର୍ମଚାରୀମାନେ ଆକଳନ କରୁଛନ୍ତି।

ତେବେ ଏହି ଦୁଇ ସଂସ୍ଥାର ମିଶ୍ରଣକୁ ବି ଶକ୍ତି ସମୀକ୍ଷକମାନେ ନାପସନ୍ଦ କରୁଛନ୍ତି। ଏ ସଂକ୍ରାନ୍ତରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ବର୍ତ୍ତମାନ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ ପ୍ରସ୍ତାବ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ। କାରଣ ଓସିପିଏଲକୁ ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ବ୍ୟାବସାୟିକ କୋଇଲା ଖଣି ସୁନ୍ଦରଗଡର ଟାଙ୍ଗରଡ଼ିହି-ଉତ୍ତର ମିଳିଛି। ଏହି କୋଇଲା ଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୧୬ ନିୟୁତ ଟନ। ଯେହେତୁ ଓସିପିଏଲ ଏହାର ମନୋହରପୁର କୋଇଲାଖଣିରୁ ସୁରୁଖୁରୁରେ ଗତ ୬ ବର୍ଷହେଲା କୋଇଲା ଉତ୍ପାଦନ କରି ଓପିଜିସିର ଆବଶ୍ୟକତା ପୂରଣ କରୁଛି ଓ ଏଥିରେ ସିଦ୍ଧହସ୍ତ ହୋଇଛି ତେଣୁ ମିଶ୍ରଣ ପ୍ରସ୍ତାବ ରାଜ୍ୟପାଇଁ କ୍ଷତିକାରକ। ଓସିପିଏଲ ବ୍ୟବସାୟୀକ କୋଇଲାଖଣି ପରିଚାଳନା କଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହେବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୨୦୨୩-୨୪ରେ ଓସିପିଏଲ ୧୨ ନିୟୁତ ଟନ କୋଇଲା ଉତ୍ପାଦନ କରିଥିବାବେଳେ ଚଳିତ ବର୍ଷପାଇଁ ୧୬ ନିୟୁତ ଟନ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରିଛି।

ସେ କହିଛନ୍ତି ଓସିପିଏଲ-ଓପିଜିସି ମିଶ୍ରଣ ପଛରେ ଥିବା ବଡ ଯୁକ୍ତିଟି ହେଉଛି ଜିଏସଟି କ୍ଷତିପୂରଣ ସେସ ଟନପିଛା ୪୦୦ ଟଙ୍କା ଆଉ ଭରଣା କରିବାକୁ ପଡିବ ନାହିଁ। ଫଳରେ ଓପିଜିସି ବିଦ୍ୟୁତମୂଲ୍ୟ ହ୍ରାସ ଘଟିବ ଓ ସେଥିପାଇଁ ଓଡ଼ିଶାର ଏକକୋଟି ବିଦ୍ୟୁତ ଉପଭୋକ୍ତା ଉପକୃତ ହେବେ। କିନ୍ତୁ ଜିଏସଟି କ୍ଷତିପୂରଣ ସେସ ଆଦାୟ ପୃଷ୍ଠା-୬

## ପୁଣି ଓଡ଼ିଶା ଆସିବେ ରାହୁଲ



- ବିଭିନ୍ନ ଜିଲ୍ଲା ଗସ୍ତ କରିବେ
- ସୂଚନା ଦେଲେ ଭକ୍ତ

ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ପୁଣି ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ। ଆସନ୍ତା ନଭେମ୍ବର, ଡିସେମ୍ବର ମାସରେ ଓଡ଼ିଶା ଗସ୍ତରେ ରାହୁଲ ଗାନ୍ଧୀ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ପିସିସି ସଭାପତି ଭକ୍ତଚରଣ ଦାସ ଆଜି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଗାମୀ ଦିନରେ ରାଜ୍ୟ କଂଗ୍ରେସ ପକ୍ଷରୁ ବଡ଼ କାର୍ଯ୍ୟକ୍ରମ ରହିଛି। ଯେଉଁଥିରେ ଯୋଗ ଦେବା ପାଇଁ ରାହୁଲ ଗାନ୍ଧି ଓଡ଼ିଶା ଆସିବେ। ଭୋଟ ଚୋରି, ଗରିବୀ, ନାରୀ ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ବିଶାଳ କାର୍ଯ୍ୟକ୍ରମ ହେବ। ଏହି ଗସ୍ତ ଅବସରରେ ରାହୁଲ ଗାନ୍ଧୀ ରୋଡ଼ ଶୋ କରିବେ, ସାଧାରଣ ସଭାରେ ଯୋଗ ଦେବେ ଓ ବିଭିନ୍ନ ଜିଲ୍ଲାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେବେ। ତେବେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ରାଜ୍ୟ କଂଗ୍ରେସ ଉପରେ କେତେ ପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଲା। ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ହେବ ରାଜ୍ୟର ଶାସନ ଗାଦିଠାରୁ ଦୂରରେ ରହିଛି କଂଗ୍ରେସ। ୧୯୯୫ ମସିହାରେ ଶେଷ ଥର ପାଇଁ ରାଜ୍ୟରେ ପୃଷ୍ଠା-୬

# ନୂତନ ଆର୍‌ଟିଓଙ୍କ ଯୋଗଦାନ



**କେନ୍ଦ୍ରାପଡ଼ା,୩୦।୮ (ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ନୂତନ ଆର୍ଟିଓ ଭାବେ ଶ୍ରୀଯୁକ୍ତ ଲୋକନାଥ ମେହେର ଯୋଗଦାନ କରିଛନ୍ତି । ପୂର୍ବରୁ ଶ୍ରୀଯୁକ୍ତ ମେହେର ଝାରସୁଗୁଡା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏମ.ଭି.ଆଇ ଭାବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୁଚାରୁ ରୂପେ ଦୀର୍ଘ ୪ ବର୍ଷକାଳ ତୁଲାଇବା ପରେ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି । ସମସ୍ତ କର୍ମଚାରୀ ମାନଙ୍କ ପକ୍ଷରୁ ମଧ ଶ୍ରୀଯୁକ୍ତ ମେହେରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଶ୍ରୀଯୁକ୍ତ ମେହେର ମଧ ସମସ୍ତ କର୍ମଚାରୀ ମାନଙ୍କୁ ସଠିକ ସମୟରେ କାର୍ଯ୍ୟାଳୟକୁ ଆସି ସଠିକ ସମୟରେ ଯିବାପାଇଁ ଉଚିତ ପରାମର୍ଶ ଦେଇଥିଲେ । ସମୟ ନଷ୍ଟ ନକରି ନିଜ ପରିବାର ପାଇଁ ମଧ ଦୁଇ ଘଣ୍ଟା ସମୟ ଦେବାପାଇଁ ସମସ୍ତ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

● ନୃଶଂସ ପାଲଟିଲା ମଣିଷ

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ



**ମାର୍ଶାଘାଇ,୩୦।୮ (ସଂଚାର ବ୍ୟୁରୋ):** ଅମାନୁଷିକ ପାଲଟିଲା ମଣିଷ । ଜଣେ ବୃଦ୍ଧ ଲୋକଙ୍କୁ ନୃଶଂସ ଭାବେ ମରଣାନ୍ତକ ଆକ୍ରମଣ କରି ଗୁରୁତର ଅବସ୍ଥା କରିଥିବା ଅଭିଯୋଗ ହୋଇଛି। ମାର୍ଶାଘାଇ ଥାନା ଅନ୍ତର୍ଗତ ବରେଇ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧ ଉମେଶ ପତିଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି । ଶୁକ୍ରବାର ରାତି ୧ଟା ସମୟରେ ବୃଦ୍ଧ ଉମେଶ ଶୋଇଥିବା ବେଳେ ଗାଁର ୩ ଜଣ ଯୁବକ ତାଙ୍କ ଘର କବାଟ ଭାଙ୍ଗି ପ୍ରବେଶ କରିଥିଲେ। ଘରେ ଶୋଇଥିବା ବୃଦ୍ଧଙ୍କୁ ଟେକିନେଇ ନିସ୍ତୁକ ମାଡ଼ମାରି ଗୁରୁତର ଭାବେ ଆହତ କରିଥିଲେ । ଆକ୍ରମଣ କରିବା ପରେ ଆହତ ଉମେଶଙ୍କୁ ଘର ପଛପଟେ ଫିଙ୍ଗିଦେଇଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ସମ୍ପର୍କିୟମାନେ ବୃଦ୍ଧଙ୍କୁ ଉଦ୍ଧାରକରି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଏ ସମ୍ପର୍କରେ ପୁଲିସ ନିକଟରେ ଉମେଶଙ୍କ ଝିଅ ସରସ୍ୱତୀ ଦାସ ଘଟଣାରେ ସଂପୃକ୍ତ ସେହିଗ୍ରାମର ମିଟୁ କବି, ଟିଟୁ କବି ଓ ପିକୁ କବି ତାଙ୍କ 'ବାପାଙ୍କୁ ଆକ୍ରମଣ କରି ବାଡ଼ପଟେ ଫିଙ୍ଗିଦେଇଥିବା ନେଇ ଅଭିଯୋଗ କରିଛନ୍ତି । ଗୁରୁତର ଅବସ୍ଥାରେ ବୃଦ୍ଧ ଉମେଶଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ଝିଅ ସରସ୍ୱତୀଙ୍କ ଅଭିଯୋଗ ଆଧାରରେ ପୁଲିସ କେସନଂ ୨୫୭/୨୫ ଦାୟରକରି ତଦନ୍ତ ଆରମ୍ଭକରିବା ଆଇଆଇସି ତପନ ନାୟକ କହିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବ୍ୟବସାୟିକ ଟଙ୍କାକୁ ନେଇ ମରଣାନ୍ତକ ଆକ୍ରମଣ

**ଡେରାବିଶ,୩୦।୮(ସଂଚାର ବ୍ୟୁରୋ):** ଡେରାବଶ ବ୍ଲକ୍ ଚାନ୍ଦୋଳ ବଜାରରେ ଦୀର୍ଘଦିନ ଧରି ପରିବା ବ୍ୟବସାୟ କରି ଆସୁଥିବା ଡମ୍ବରୁଧର ସାହୁ ଏବଂ ଦିପକ ସେଣ ମିସିକି ବ୍ୟବସାୟ କରି ବେଶ୍ ଆନନ୍ଦରେ ଚଳି ଆସୁଥିବା ବେଳେ ଅର୍ଥକୁ ନେଇ ଅନର୍ଥ ସୃଷ୍ଟି ହୋଇଥିଲା। ସୁଚନା ମୁତାବକ ୨ଦିନ ତଳେ ଭଦ୍ରଲୋକ ବ୍ୟବସାୟୀ ମାନଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସମାଧାନ କରଯାଇ ଉଭୟ ପକ୍ଷ ୫୦ପ୍ରତିଶତ ଲେଖା ଭରଣା କରିବେ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଆଜି ସକାଳେ ଦିବା ୧୧ଘଟିକା ସମୟରେ ଡମ୍ବରୁଧର ସାହୁ ଚାନ୍ଦୋଳ ବଜାରରୁ ଘରକୁ ଖାଇବା ପାଇଁ ଯାଉଥିବା ସମୟରେ ଦିପକ ସେଣ ଏବଂ ତାଙ୍କ ପିତା ଦୈତାରି ସେଣ ଚାନ୍ଦୋଳ ପଶୁ ଚିକିତ୍ସାଳୟ ପାଖରେ ଥିବା ପାର୍କ ନିକଟସ୍ଥ ଏକ ବରଗଛ ମୂଳେ ପୂର୍ବରୁ ଲୁଚି ବସିଥିଲେ ହଠାତ୍ ବାପା ଦୈତାରି ସେଣ ଡମ୍ବରୁର ଦୁଇ ଚକିଆ ଯାନକୁ ଅଟକାଇ ଅତର୍କିତ ଭାବେ ଏକ ଧାରୁଆ ଖଣ୍ଡାରେ ଆକ୍ରମଣ କରିଥିଲେ। ଡମ୍ବରୁ ଜୀବନ ବିକଳରେ ନିଜକୁ ବଞ୍ଚାଇବାକୁ ଯାଇ ନିଜ ବାମ ହାତ ଦେଖାଇଥିଲା। ଯାହାଫଳରେ ଖଣ୍ଡାର ଚୋଟଟି ଡମ୍ବରୁର ବାମ ହାତରେ ଆଘାତ ଦେଇଥିଲା ପରେ ଉଭୟ ଡମ୍ବରୁର ବେକକୁ ଚୋଟ ପକାଇବାକୁ ଯାଉଥିବା ବେଳେ କିଛି ସ୍ଥାନୀୟ ଲୋକ ଆସିଜିବାରୁ କୌଶଳ କ୍ରମେ ନିଜ ଜୀବନ ବଞ୍ଚାଇ ଡମ୍ବରୁ ଦୌଡି ପଳାଇଥିଲା। ପରେ ଉଭୟ ବାପ ପୁଅ ଡମ୍ବରୁକୁ ଜୀବନରୁ ଶେଷ କରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି।

# ବଜାର କମିଟି ସଭାପତିଙ୍କୁ ମାଡ଼, ଥାନାରେ ଅଭିଯୋଗ

**କେନ୍ଦ୍ରାପଡା,୩୦।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଦୁହୁରିଆ ଶୁଭଲକ୍ଷ୍ମୀ କ୍ରସିଂ ବଜାର ବ୍ୟବସାୟୀ ସଂଘର ସଭାପତି କ୍ଷେତ୍ରବାସୀ ସାହୁଙ୍କୁ ନିସ୍ତୁକ ମାଡ ମାରିଥିବ ନେଇ ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ରୁ ପ୍ରକାଶ ଯେ, ଅସନ୍ତା ଗଜଲକ୍ଷ୍ମୀ ପୂଜା ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ନିମନ୍ତେ ସଭାପତି ଶ୍ରୀ ସାହୁ ଖାତାରେ ଦୋକାନୀ ମାନଙ୍କ ଠାରୁ ଦସ୍ତଖତ କରାଉ ଥିବା ସମୟରେ ସେହି ଅଂଚଳର ଜଣେ ମଦ ବ୍ୟବସାୟୀ ହଠାତ୍ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ନିସ୍ତୁକ ମାଡ ମାରିଥିବା ନେଇ ଅଭିଯୋଗ ହୋଇଛି । ତେବେ ସଦର ଆଇଆଇସି ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ମାମଲା ରୁଜୁ କରିଥିବା ଜଣାପଡିଛି । ବଜାର କମିଟି ସଭାପତିଙ୍କୁ ମାଡ ମାରିଥିବାରୁ ସ୍ଥାନୀୟ ଅଂଚଲରେ ଅସନ୍ତୋଷ ପ୍ରକାଶ ପାଇଛି ।

# ରାସ୍ତା ଅବସ୍ଥା ଶୋଚନୀୟ, ଲୋକେ ହନ୍ତସନ୍ତ



**ସାଲେପୁର,୩୦।୮ (ସଂଚାର ବ୍ୟୁରୋ):** ଚନ୍ଦ୍ରାଦେଇପୁର ପଞ୍ଚାୟତର ୨ଗୋଟି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ଏହି ରାସ୍ତାର ମରାମତି କରାନଯିବା ଓ ରାସ୍ତାରୁ ପାଣି ନିଷ୍କାସନ କରାନଯିବାରୁ ଲୋକମାନେ ବାଧ ହୋଇ ପାଣିକାଦୁଅରେ ପଶି ଯାତାୟତ କରୁଛନ୍ତି। ଏହାନେଇ ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ ଏ ଦିଗରେ କେହି କର୍ଣ୍ଣପାତ କରୁନଥିବାରୁ ଏହି ପାଣି କାଦୁଅ ପୂର୍ଣ୍ଣ ରାସ୍ତାରେ କୁନି କୁନି ସ୍କୁଲ ପିଲାଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ ଯାତାୟତ କରିବାକୁ ବାଧ ହେଉଛନ୍ତି।

ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ସ୍କୁଲର ଦକ୍ଷିଣ ପାର୍ଶ୍ୱ ବାରିକ ସାହି ରାସ୍ତା ଦୀର୍ଘଦିନ ହେବ ପାଣି କାଦୁଅରେ ପରିପୂର୍ଣ୍ଣ ହେବା ସହ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି। ଏହି ରାସ୍ତାରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନଥିବାରୁ ରାସ୍ତାରେ ପାଣି ଜମି ହୋଇ ରାସ୍ତାଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହୁଥିବାବେଳେ ଅଧିକାଂଶ ସ୍ଥାନରେ ରାସ୍ତାରେ କାଦୁଅ ଜମା ହୋଇ ରହିଛି। ଫଳରେ ଏହି ରାସ୍ତାରେ ନିୟମିତ ଯାତାୟତ କରୁଥିବା ପଥଚାରୀମାନେ ପାଣି ଭିତରେ ଥିବା ଗର୍ତ୍ତକୁ ଜାଣିନପାରି ଦୁର୍ଘଟଣାଗ୍ରସ୍ତ ହେଉଥିବାବେଳେ ବିଦ୍ୟାଳୟର କୁନି କୁନି ପିଲାମାନେ ବାଧ ହୋଇ ଏହି ପାଣିରେ ଯାତାୟତ କରୁଛନ୍ତି।

ଏହି ରାସ୍ତା ଉପରେ ବାରିକସାହି, ଭୂୟାଁସାହି, ମହାପାତ୍ର ସାହିର ଲୋକମାନେ ନିର୍ଭରଶୀଳ ହୋଇଥିବାବେଳେ ଏହି ରାସ୍ତାଟି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ସେହିପରି ଚନ୍ଦ୍ରାଦେଇପୁର ସ୍କୁଲର ପଛପଟ ରାସ୍ତାଟି ଏହି ରାସ୍ତା ପରି ସମାନ୍ ପରିସ୍ଥିତିରେ ରହିଅଛି। କୁଆଁପାଳ ମୁଖ୍ୟ ରାସ୍ତାରୁ ବେହେରା ସାହିକୁ ସଂଯୋଗ କରୁଥିବା ଏହି ରାସ୍ତାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନଥିବାରୁ ଏହି ରାସ୍ତାରେ ଆଣ୍ଠୁଏ ଲେଖାଁ ପାଣି ଜମି ରହିବା ସହ ରାସ୍ତାଟି ଅତ୍ୟନ୍ତ ଖରାପ ହୋଇରହିଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଓ ଛୋଟ ଛୋଟ ପିଲାମାନେ ବାଧ ହୋଇ ପାଣିରେ ପଶି ଯାତାୟତ କରୁଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଉଭୟ ରାସ୍ତାକୁ ଉଚ୍ଚ କରିବା ସହ ରାସ୍ତା ମରାମତି କରିବାପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଶିକ୍ଷକ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା



## ଫାଟକ ଆଗରେ ବସିଲେ ପିଲା ଓ ଗ୍ରାମବାସୀ

## ସିଆରସିଙ୍କ ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ

**ମାର୍ଶାଘାଇ,୩୦।୮(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ବାଲିଘାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ଅସନ୍ତୋଷ ଦେଖା ଦେଇଛି । ୩ ଦିନ ଛୁଟି ପରେ ବିଦ୍ୟାଳୟ ଖୋଲିବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଗ୍ରାମବାସୀ ବିଦ୍ୟାଳୟ ଫାଟକ ଆଗରେ ବସି ପ୍ରତିବାଦ କରିଥିଲେ' ଏହି ବିଦ୍ୟାଳୟର ସହକାରୀ ଶିକ୍ଷକ ପତିତପାବନ ଦାସଙ୍କୁ ନିକଟସ୍ଥ ରାମଚନ୍ଦ୍ରପୁର ବିଦ୍ୟାଳୟକୁ ଅସ୍ଥାୟୀ ଭାବରେ କାମଚଳା ଶିକ୍ଷକ ଭାବରେ ମାର୍ଶାଘାଇ ବ୍ଲକ ଶିକ୍ଷଧିକାରୀ ବଦଳି କରିଥିଲେ । ବାଲିଘାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅସୁସ୍ଥ ଏବଂ ଆସନ୍ତା ମାର୍ଚ୍ଚ ମାସରେ ଅବସର ନେବା ସାଙ୍ଗକୁ ଅନ୍ୟ ଜଣେ ଶିକ୍ଷୟିତ୍ରୀ ମାତୃତ୍ୱ ଛୁଟିରେ ରହିଛନ୍ତି । ପତିତପାବନ ସାର ଙ୍କ ଉପରେ ବିଦ୍ୟାଳୟର ପାଠପଢ଼ା ନିର୍ଭର କରୁଥିବା ଦାବୀ କରି ଗ୍ରାମବାସୀ, ଛାତ୍ରଛାତ୍ରୀ, ପରିଚାଳନା କମିଟିଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ଆମ ଶିକ୍ଷକଙ୍କୁ ଫେରାଇ ଦିଅ ଦାବି କରି ଶନିବାର ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ ।

ଖବର ପାଇ ସିଆରସିସି ପର୍ଶୁରାମ ନାୟକ ବିଦ୍ୟାଳୟରେ ପହଂଚି ବୁଝାସୁଝା କରିଥିଲେ ବି ବଦଳି ହୋଇଥିବା ଶିକ୍ଷକ ପତିତପାବନ ଦାସଙ୍କୁ ବିଦ୍ୟାଳୟକୁ ଫେରାଇଦେବା ପାଇଁ ଜିଦ ଧରିଥିଲେ ଏବଂ ଲିଖିତ ପ୍ରତିଶୃତି ଦାବୀ କରିଥିଲେ । ଶେଷରେ ଶିକ୍ଷକ ପତିତପାବନ ଦାସଙ୍କ ବଦଳରେ ଶିକ୍ଷୟିତ୍ରୀ ଅନୁସୂୟା ସାହୁଙ୍କୁ ରାମଚନ୍ଦ୍ରପୁର ବିଦ୍ୟାଳୟକୁ ଅସ୍ଥାୟୀ ଭାବରେ ବଦଳି କରାଯିବାକୁ ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀଙ୍କ ମଧରେ ସହମତି ହୋଇଥିଲା। ସିଆରସିସି ପର୍ଶୁରାମ ନାୟକ ଲିଖିତ ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ଏବଂ ବିଦ୍ୟାଳୟର ଫାଟକ ଖୋଲାଯାଇ ପାଠ ପଢ଼ା ସ୍ୱାଭାବିକ ହୋଇଥିଲା ।

# ଭିତରକନିକାରେ ଆରମ୍ଭ ହେଲା ଦେଶୀୟ ପକ୍ଷୀଙ୍କ ଗଣନା



**ରାଜନଗର,୩୦।୮(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଭିଡ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ଆଜିଠାରୁ ଆରମ୍ଭ ହୋଇଛି। ଭିତରକନିକା ଜାତୀୟ ଉଦ୍ୟାନର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ବାଲିଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ। ଆଜି ପ୍ରଥମ ଦିନରେ ମଠଆଡିଆ ଓ ଲକ୍ଷ୍ମୀପ୍ରସାଦଡିଆରୁ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇଛି। ବନଖଣ୍ଡ ଅଧିକାରୀ ଭରଦଦ୍ୱାଜ ଗାଓଁଙ୍କର ତତ୍ତ୍ୱାବଧାନରେ କନିକା ରେଞ୍ଜର ଦୁଇଟି ଟିମ ଗଣନା ଆରମ୍ଭ କରିଛନ୍ତି। ଆଜି ୨ଟି ଗ୍ରୁପରେ ୭ଜଣ ଲେଖାଏଁ ଅଭିଜ୍ଞ ବନକର୍ମଚାରୀମାନେ ମଠଆଡିଆ ଓଲକ୍ଷ୍ମୀପ୍ରସାଦଡିଆ ରେ ପକ୍ଷୀଙ୍କ ଗଣନା ଆରମ୍ଭ କରିଛନ୍ତି। ଜାତୀୟଉଦ୍ୟାନ ବାହାରେ ଥିବା ରାଜନଗର ରେଞ୍ଜର ବାଲିଡିଆଠାରେ ଦୁଇଟି ଟିମ ପକ୍ଷୀ ଗଣନା କରିବାକୁ ଯାଇଥିଲେ ମଧ ବନ୍ୟା ପାଣି ଅଧିକ ଥିବାରୁ ଗଣନା କରିନପାରି ଫେରିଛନ୍ତି।

# ସଂଗଠନ ମଜବୁତ ପାଇଁ ବିଜେପିର ବୈଠକ



**ମାର୍ଶାଘାଇ,୩୦।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁହୁଡି ପଞ୍ଚାୟତର ବିଜେପି ପରିବାର ତରଫରୁ ମା' ନାହାକାଣୀ ପୀଠରେ ପୂର୍ବତନ ଜିଲ୍ଲା ଓବିସି ମୋର୍ଚ୍ଚା ସମ୍ପାଦକ ସିଲୁ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଏକ ବୈଠକ ଆୟୋଜନ ହୋଇଥିଲା ଏହି ବୈଠକରେ ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତା ଏବଂ ପଞ୍ଚାୟତ ୧୨୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ବସି ପଞ୍ଚାୟତର ସଙ୍ଗଠନ କିପରି ମଜଭୁତ କରାଯିବ ଏବଂ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଓ ଏହାର ସମାଧାନ କିପରି ହେବ ଏହା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କୁହୁଡି ପଞ୍ଚାୟତର ସଭାପତି କାହ୍ନୁ ଭାଇ, ବରିଷ୍ଠ କାର୍ଯ୍ୟକର୍ତ୍ତା ଭାଗବାନ ସାହୁ , ସାର୍ଥକ ପରିଜା, ଅମୂଲ୍ୟ ସୁତାର, ଲକ୍ଷ୍ମୀଧର ବେହେରା, ଗାୟାଚାନ୍ଦ ପରିଡ଼ା, ପ୍ରକାଶ ଜେନା,ସୋନୁ ଦଳାଇ, ଅଶୋକ ସ୍ୱାଇଁ ପ୍ରମୁଖ ଏବଂ ପ୍ରତ୍ୟକ ବୁଥ୍ର ସଭାପତି ଏବଂ ବହୁତ୍ ବରିଷ୍ଠ ଓ କନିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ କର୍ଯ୍ୟକମକୁ ସଫଳ କରିଥିଲେ।

ସଂଚାର ପ୍ରଭାବ

# ତିଆରି ହେଲା ସୁରକ୍ଷା ବାଡ଼



**ମହାକାଳପଡ଼ା,୩୦।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବଳିପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ଶବ ଦାହ ପାଇଁ ନିର୍ମାଣ ହୋଇଥିବା ଶ୍ମଶାନ ଗୃହ ପାଖରେ ବିପଦ ସଙ୍କୁଳ ଅବସ୍ଥାରେ ଏକ ମୁକୁଳା ଟ୍ରାନ୍ସଫର୍ମର ରହିଥିଲା। ହାତ ପାହାନ୍ତାରେ ଫ୍ୟୁଜ ତାର ଝୁଲିକି ଥିବାରୁ ଧନଜୀବନ ହାନୀ ହେବାର ଭୟ ସୃଷ୍ଟି ହେଉଥିଲା। ଟ୍ରାନ୍ସଫର୍ମର ର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ତିଆରି କରିବାକୁ ବାଲିସାହି ଗ୍ରାମବାସୀ ଦାବି କରିବା ପରେ ନଭେମ୍ବର ୨୩ ରେ ଦୈନିକ ଖବରକାଗଜ ସଂଚାର ରେ ଖବର ପ୍ରକାଶ ପାଇଥିଲା। ମାର୍ଚ୍ଚ ୨୯ ରେ ବିଦ୍ୟୁତ ବିଭାଗ ତରଫରୁ ଟ୍ରାନ୍ସଫର୍ମର ଚାରିପଟେ ଗାତ ଖୋଳି କାର୍ଯ୍ୟ ଆରମ୍ଭ କରିଥିଲା। ଏବେ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏଥିପାଇଁ ଗ୍ରାମବାସୀ ସଂଚାର କୁ ଧନ୍ୟବାଦ ଜଣାଇଛନ୍ତି।

# ପଞ୍ଜିକରଣ ବନ୍ଦ, ସମବାୟ ସମିତିରୁ ନିରାଶ ହୋଇ ଫେରିଲେ ଚାଷୀ

**ପଟ୍ଟାମୁଣ୍ଡାଇ,୩୦।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଖରିଫ ଧାନ ପଞ୍ଜିକରଣ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଘୋଷଣା କରିଥିଲେ। ମାତ୍ର ଗତ ୨୫ ତାରିଖ ମଧରାତ୍ରୀରେ ସରକାର ହଠାତ୍ ସାଇଟ୍ ବନ୍ଦ କରିଦେଲେ । ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୧୪ଟି ସମବାୟ ସମିତିର ଶତାଧିକ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି।

ଶହ ଶହ ଚାଷୀ ପଞ୍ଜିକରଣ ପାଇଁ ଚାଷ କାର୍ଯ୍ୟ ଛାଡି ବିଭିନ୍ନ ଅଞ୍ଚଳରେ ଥିବା ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଯାଇ ପଞ୍ଜିକରଣ କରି ନପାରି ନିରାଶ ହୋଇ ଫେରିଛନ୍ତି। ପଟ୍ଟାମୁଣ୍ଡାଇ ଅଂଚଳର ବଡମୂଳବସନ୍ତ,ନରସିଂହପୁର,ଓଉପଦା, ସଂସାରଫଳ, ଖଡ଼ିଅଣ୍ଟା, ଶ୍ୟାମସୁନ୍ଦରପୁର, ଅଳଭା, ବଡଜରିଆ, ଚନ୍ଦନନଗର, ପେଣ୍ଟପାଳ, କଷଣଅଣ୍ଟା, ଡାମରପୁର, ବଡ଼ପଡା, ତେରୋହୀ ସମବାୟ ସମିତି ମାନଙ୍କର ଶତାଧିକ ଚାଷୀ ପଞ୍ଜିକରଣ କରିନଥିବା ଜଣାପଡିଛି। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଜମି ଚାଷ କରିଥିବା ଚାଷୀମାନେ ଉତ୍ପାଦିତ ଧାନ ଅଦର ଦରରେ ବିକ୍ରି କରି କିପରି ଲାଭବାନ ହେବେ ସେଥି ନେଇ ଚିନ୍ତାରେ ପଡିଛନ୍ତି। ଏଥି ନେଇ ଚାଷୀ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ସମବାୟ ମନ୍ତ୍ରୀ ପଟ୍ଟାମୁଣ୍ଡାଇ ଅଂଚଳର ଚାଷୀମାନଙ୍କୁ ପଞ୍ଜିକରଣ ସୁବିଧା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବୀ ହେଉଛି ।

# ସେତୁ ପାଇଁ ଜମି ଅଧିଗ୍ରହଣକୁ ନେଇ ତୀବ୍ର ଅସନ୍ତୋଷ



**ଆଳି,୩୦।୮(ସଂଚାର ବ୍ୟୁରୋ):** ଜମିଅଧିଗ୍ରହଣ ପକ୍ରିୟାକୁ ନେଇ ଭୂମି ମାଲିକଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି । କେନ୍ଦ୍ରାପଡା ଜିଲ୍ଲା କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ଠାରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ଜମିଅଧିଗ୍ରହଣ ପକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ ନେଇ ଭୂମୀ ମାଲିକଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଛି। ପୂର୍ବରୁ କୌଣସି ସୂଚନା ଦିଆନଯାଇ ସେତୁ ଓ ରାସ୍ତା ନିର୍ମାଣ ପାଇଁ ଜମିଅଧିଗ୍ରହଣ ନିମନ୍ତେ ଭୂମିମାଲିକଙ୍କ ନିକଟକୁ ପୂର୍ତ୍ତ ବିଭାଗ ପକ୍ଷରୁ ଗତ ୨୧ତାରିଖ ଦିନ ନୋଟିସ ଜାରିକରାଯାଇଛି। ଯାହାକୁ ନେଇ ଭୂମି ମାଲିକଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ଆଳି ତହସିଲ ଅଧିନ ଗୋପାଳପୁର ଓ ବିଲିକଣା ମୌଜାରେ ଜମିଅଧିଗ୍ରହଣ ପାଇଁ ୧୧୦ରୁ ଉର୍ଦ୍ଧ୍ୱ ଭୂମି ମାଲିକଙ୍କ ନିକଟକୁ ଏଭଳି ନୋଟିସ ଆସିଛି। କାହାର ବାସଗୃହ ଯାଉଛି ତ ଆଉ କାହାର ପୁଣି ଚାଷଜମି ମଧଯାଉଛି। ଭୂମିମାଲି ମାନେ ଜମିଯିବା ନେଇ ନୋଟିସ ପାଇବା ପରେ, ଥଇଥାନ ସହ ଉପଯୁକ୍ତ ପ୍ରାପ୍ୟପ୍ରଦାନ ନେଇ କେନ୍ଦ୍ରାପଡା ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଏନେଇ ଆଜି କେନ୍ଦ୍ରାପଡା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ, ପୂର୍ତ୍ତ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ଭୂମୀ ମାଲିକଙ୍କ ନିକଟରେ ପଂହଁଚି ଜମି ଅଧିଗ୍ରହଣ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଆଲୋଚନା ସୁଫଳ ମିଳିନଥିବା ବେଳେ ଭୂମିମାଲିକମାନେ ସଫାସଫା କହିଥିଲେ ଆମେ ସରକାରଙ୍କ ବିକାଶରେ ବାଧା ଦେବୁନି କିନ୍ତୁ ଥଇଥାନ ସହ ଉପଯୁକ୍ତ ପ୍ରାପ୍ୟ ନମିଳିଲେ ଆଗାମୀ ଦିନରେ ମାନ୍ୟବର କୋର୍ଟ ଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ବନ୍ଧୁକ ଜବତ, ଯୁବକ ଗିରଫ



**ରାଜନଗର,୩୦।୮(ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟରେ ଜଣେ ଅଜଣା ଯୁବକ ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରିଛନ୍ତି। ସ୍ଥାନୀୟ ଲୋକେ ଅଜଣା ଯୁବକଙ୍କୁ କାବୁ କରିବା ସହ ପୋଲିସ ଜିମା ଦେଇଛନ୍ତି। ଯୁବକ ଜଣଙ୍କ ନିଶାଗ୍ରସ୍ତ ଅବସ୍ଥାରେ ଆତଙ୍କ ସୃଷ୍ଟି କରିଥିଲେ। ଯୁବକ ଜଣଙ୍କ ବଙ୍ଗଳାରେ କଥା ହେଉଥିବା ବେଳେ ତାଙ୍କ ଘର ପଶ୍ଚିମବଙ୍ଗରେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନା ମୁତବକ ଆଜି ଦିନ ପ୍ରାୟ ୧୨ ଘଟିକା ସମୟରେ ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳର ଷଣ୍ଢିଖାଲ ଥାନା ଅନ୍ତର୍ଗତ ଦାଉଦପୁର ଗାଁର ମୃତ୍ୟୁଞ୍ଜୟ ମଣ୍ଡଳ (୩୦ ବର୍ଷ) ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟ ନିକଟରେ ପହଞ୍ଚିଥିଲେ। ଅଜଣା ଯୁବକ ବଙ୍ଗଳାରେ କଥା ହେଉଥିବା ବେଳେ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିବା ଘଟଣା ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ନିଶାଗ୍ରସ୍ତ ଯୁବକ ପଡ଼ିଯିବାରୁ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ରାଜନଗର ପୁଲିସକୁ ଖବର ଦେଇଥିଲେ। ପଚରାଉଚରାରୁ ଯୁବକଙ୍କ ପରିଚୟ ମିଳିଥିଲା। ଯୁବକ ଜଣଙ୍କ ସହିତ ୮ ଜଣଙ୍କୁ ଉତ୍ତର ବଗପାଟିଆର ବାସୁଦେବ ମଣ୍ଡଳ ଚାଷ କାମ ପାଇଁ ଡକାଇଥିଲେ। ଆଜି ଗାଁକୁ ଯିବାକୁ ଗୁପ୍ତି ଆସୁଥିବା ବେଳେ ବନ୍ଧୁକ ପାଇଥିଲା ବୋଲି ମୃତ୍ୟୁଞ୍ଜୟ କହିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।


## କେନ୍ଦ୍ରାପଡା ପୌର ପରିଷଦ, କେନ୍ଦ୍ରାପଡା

"ନିଖିଳ ଭାରତ ସ୍ୱାୟର ଶାସନ ଦିବସ ୨୦୨୫" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

**ନିବେଦନ**

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି। ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।
୨. ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ ।
୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।
୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର, ସ୍ୱଚ୍ଛକର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫିକୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।
୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥାର ବିନା ଅନୁମୋଦନରେ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

**ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି**, ନିର୍ବାହୀ ଅଧିକାରୀ | **ଆକବରୀ ଖାତୁନ**, ଉପାଧକ୍ଷା | **ଶ୍ରୀମତୀ ସରିତା ସାହୁ**, ଅଧକ୍ଷା

## ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ

ପଟ୍ଟାମୁଣ୍ଡାଇ ପୌର ପରିଷଦ ତାହାର ଅଗଣିତ ଟିକସ ଦାତା, ପୌରବାସୀ, ବ୍ୟବସାୟୀ, ଅନୁଷ୍ଠାନ ଓ ବୁଦ୍ଧିଜୀବୀ ମାନଙ୍କୁ ସ୍ୱାୟର ଶାସନ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।

**ନିବେଦନ**

୦୧. ପୌର ପରିଷଦ ଅଞ୍ଚଳର ଜନସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
୦୨. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ମଂଜୁର ନକ୍ସା ଅନୁସାରେ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
୦୩. ସହର ଓ ଆଭ୍ୟନ୍ତରୀଣ ରାସ୍ତା ଗୁଡିକ ଉପରକୁ ଗୃହ ପାଳିତ ପଶୁମାନଙ୍କୁ ଛାଡନ୍ତୁ ନାହିଁ ।
୦୪. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
୦୫. ସର୍ବସାଧାରଣ ଜାଗାରେ ଆବର୍ଜନା ପକାନ୍ତୁ ନାହିଁ । ସର୍ବଦା ଆବର୍ଜନାକୁ ଓଦା ଓ ଶୁଖିଲା ଡଷ୍ଟବିନରେ ପୃଥକ ଭାବରେ ରଖି ସ୍ୱଚ୍ଛ ସବାରୀ ଗାଡିକୁ ପ୍ରଦାନ କରନ୍ତୁ ।
୦୬. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
୦୭. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
୦୮. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜନା ଓ ଗୃହ ତିଆରି ସାମଗ୍ରୀ ତଥା ଇଟା, ବାଲି, ଗୋଡି ଇତ୍ୟାଦିକୁ ଜମା ରଖି ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
୦୯. ଡଷ୍ଟ ବିନକୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
୧୦. ବର୍ଷାଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ ସହିତ ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହରେ ବର୍ଷାଜଳ ପ୍ରକଳ୍ପ ତିଆରି କରନ୍ତୁ।

**ଆମର ଲକ୍ଷ୍ୟ:-**

- ପୌରପରିଷଦର ଅନେକ ଗୁଡିଏ ସ୍ଥାନରେ ଜନସାଧାରଣଙ୍କ ଆର୍ଥିକ ବୃଦ୍ଧି ନିମନ୍ତେ ଦୋକାନ ଗୃହ ନିର୍ମାଣ କରି ବଣ୍ଟନ କରାଯିବ।
- ପୌରପରିଷଦର କୌଣସି ପରିବା ହାଟ ନଥିବାରୁ ଏକ ପରିବା ହାଟ ନୂତନ ବସ୍ ଷ୍ଟାଣ୍ଡ ନିକଟରେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଅଛି।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଅଛି । ତାହା ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ ।

**ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ରା.ସେ**, ନିର୍ବାହୀ ଅଧିକାରୀ | **ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ**, ଅଧକ୍ଷ, ଉପାଧକ୍ଷା ଓ ସମସ୍ତ ପାରିଷଦ ବୃନ୍ଦ


# ବିରୂପାରେ ବନ୍ୟାଜଳ, ଦୁର୍ଦ୍ଦଶା ଭୋଗୁଛନ୍ତି ୯ନଂ ୱାର୍ଡବାସୀ



**ଡେରାବିଶ,୩୦।୮(ସଂଚାର ବ୍ୟୁରୋ):** ବିରୂପା ନଦୀରେ ବନ୍ୟା ଯୋଗୁଁ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆ ଲୋକ ଭୟଭୀତ ଅବସ୍ଥାରେ ରହିଛନ୍ତି । ତେବେ ମଙ୍ଗଳପୁର ପଞ୍ଚାୟତର ୯ ନମ୍ବର ୱାର୍ଡର ଘେରିବନ୍ଧ ତଳେଥିବା ୨୫ ରୁ ଉର୍ଦ୍ଧ୍ୱ ପରିବାର ପାଣି ଘେରରେ ରହିଛନ୍ତି। ବନ୍ୟାଜଳ ସାମାନ୍ୟ ହ୍ରାସ ପାଇଥିବାବେଳେ ସମ୍ପୃକ୍ତ ଗ୍ରାମରେ ବନ୍ୟାପାଣି ଲୋକଙ୍କ ଘରକୁ ଲାଗି ରହିଛି। ଫଳରେ ଗ୍ରାମବାସି ନଦୀପାଣିରେ ଆସୁଥିନା ସରୀସୃପ ଓ କୁମ୍ଭୀର ଆଶଙ୍କାରେ ଭୟଭୀତ ହୋଇ ବନ୍ଧ ଉପରୁ ଉଠିଆସିଛନ୍ତି। ଏପରିକି ବନ୍ୟାଜଳ ମାଟି ଘରର କାନ୍ଥକୁ ଲାଗିବାରୁ ଏଥିରୁ ମାଟି ଖସିଯାଉଥିବାବେଳେ କେତେକ ପରିବାର ସେହି ଘର ଛାଡ଼ି ବନ୍ଧ ଉପରକୁ ପଳାଇ ଆସିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ବନ୍ୟା ନିୟନ୍ତ୍ରଣ କକ୍ଷ ସୂଚନା ଅନୁଯାଇ ଗୁରୁବାର ଅପରାହ୍ନରେ ରେଙ୍ଗାଲିର ଦୁଇଟି ଗେଟ ବନ୍ଦ କରାଯାଇ ଗୋଟିଏ ଗେଟ ଓ ସମଲ ବ୍ୟାରେଜରେ ଖୋଲାଯାଇଥିବା ଦଶଟିରୁ ୪ଟି ଗେଟ ବନ୍ଦ କରାଯାଇ ୬ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ବ୍ରାହ୍ମଣୀର ଶାଖା ବିରୂପା ନଦୀର ଗୋପାଳପୁରଠାରେ ବିପଦ ସଂକେତ ୧୦.୦୫ ମିଟର ଥିବାବେଳେ ଆଜି ଅପରାହ ସୁଦ୍ଧା ୯.୬୨ ମିଟର ଓ ଇନ୍ଦୁପୁରଠାରେ ବିପଦ ସଙ୍କେତ ୮.୨୩ ଥିବାବେଳେ ଅପରାହ ସୁଦ୍ଧା ୮ ମିଟର ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଥିବା ନେଇ ଜଣାଯାଇଛି। ବନ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀଙ୍କ ନେତୃତ୍ୱରେ ସହକାରୀ ନିର୍ବାହ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ନଦୀ ବନ୍ଧର ସ୍ଥିତି ପ୍ରତି ସତର୍କ ନଜର ରଖିଛନ୍ତି ।

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ, ବିଶାଖାପାଟଣା ସ୍ଥାନାନ୍ତର

## ଲୋକଙ୍କ ମାଡ଼ରେ ଆକ୍ରମଣକାରୀ ଆହତ

**ନବରଙ୍ଗପୁର,୩୦।୮(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ଜଣେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଜନୈକ ଉନ୍ମତ୍ତ ଯୁବକ ତାଙ୍କୁ ଛୁରା ମାଡ଼ କରିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି। ତେବେ ଛୁରା ମାଡ଼ର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପଟେ ଆକ୍ରମଣକାରୀ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ମାଡ଼ ମାରିବା ପରେ ଆକ୍ରମଣକାରୀ ଯୁବକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏଭଳି ଘଟଣା ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗ୍ରାମରେ ଘଟିଛି। ମିଳିଥିବା ସୂଚନାନୁସାରେ, ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ସୁମିତ କୁମାର ଘଣ୍ଟ ନବରଙ୍ଗପୁରରୁ ତାଙ୍କ ଘର ପାପଡାହାଣ୍ଡିକୁ ମୋଟର ସାଇକେଲ ଯୋଗେ ଫେରୁଥିବା ସମୟରେ ଅଚାନକ ପାପଡାହାଣ୍ଡିସ୍ଥିତ 'ଜେନା ଦୋକାନ ଚୌକ' ନିକଟରେ ଉକ୍ତ ନିଶାସକ୍ତ ଯୁବକ ହରେକୃଷ୍ଣ ବେହେରା ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ତେବେ ସୁମିତ କୌଶଳ କ୍ରମେ ଆକ୍ରମଣକାରୀଙ୍କ ହାତକୁ ଧରିବା ସହ ଖଣ୍ଡାକୁ କାବୁ କରିଥିଲେ। କିନ୍ତୁ ହରେକୃଷ୍ଣ ଅନ୍ୟ ହାତରେ ଧରିଥିବା ମାରଣାସ୍ତ୍ରରେ ସୁମିତଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲା। ଫଳରେ ସୁମିତଙ୍କ ଛାତି, ପେଟ, ହାତର ଆଦିରେ ଛୁରା ମାଡ଼ ହୋଇଛି। ଲହୁଲୁହାଣ ହୋଇ ଚିତ୍କାର କରିବା ସହ ସୁମିତ ସେଠାରୁ ପଳାଇ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ସାହସ କରି ତାଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କୁ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲେ ହେଁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ଡାକ୍ତର ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରିଥିଲେ। ଅନ୍ୟପଟେ ନିଶାସକ୍ତ ଯୁବକ ହରେକୃଷ୍ଣଙ୍କୁ ସ୍ଥାନୀୟ ଲୋକେ କାବୁ କରିବା ସମୟରେ ସେ ମାରଣାସ୍ତ୍ର ଦେଖାଇବା ସହ ଆକ୍ରମଣ ପାଇଁ ଉଦ୍ୟମ କରିଥିଲା। ଫଳରେ ଲୋକେ ଉତ୍ତ୍ୟକ୍ତ ହୋଇ ତାକୁ ଭୀଷଣ ମାଡ଼ ମାରିଥିଲେ।

## ଓରାଓଁ ସାଂସ୍କୃତିକ ସମାଜର କରମା-ପୂର୍ବ-ସନ୍ଧ୍ୟା କାର୍ଯ୍ୟକ୍ରମ

# ଖୁବଶୀଘ୍ର ମିଳିବ ସ୍ଥାୟୀ ଜମି: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଚନ୍ଦ୍ରଶେଖରପୁର ଠାରେ ଓରାଓଁ ସାଂସ୍କୃତିକ ସମାଜ ପକ୍ଷରୁ ଆୟୋଜିତ କରମା ପୂର୍ବ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗଦାନ କରି କହିଛନ୍ତି ଯେ ପରିବେଶୀୟ ସଙ୍କଟ ଯେତେବେଳେ ବିଶ୍ୱକୁ ଆକ୍ରାନ୍ତ କରୁଛି, ସେତେବେଳେ କରମା ପୂଜାର ଏହି ପ୍ରକୃତି ପ୍ରେମର ସନ୍ଦେଶ ଅତ୍ୟନ୍ତ ସାମୟିକ ଏବଂ ଓରାମ ଜନଜାତି ସମାଜ ଆଜି ସେହି ଏକତାର ପ୍ରତୀକକୁ ଦର୍ଶାଉଛି। ଖୁବଶୀଘ୍ର ରାଜ୍ୟ ସରକାରଙ୍କ ତରଫରୁ ଓରାଓଁ ସାଂସ୍କୃତିକ ସମାଜ ନିମନ୍ତେ ସ୍ଥାୟୀ ଜମି ପ୍ରଦାନ କରାଯିବ ଏବଂ ଓରାମ ଜନଜାତିର ସାଂସ୍କୃତିକ ଉନ୍ନତି ନିମନ୍ତେ ପ୍ରୋତ୍ସାହନ ରାଶି ମଧ୍ଯ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କରମା ପୂଜା ଆମକୁ ଶିଖାଏ ଯେ, ପ୍ରକୃତି ବିନା ଆମେ ଶୂନ୍ୟ। କରମା ପୂଜାରେ ଆମେ ଶିଖୁ ଯେ, ପରିଶ୍ରମରେ ମାନ ଆଉ ପରିଶ୍ରମରେ ହିଁ ସମ୍ମାନ ମିଳିଥାଏ। କରମା ପୂଜା ଆମକୁ ଏହା ହିଁ ସ୍ମରଣ କରାଏ ଯେ କୃଷକମାନେ, ଶ୍ରମିକମାନେ, ଜନଜାତିୟ ଅଞ୍ଚଳର ସାଧାରଣ ଲୋକମାନେ ସମସ୍ତଙ୍କ ପରିଶ୍ରମରେ ରାଜ୍ୟର ଅର୍ଥନୀତିର ଭିତ୍ତି ଦଣ୍ଡାୟମାନ। ଏହି ପର୍ବର ଆଉ ଗୋଟିଏ ବଡ଼ ବିଶେଷତ୍ୱ ହେଉଛି ସମ୍ମିଳନ।ଏହି ସାମୁହିକ ଆନନ୍ଦ ଆମକୁ ଶିଖାଏ, ଏକତାରେ ହିଁ ଶକ୍ତି ଅଛି।ଆଉ ଓରାଓଁ ସମାଜ ଆଜି ସେହି ଏକତାର ପ୍ରତୀକ। ଯେ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୨୩ ପ୍ରତିଶତ ଆଦିବାସୀ ଲୋକଙ୍କ ବିକାଶ ହେବ ନାହିଁ, ରାଜ୍ୟର ପ୍ରଗତି ଅସମ୍ଭବ। ତେଣୁ, ଆମ ସରକାରଙ୍କ ପ୍ରଥମ ପ୍ରଥମିକତା ହେଉଛି ଜନଜାତିଙ୍କ ଆର୍ଥିକ, ସାମାଜିକ ବିକାଶ ଓ ରାଜନୈତିକ ଉତଥାନ କରିବା। ଜନଜାତି ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ତଥା ପ୍ରଚାର ପ୍ରସାର କରିବା ପାଇଁ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ, ଆଦିବାସୀ ଲିପିକୁ ପ୍ରୋତ୍ସାହନ ଦେବା ପରି ଅନେକ ପଦକ୍ଷେପ ନିଆଯାଉଛି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ କରମା ପର୍ବକୁ ଅର୍ଥନୀତି, କୃଷି, ପ୍ରକୃତି ସୁରକ୍ଷା ଓ ସାଂସ୍କୃତିକ ଐତିହ୍ୟର ମୂଳ ଭିତ୍ତି ବୋଲି କହିଥିଲେ ଓ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପରିବେଶ ସୁରକ୍ଷା ଓ ସାଶକ୍ତିକରଣ ମାର୍ଗରେ ବିଶେଷ ପଦକ୍ଷେପ ନେଇଛି। କରମା ପର୍ବ ଆମର ଜନଜାତୀୟ ସାଂସ୍କୃତି, ଆସ୍ଥା ଓ ଏକତାର ପ୍ରତୀକ। ଏଣୁ ଆମର ସାମୁହିକ ଉଦ୍ୟମ, ପରିଶ୍ରମ ଓ ସମର୍ପଣରେ ଆମର ସମ୍ପ୍ରଦାୟ ଆଗକୁ ବଢ଼ିବ। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଞ୍ଚସୀନ ଥିଲେ। ଓରାମ ସାଂସ୍କୃତିକ ସମାଜର ସଭାପତି ସୁକେଶୀ ଓରାମ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ପ୍ରେମସାଗର ଓରାମ ଧନ୍ୟବାଦ ଦେଇଥିଲେ।

■ ଶ୍ରମ କୋଡ୍ ବାତିଲ ଓ ସ୍କିମ୍ ଶ୍ରମିକଙ୍କୁ ସରକାରୀ ମାନ୍ୟତା ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଏଆଇୟୁଟିୟୁସି




**କଟକ,୩୦।୮(ସଂଚାର ବ୍ୟୁରୋ):** ଅଲ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ପକ୍ଷରୁ ଆସନ୍ତା ୪ରେ ଦିଲ୍ଲୀ ସଂସଦ ଭବନ ସମ୍ମୁଖରେ ଶ୍ରମିକ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ବିକ୍ଷୋଭ ଅନୁଷ୍ଠିତ ହେବ। ତା'ର ଅଂଶବିଶେଷ ଭାବେ ଆଜି ଏଆଇୟୁଟିୟୁସି କଟକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ସ୍କିମ୍ ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ଆଶା, ଅଙ୍ଗନୱାଡି, ପାଚିକା, ସ୍ୱାବଲମ୍ବୀ କାରିଗର ମାନଙ୍କୁ ସରକାରୀ କର୍ମଚାରର ମାନ୍ୟତା ଦେବା, ନିର୍ମାଣ ଶ୍ରମିକମାନେ ପୂର୍ବରୁ ପାଉଥିବା ସହାୟତା ଅବିଳମ୍ବେ ପ୍ରଦାନ କରିବା, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଆକାଶ ଛୁଆଁ ଦରଦାମ ବନ୍ଦ କରିବା, ସ୍ଥାୟୀ କାମରେ ଠିକା ନିଯୁକ୍ତି ବନ୍ଦ କରିବା, ବିଦ୍ୟୁତ ଆଇନ-୨୦୨୨ ବାତିଲ କରିବା, ସମସ୍ତ ଶ୍ରମିକ କର୍ମଚାରୀ ମାସିକ ମଜୁରୀ ସର୍ବନିମ୍ନ ୨୮ହଜାର କରିବା, ପାଚିକା ସହାୟିକାମାନଙ୍କୁ ମଧ୍ୟାହ୍ନଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ନିୟୋଜିତ ବନ୍ଦ କରିବା ଆଦି ଦାବିରେ ବିକ୍ଷୋଭ ଅନୁଷ୍ଠିତ ହୋଇ ପ୍ରଧାନମନ୍ତ୍ରୀଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ସୌଭାଗ୍ୟ ସାମଲ,ପାଭେଲ ପ୍ରିୟଦର୍ଶିନ, ସ୍ୱାଧୀନ ବେହେରା, ପରମାନନ୍ଦ ସେଠୀ, ଭାଗିରଥି ଭୋଇ, ଦିଲ୍ଲୀପ ବାରିକ, ମାନଗୋବିନ୍ଦ ପଣ୍ଡା, ଇତିଶ୍ରୀ ଜେନା, ଶରତ ବେହେରା, ଲାବଣ୍ୟପ୍ରଭା ଦାସ, ଅକ୍ଷୟ ବେହେରା, ଲିଲି ଜେନା, ଯୋଗେନ୍ଦ୍ର ରାଉତ ପ୍ରମୁଖ ବ୍ୟକ୍ତବ୍ୟ କରିଥିଲେ। ପାଚିକା ସହାୟିକାମାନଙ୍କର ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସରକାର ଦାବି ପୂରଣ ନକଲେ ଆଗାମୀ ଦିନରେ ତୃଣମୂଳ ସ୍ତରରେ ଆନ୍ଦୋଳନ ସଂଗଠିତ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଗୋମାଫିଆଙ୍କ ଆତଙ୍କରାଜ ଫେଲ୍ ମାରିବ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା



**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଗୋ-ମାଫିଆଙ୍କର ଆତଙ୍କରାଜ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ଧୂଳିସାତ୍ ହେବ। ଗ୍ରାମାଞ୍ଚଳର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ସରକାର ଏହି ଯୋଜନା ଲାଗୁ କରିଛନ୍ତି। ଚାଷୀମାନେ ମଧ୍ୟ ଆଗ୍ରହର ସହ ଏହାକୁ ଆପଣେଇଛନ୍ତି। କିନ୍ତୁ ଏହି ଯୋଜନାରେ ଚାଷୀମାନେ ଆନ୍ଧ୍ର, ତେଲେଙ୍ଗାନା ଆଦିରୁ ଦୁଧିଆଳୀ ଗାଈ ଆଣୁଥିବା ସମୟରେ ସେମାନେ କାଗଜପତ୍ର ଠିକ୍ ଥିବା ସତ୍ତ୍ୱେ ଗୋ-ମାଫିଆଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଗତ ୨୮ ତାରିଖ ରାତି ୯ଟା ସମୟରେ ଆନ୍ଧ୍ରରୁ ଗାଈ ନେଇ ଆସୁଥିବା ଦୁଗ୍ଧଚାଷୀଙ୍କ ଉପରେ ହୋଇଥିବା ଆକ୍ରମଣ। ଏପରିକି ପୁଲିସ୍ ମଧ୍ୟ ସେମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଏବେ ବି ଅନେକ ଗୋ-ମାଫିଆ ଖୋଲାଖୋଲି ବୁଲୁଛନ୍ତି। ସେମାନେ ଚାଷୀମାନଙ୍କୁ ଧମକଚମକ ବି ଦେଉଛନ୍ତି ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ, ଦୁଗ୍ଧ ଉତ୍ପାଦନକାରୀ ସଂଘ, ଅଲ୍ ଓଡ଼ିଶା ଗୋପାଳ ସମାଜ ଓ ଅଲ୍ ଓଡ଼ିଶା ଗୋପାଳ ଯାଦବ ମହାସଂଘର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅଭିଯୋଗ ହୋଇଛି ଯେ ଉପରୋକ୍ତ ଆକ୍ରମଣ ଘଟଣାରେ ୪ ଜଣ ଚାଷୀ ଆହତ ହୋଇଥିବା ବେଳେ ୩ଟି ଗାଡ଼ି ମଧ୍ୟ ଭାଙ୍ଗିରୁଜି ଯାଇଛି। ଏହାଛଡ଼ା ଗୋମାଫିଆମାନେ ସେମାନଙ୍କଠାରୁ ୭୦ ହଜାର ଟଙ୍କା ଛଡ଼ାଇ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯିବା ସହ ଜେଲ୍‌କୁ ପଠାଯାଇଛି। ପୂର୍ବରୁ ମଧ୍ୟ ଗତ ମେ'ରେ ଭୁବନେଶ୍ୱର ସାଇମନ୍ଦିର ଛକରେ ଗୋମାଫିଆ ୨ ଜଣ ଦୁଗ୍ଧଚାଷୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଏହାଛଡ଼ା ଜୁନ୍‌ରେ ଗଞ୍ଜାମ ଜିଲ୍ଲାର ଧରାକୋଟଠାରେ ୩ ଜଣ ଦଳିତ ମଧ୍ୟ ନିର୍ଯାତନାର ଶିକାର ହୋଇଥିଲେ। ଏହିସବୁ ମାମଲାରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରି ଧାରା ଜାରି ରହିଲେ କୌଣସି ଚାଷୀ ବି ସରକାରଙ୍କ ଯୋଜନାରେ ସାମିଲ୍ ହୋଇପାରିବେ ନାହିଁ। ଫଳତଃ ଯୋଜନାର ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ। ଏଥିପାଇଁ ଗୋ-ମାଫିଆମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦୁଗ୍ଧଚାଷୀମାନେ ଦାବି କରିଛନ୍ତି। ଏଥିସହ ସପ୍ତାହକ ଭିତରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆନଗଲେ , ଆଗାମୀ ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

## ରାଜ୍ୟର ଶ୍ରେଷ୍ଠ ପୁରସ୍କାର ପାଇବ କୋରାପୁଟ ପୌରାଞ୍ଚଳ

**କୋରାପୁଟ,୩୦।୮ (ସଂଚାର ବ୍ୟୁରୋ) :** ସ୍ୱାୟତ୍ତ ଶାସନ ଦିବସରେ ଉଲେଖନୀୟ କାର୍ଯ୍ୟ ପାଇଁ କୋରାପୁଟ ମ୍ୟୁନିସିପାଲିଟିକୁ ରାଜ୍ୟର ଶ୍ରେଷ୍ଠ ପୌରାଞ୍ଚଳ ଭାବେ ପୁରସ୍କୃତ କରାଯିବ ବୋଲି କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରକାଶ କରିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋରାପୁଟ ମ୍ୟୁନିପାଲିଟିକୁ ଶ୍ରେଷ୍ଠ ପୌରାଞ୍ଚଳ ଭାବେ ସରକାରଙ୍କ ପକ୍ଷରୁ ୩ କୋଟି ଟଙ୍କା ପ୍ରଦାନ କରାଯିବ।

## ବିଜୁଳି ଖୁଣ୍ଟରେ ତାର, ଦାୟିତ୍ୱ କାହାର ?

**ଭୁବନେଶ୍ୱର,୩୦।୮:** ନିଜର ବିଜୁଳି ଖୁଣ୍ଟରେ ତାର ଟାଣିଥିବା ବିଭିନ୍ନ କମ୍ପାନୀ ଠାରୁ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବାବେଳେ ଏହିସବୁ ତାର ଦ୍ୱାରା ଲୋକେ କିଭଳି ହଇରାଣ ହେଉଛନ୍ତି ସେଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଖୋଦ୍ ରାଜଧାନୀରେ ବିଭିନ୍ନ ସ୍ଥାନରେ ବିଜୁଳି ଖୁଣ୍ଟରେ ଝୁଲିଥିବା ତାର ସଂକ୍ରାନ୍ତରେ ଅବଗତ କଲେ ସେଗୁଡିକ ଆମର ନୁହେଁ ବୋଲି କହି ଟାଟା ପାୱାର କର୍ତ୍ତୃପକ୍ଷ ଖସିଯାଉଛନ୍ତି।

ମିଳିଥିବା ସୂଚନାନୁଯାୟୀ, ସହରାଞ୍ଚଳରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବିଭିନ୍ନ ସଂସ୍ଥା ସେମାନଙ୍କର ତାର ଟାଣିଥାନ୍ତି। ଏମାନଙ୍କ ମଧ୍ୟରେ ଘରୋଇ ଟେଲିକମ୍ ସଂସ୍ଥା, ଟିଭି କେବୁଲ ସଂସ୍ଥା ଆଦି ରହିଛନ୍ତି। ଏଥିପାଇଁ ସେମାନେ ବିଦ୍ୟୁତ୍ ବିତରଣ କମ୍ପାନୀ ସହିତ ଚୁକ୍ତିନାମା କରି ଖୁଣ୍ଟ ପିଛା ଅର୍ଥ ପ୍ରଦାନ କରିଥାନ୍ତି। ରାଜଧାନୀରେ ବିଦ୍ୟୁତ ଯୋଗାଣ କରୁଥିବା ଟାଟା ପାୱାରର ଟିପିସିଓଡିଏଲ୍ ଏ ବାବଦରେ ଗତ ଆର୍ଥିକ ବର୍ଷରେ ପାଖାପାଖି ଦେଢ କୋଟି ଟଙ୍କା ପାଇଛି। ୨୦୨୨-୨୩ ରେ ଏହି ପରିମାଣ ୨କୋଟି ଟଙ୍କାରୁ ଅଧିକ ଥିଲା। ଟାଟା ପାୱାରର କେବଳ ଟିପିସିଓଡିଏଲ୍ ନୁହେଁ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା ଅନ୍ୟ ତିନି ବିଜୁଳି ଯୋଗାଣକାରୀ ସଂସ୍ଥା ମଧ୍ୟ ବିଦ୍ୟୁତ୍ ଖୁଣ୍ଟରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ରାଜଧାନୀରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବିଭିନ୍ନ ଟେଲିଫୋନ୍ ଓ କେବୁଲ ସଂସ୍ଥା ସେମାନଙ୍କ ତାର ଥରେ ବାନ୍ଧି ଚାଲିଗଲା ପରେ ଆଉ ଦୃଷ୍ଟି ଦେଉନାହାନ୍ତି। କେଉଁଠାରେ ଏହା ଲୋକଙ୍କ ମୁଣ୍ଡରେ ବାଜୁଛି ତ ଆଉ କେଉଁଠାରେ ରାସ୍ତାରେ ପଡି ରହୁଛି। ଏପ୍ରତି ବିଦ୍ୟୁତ୍ ବିତରଣ କମ୍ପାନୀ ଦୃଷ୍ଟି ଦେଉନାହିଁ। ଏପରିକି ଅଭିଯୋଗ କଲେ ଏହା ଆମ ନୁହେଁ କହି ପଳାଇ ଯାଉଛନ୍ତି। ରାଜଧାନୀର ବିଭିନ୍ନ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଲକ୍ଷାଧିକ ଟଙ୍କା ଆୟ କରୁଥିବା ବିତରଣ କମ୍ପାନୀ ତାର ଟାଣିଥିବା ସଂସ୍ଥାକୁ ତାଗିଦା କରିବାକୁ ବି ପଛାଉଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ଘରୋଇ ସଂସ୍ଥାଗୁଡିକରେ ମାଳ ମାଳ ତାର ଖୁଣ୍ଟରେ ବାନ୍ଧିବା ଯୋଗୁଁ ଆବଶ୍ୟକସ୍ଥଳେ ବିଦ୍ୟୁତ୍ କର୍ମଚାରୀମାନେ ସହଜରେ ଖୁଣ୍ଟରେ ଚଢିପାରୁ ନାହାନ୍ତି। କେତେକ ସ୍ଥାନରେ ତ କେଉଁ ତାର କାହାର ତାହା ସହଜରେ ଚିହ୍ନଟ କରାଯାଇ ପାରୁନାହିଁ। ତେଣୁ ଶକ୍ତି ବିଭାଗ ଏଥିରେ ହସ୍ତକ୍ଷେପ କରିବାକୁ ଗ୍ରାହକମାନେ ମତ ଦେଉଛନ୍ତି। ବିଶେଷକରି ଅର୍ଥ ଆଦାୟ କରୁଥିବା ବିଦ୍ୟୁତ୍ ବିତରଣ କମ୍ପାନୀ ତୁରନ୍ତ ବିଦ୍ୟୁତ୍ ଖୁଣ୍ଟ ସହିତ ଘରୋଇ କମ୍ପାନୀ ଟାଣିଥିବା କେବୁଲ ପ୍ରତି ଯେଭଳି ଦୃଷ୍ଟି ଦେବ ସେ ଦିଗରେ ଶକ୍ତି ବିଭାଗ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି। (ତଥ୍ୟ)

# ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆଜିଠାରୁ ଆରମ୍ଭ ହୋଇଯାଇଛି ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଏହି ରାଜ୍ୟସ୍ତରୀୟ ନୃତ୍ୟ ମହୋତ୍ସବ ଆସନ୍ତା ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିବ। ଏହି ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ଇଲିଆନା ସିତାରିଷ୍ଟି, ଗୁରୁ ରାମହରି ଦାସ, ଡ. ଚିତ୍ତରଞ୍ଜନ ମଲିଆ, ଗୁରୁ ଗୋବିନ୍ଦ ଗୋପାଳ, ସଙ୍ଗୀତଜ୍ଞ ଡ. ସଙ୍ଗୀତା ଗୋସାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋଟିପୁଅ ଆମ ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ, ଏହା ଆମ ସମୃଦ୍ଧ ନୃତ୍ୟ ପରମ୍ପରା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବର ଆୟୋଜନ ମାଧ୍ୟମରେ ନୃତ୍ୟ ପ୍ରତିଭାର ବିକାଶ ହେବା ସହିତ ଆମ ପାରମ୍ପରିକ ନୃତ୍ୟର ପ୍ରଚାର ଓ ପ୍ରସାର ହୋଇପାରୁଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ମନ୍ତ୍ରୀ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ 'ଗୋଟିପୁଅର ଗାୟନ, ବାଦନ ଓ ପରିବେଷଣ'କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଜି ପ୍ରଥମ ଦିନରେ ଚନ୍ଦ୍ରଶେଖର ଗୋଟିପୁଅ କଳା ସଂସଦ, କୈଳାସ ଗୋଟିପୁଅ ନୃତ୍ୟ ପ୍ରତିଷ୍ଠାନ, ମା' ଅଷ୍ଟଭୁଜା ଗୋଟିପୁଅ କଳା ପରିଷଦ, ମୂର୍ଚ୍ଛନା ଗୋଟିପୁଅ, ବାବା ଗୋରେଖନାଥ ଗୋଟିପୁଅ ଡ୍ୟାନ୍ସ ଆସୋସିଏସନ, ମା ସନ୍ତୋଷୀ ଗୋଟିପୁଅ, ବାଙ୍କେଶ୍ୱରୀ ଗୋଟିପୁଅ ନୃତ୍ୟ ପରିଷଦ ଆଦିର ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ।

# ଫୁଟ୍ ଓଭରବ୍ରିଜ୍, ଶିଳାନ୍ୟାସରେ ୧୪ ବର୍ଷ

**ଭୁବନେଶ୍ୱର,୩୦।୮:** ୧୪ ବର୍ଷ ତଳେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ୫ଜଣ ମନ୍ତ୍ରୀ, ବିଧାୟକ, ସାଂସଦ, ମେୟର, ଡେପୁଟି ମେୟର ଓ ୩ଜଣ କର୍ପୋରେଟରଙ୍କୁ ମିଶାଇ ୧୨ଜଣ ନେତା ଓ ନେତ୍ରୀ ରମାଦେବୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଯେଉଁ ଶିଳାନ୍ୟାସ କରିଥିଲେ ତାହା ଏବେ ପାଷାଣୀ ଅହଲ୍ୟା ପରି କେଉଁ ରାମଚନ୍ଦ୍ରଙ୍କ ପଦସ୍ପର୍ଶ ଲାଗି ଅପେକ୍ଷା କରି ରହିଛି। ଏଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ହେବା ତ ଦୂରର କଥା, କେବଳ ଶିଳାନ୍ୟାସ ଫଳକ ସ୍ଥାପନ ଛଡ଼ା ଅନ୍ୟ କୌଣସି ନିର୍ମାଣ କାମ ଏଯାବତ୍ ହୋଇନାହିଁ।




୨୦୧୧ ବର୍ଷରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସେତେବେଳର ରମାଦେବୀ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ଧୁମ୍‌ଧାମ୍‌ରେ କରାଯାଇଥିଲା। ସେ ସମୟରେ ଛାତ୍ରୀ, ଅଧ୍ୟାପିକା, ଅଭିଭାବକ ଓ ସ୍ଥାନୀୟ ଲୋକେ ଏଥିନେଇ ଆନନ୍ଦ ପ୍ରକାଶ କରିଥିଲେ। ବାରମ୍ବାର ଏହି ରାସ୍ତାରେ ଦୁର୍ଘଟଣାମାନ ଘଟୁଥିବାରୁ ରମାଦେବୀର ଛାତ୍ରୀ, ଅଧ୍ୟାପିକା ଓ କର୍ମଚାରୀମାନେ ରାସ୍ତା ପାର ବେଳେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ଫୁଟ୍ ଓଭରବ୍ରିଜ୍ ନିର୍ମିତ ହେଲେ ଏହି ସମସ୍ୟା ଦୂରୀଭୂତ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ନେତାମାନେ ଫଳକ ପୋତି ଛାତ୍ରୀମାନଙ୍କୁ ଠକି ଦେଇ ଚାଲିଗଲେ। ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଏହି ଓଭରବ୍ରିଜ୍ ନାମ ଶୁଣିଲେ ନାକ ଟେକିଲେ। ଇତିମଧ୍ୟରେ ରମାଦେବୀ କଲେଜ୍‌ଠାରୁ ପ୍ରାୟ ୧କିମି ଦୂରରେ ଭୁବନେଶ୍ୱର ମହାନଗର ନିଗମର ସୁଉଚ୍ଚ ଅଟ୍ଟାଳିକା ନିର୍ମିତ ହୋଇଗଲା। କିନ୍ତୁ ଫୁଟ୍ ଓଭରବ୍ରିଜ୍ କଥା ସମସ୍ତେ ଭୁଲିଗଲେ।

ରମାଦେବୀ ମହିଳା କଲେଜ୍ ପ୍ରତିଷ୍ଠାର ୬୦ ବର୍ଷ ପୂରଣ ହୋଇଗଲାଣି। ଏହାଛଡ଼ା ଭୁବନେଶ୍ୱରର ଏହି ପ୍ରଥମ ମହିଳା ଶିକ୍ଷାନୁଷ୍ଠାନ ପ୍ରାୟ ୧୦ବର୍ଷ ତଳୁ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ପାଇଛି। ବିଶ୍ୱବିଦ୍ୟାଳୟ ହେବା ପରେ ଏଥିସହ ଅନୁବନ୍ଧିତ ୪୮ଟି କଲେଜ୍‌ର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଅଭିଭାବକମାନେ ବିଭିନ୍ନ କାମରେ ଏଠାକୁ ଆସିବାକୁ ବାଧ୍ୟ ହେଉଛନ୍ତି। ଏହାଛଡ଼ା ବିଶ୍ୱବିଦ୍ୟାଳୟ ପାଇଁ ବର୍ଷ ତମାମ ଉତ୍ସବ ଅନୁଷ୍ଠାନ ବି ଚାଲୁଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସାମ୍ନାରେ ରାସ୍ତା ଡିଭାଇଡର ଉପରେ ଜରାଜୀର୍ଣ୍ଣ ଅବସ୍ଥାରେ ଏବେ ବି ୧୪ବର୍ଷ ତଳର ଫଳକଟି ରହିଛି ଏବଂ ଯିଏ ଦେଖୁଛି ସିଏ ବ୍ୟବସ୍ଥାର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଉଛି।

ସେତେବେଳର ମେୟର ଏବେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ବିଧାୟକ। ଇତିମଧ୍ୟରେ ଭୁବନେଶ୍ୱର ଲୋକସଭା କ୍ଷେତ୍ରର ପ୍ରତିନିଧିତ୍ୱ ଜଣେ ମହିଳା କରୁଥିବା ବେଳେ ଆଉ ଜଣେ ମହିଳା ଭୁବନେଶ୍ୱର ମହାନଗର ନିଗମର ମେୟର ଅଛନ୍ତି। ସ୍ଥାନୀୟ କର୍ପୋରେଟର ବି ମହିଳା। ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ପ୍ରଭାତି ପରିଡ଼ା ଏକାଧିକ ବାର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏହି ବିଶ୍ୱବିଦ୍ୟାଳୟକୁ ଆସିଲେଣି। ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏକଦା ଏହି ଶିକ୍ଷାନୁଷ୍ଠାନର ଛାତ୍ରୀ ଥିଲେ। ଏସବୁ ସତ୍ତ୍ୱେ ମା'ରମାଦେବୀଙ୍କ ନାମରେ ନାମିତ ଏହି ଗୌରବାବହ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଜାକଜକମରେ ଉତ୍ସବ କରି ଛାତ୍ରୀମାନଙ୍କ କରତାଳି ଲାଭ କରିଥିବା ନେତାମାନେ କେଉଁ ଶିଳାନ୍ୟାସ ଫଳକ ପାଖରେ ଫଟୋ ଉଠାଇ ୧୪ବର୍ଷ ତଳେ ଗଣମାଧ୍ୟମରେ ନିଜକୁ ବିଜ୍ଞାପିତ କଲେ ସେମାନେ ଏହାର ନିର୍ମାଣ ଉପରେ ଧ୍ୟାନ ଦେଲେ ନାହିଁ। ୨୦୨୫ର ସ୍ୱାୟତ୍ତ ଶାସନ ଦିବସ ପାଳନ ପୂର୍ବରୁ ରମାଦେବୀ ବିଶ୍ୱବିଦ୍ୟାଳୟର ବହୁ ଛାତ୍ରୀ ପୁଣି ଏ ପ୍ରସଂଗ ଉଠାଇ ବର୍ତ୍ତମାନର ସରକାର ୬ମାସ ଭିତରେ ଏହି ଫୁଟ୍ ଓଭରବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ସାରି ମୁଖ୍ୟମନ୍ତ୍ରୀଙ୍କ ହାତରେ ତାହାର ଉଦ୍‌ଘାଟନ କରିବା ପାଇଁ ଦଳମତ ନିର୍ବିଶେଷରେ ଦାବି ରଖିଛନ୍ତି। (ତଥ୍ୟ)

# ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ପ୍ରାଚୀ ସମାଜସେବୀ ସମ୍ମାନ



**କଟକ,୩୦।୮(ସଂଚାର ବ୍ୟୁରୋ):** ପ୍ରାଚୀ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସମାଜସେବୀ ଓ ପ୍ରଖ୍ୟାତ ସମାଜ ସୁଧାରକ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଆଦିବାସୀ ବିକାଶ ସମିତି ବଡ଼ବିଲ, କେନ୍ଦୁଝରଠାରେ ମାନପତ୍ର ଓ ଉପଢୌକନ ପ୍ରଦାନ କରି 'ପ୍ରାଚୀ ସମାଜସେବୀ' ସମ୍ମାନରେ ସମ୍ମାନିତ କରାଯାଇଛି। ସେ ଆଦିବାସୀ ଅଞ୍ଚଳର ଅବହେଳିତ, ଅନଗ୍ରସର ବର୍ଗଙ୍କ ସାମଗ୍ରିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ କରି ଚାଲିଛନ୍ତି। ସେ ଆଦିବାସୀ ବିକାଶ ସମିତି ବିଦ୍ୟାଳୟ ସହ ୧୭ଟି ବିଦ୍ୟାଳୟ ପ୍ରତିଷ୍ଠା କରି ଆଦିବାସୀ ବିଦ୍ୟାର୍ଥୀମାନଙ୍କୁ ଜ୍ଞାନାଲୋକର ଅରୁଣାଭା ପ୍ରଦାନ କରିପାରିଛନ୍ତି। ଏଥସହ ସେ ଜଙ୍ଗଲର ରକ୍ଷଣାବେକ୍ଷଣ, ଜଳସଂରକ୍ଷଣ ଓ ଏହାର ସଦପୋଯୋଗ ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ଦୀର୍ଘ ୬ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ସମାଜସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ସେ ତ୍ୟାଗ, ପ୍ରେମ, ଶାନ୍ତି, ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ ହୋଇପାରିଛନ୍ତି। ସଭାରେ ସଭାପତି ପ୍ରଫେସର ଡ. ମନ୍ଦାକିନୀ ଦାସ ଓ ମୁଖ୍ୟ ଅତିଥି ଭାବେ ଡ. ଦ୍ୱୀପାୟନ ପଟ୍ଟନାୟକ, ଡ.ଦୀପକ କୁମାର ଦାଶ ଯୋଗଦାନ କରି ସମାଜସେବା କ୍ଷେତ୍ରରେ ପଦ୍ମଶ୍ରୀ ମୁଣ୍ଡାଙ୍କ ଅବଦାନ ନେଇ ଆଲୋଚନା କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ହୃଦାନନ୍ଦ କୁଅଁର ଯୋଗ ଦେଇଥିବା ବେଳେ ମାନସ ରାଉତ, କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥିଲେ। ସୁଦାମ ଲେଙ୍କା ମାନପତ୍ର ପାଠ କରିଥିବା ବେଳେ ଉପଦେଷ୍ଟା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ଶେଷରେ ସମ୍ପାଦକ ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନିଃସର୍ତ୍ତ କ୍ଷମା ଦାବି କଲା କଂଗ୍ରେସ



**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ବିହାରରେ ଚାଲିଥିବା ଭୋଟର ଅଧିକାର ଯାତ୍ରାକୁ ଜନସମର୍ଥନ ଓ ସଫଳତା ମିଳିଥିବା ବେଳେ ଏହା ବିଜେପିର ମୁଣ୍ଡବ୍ୟଥାର କାରଣ ହୋଇଛି। ଦେଶର ର ଗରିବ, ଖଟିଖିଆ, ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କ ଅଧିକାରକୁ ଛଡ଼ାଇନେବା ବିରୋଧରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଓ ଇଣ୍ଡି ମେଣ୍ଟ ପକ୍ଷରୁ ଚାଲିଥିବା ଭୋଟ ଅଧିକାର ଯାତ୍ରାକୁ ଭଣ୍ଡୁର କରିବା ପାଇଁ ବିଜେପି ଷଡ଼ଯନ୍ତ୍ର କରିଛି। ଏଥିପାଇଁ ଦଳ ସଂଖ୍ୟାଲଘୁ ସେଲର ଜଣେ ପଦାଧିକାରୀଙ୍କୁ ନିୟୋଜିତ କରିଛି। ସେ ପାଟ୍‌ନାରେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମା'ଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ସେତେବେଳେ ସେଠାରେ ରାହୁଲ ଗାନ୍ଧୀ ଉପସ୍ଥିତ ନ ଥିଲେ ମଧ୍ୟ ସାଧାରଣଲୋକଙ୍କ ଆଗରେ ତାଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ ବିଜେପିର ତୁଙ୍ଗ ନେତୃବୃନ୍ଦ ଏଭଳି ହୀନ ଉଦ୍ୟମ କରିଛନ୍ତି ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବିହାର ହିଂସା ଘଟଣା ପଛରେ ବିଜେପିର ବଡ଼ ଷଡଯନ୍ତ୍ର ଧରାପଡ଼ିଛି। ଏହି ଷଡ଼ଯନ୍ତ୍ରର ମୁଖ୍ୟ ଆସାମୀ ମହମ୍ମଦ ରିଜଭୀ ବିଜେପି ସଂଖ୍ୟାଲଘୁ ବିଭାଗର ସଦସ୍ୟ ବୋଲି ଗଣମାଧ୍ୟମରେ ପ୍ରକାଶ ପାଇବା ଓ କେନ୍ଦ୍ରମନ୍ତ୍ରୀ ଶିବରାଜ୍ ସିଂ ଚୌହାନ ଓ ଆଉ କେତେକ ଦଳୀୟ ନେତାଙ୍କ ସହ ତାଙ୍କ ଫଟୋ ଭାଇରାଲ୍ ହେବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିନା ତଥ୍ୟ ଆଧାରରେ ରାହୁଲ ଓ କଂଗ୍ରେସ ଦଳ ପ୍ରତି ଯେପରି ମନ୍ତବ୍ୟ ଦେଇଛନ୍ତି, ତାହା ନିନ୍ଦନୀୟ। ପୂର୍ବରୁ ପ୍ରଧାନମନ୍ତ୍ରୀ, ଯୋଗୀ ଆଦିତ୍ୟ ନାଥ, ବିଜେପିର ସାଂସଦ ଓ କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ସୋନିଆ ଗାନ୍ଧି, ରାହୁଲ ଓ ପ୍ରିୟଙ୍କା ଗାନ୍ଧିଙ୍କ ବାବଦରେ ଅନେକ ଥର ଅରୁଚିକର ମନ୍ତବ୍ୟ ଦେଇଛନ୍ତି। କିନ୍ତୁ ସେତେବେଳେ ମୋହନ କିଛି ବି କହିନଥିଲେ। ପ୍ରଧାନମନ୍ତ୍ରୀଙ୍କ ମା' ଓ ରାହୁଲ୍‌ଙ୍କ ମା' ଭିତରେ କ'ଣ ପ୍ରଭେଦ ରହିଛି ? ରାଜ୍ୟରେ ମହିଳାମାନେ ଆଜି ଅସୁରକ୍ଷିତ ହୋଇପଡ଼ିଛନ୍ତି। ମହିଳାମାନେ ପଦାକୁ ବାହାରିବାକୁ ଡରୁଛନ୍ତି। ନାହାନ୍ତି। ଏ ସମ୍ପର୍କରେ କାହିଁ ମୁଖ୍ୟମନ୍ତ୍ରୀ ତ ପଦୁଟିଏ କହୁନାହାନ୍ତି ବୋଲି ଶ୍ରୀ ମହାନ୍ତି କଟୁକ୍ତି କରିଛନ୍ତି। ଏଥିସହ ଏପରି ମନ୍ତବ୍ୟ ପାଇଁ ଶ୍ରୀ ମାଝୀ ଦଳର ବରିଷ୍ଠ ନେତୃତ୍ୱଙ୍କ ନିକଟରେ କ୍ଷମା ମାଗିବା ଉଚିତ ବୋଲି ସେ ଦାବି କରିଛନ୍ତି।

## ୧୩ରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା-ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ଟାଙ୍ଗୀ ଓ ବେଗୁନିଆଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ସୂଚନା ଦେଇଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମାମଲା ଯଥା ଫୌଜଦାରୀ , ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ, ଜଳ, ବୈବାହିକ , ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଜମିଜମା ବା ଦେୱାନି ମାମଲାର ଆପୋଷ ବୁଝାମଣା ଜରିଆରେ ମାମଲାର ସମାଧାନ କରାଯିବ। ବିଚାରାଧୀନ ମାମଲା ବ୍ୟତୀତ କଚେରିରେ ଦାୟର ହୋଇ ନ ଥିବା ପ୍ରାକ୍ ମକଦ୍ଦମା ଯଥା ଚେକ୍ ବାଉନ୍ସ, ଟେଲିଫୋନ୍, ବ୍ୟାଙ୍କ ଋଣ ଅନାଦାୟ, ଫୌଜଦାରୀ ଏବଂ ସମସ୍ତ ପ୍ରକାରର ପାରିବାରିକ ବିବାଦର ଆଶୁ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ଉଭୟ ପକ୍ଷଙ୍କ ସହମତିରେ ସମସ୍ୟାର ସମାଧାନ କରାଯାଇପାରିବ।

জীবন অমৃত অনুচিন্তা

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୩୧ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Sunday 31 August 2025, Bhubaneswar

# ଟ୍ରମ୍ପଙ୍କ ଟାରିଫଂକୁ ଧକ୍କା

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଟାରିଫ୍ ନୀତି ଉପରେ ହଠାତ୍ ଆମେରିକୀୟ ଅଦାଲତର ଏକ ନିର୍ଣ୍ଣୟ ବିଶ୍ୱ ବ୍ୟବସାୟକୁ ହଲଚାଲ ସୃଷ୍ଟି କରିଛି। ସାମ୍ପ୍ରତିକ ସମୟରେ, ଆମେରିକୀୟ ଫେଡେରାଲ୍ ଆପିଲ୍ସ କୋର୍ଟ (ଯାହାକୁ ଫେଡେରାଲ୍ ସର୍କିଟ୍ କୁହାଯାଏ) ୭-୪ରେ ଏକ ନିର୍ଣ୍ଣୟ ପ୍ରକାଶ କରି ଟ୍ରମ୍ପଙ୍କ ବିସ୍ତୃତ ଟାରିଫ୍କୁ ଅବୈଧ ଘୋଷଣା କରିଛି। ଏହି ଟାରିଫ୍ଗୁଡ଼ିକ ମୂଳତଃ ଚୀନ, କେନଡା, ମେକ୍ସିକୋ ସହିତ ସହସ୍ରାଧିକ ଦେଶରୁ ଆଯାଉଥିବା ଆମେରିକୀୟ ଆଯାତ ଉପରେ ୧୦%ରୁ ୩୦% ପର୍ଯ୍ୟନ୍ତ କର ଲଗାଇଥିଲା। ଅଦାଲତର ଏହି ନିର୍ଣ୍ଣୟ ନୁହନ୍ତୁ ଟ୍ରମ୍ପଙ୍କ ବ୍ୟବସାୟ ଯୁଦ୍ଧର ମୂଳ ସ୍ତମ୍ଭକୁ ଧରାଶାୟୀ କରିଛି, ବରଂ ଆମେରିକୀୟ ସଂବିଧାନର ମୂଳ ନିୟମକୁ ମଜବୁତ୍ କରିଛି।




ଏହା କାହିଁକି ଘଟିଛି? ଟ୍ରମ୍ପ ଏହି ଟାରିଫ୍ଗୁଡ଼ିକୁ ୧୯୭୭ ମସିହାର ଇଣ୍ଟର୍ନ୍ୟାସନାଲ୍ ଇମର୍ଜେନ୍ସି ଇକୋନୋମିକ୍ ପାୱାର୍ସ ଆକ୍ଟ ଅଧୀନରେ ଲାଗୁ କରିଥିଲେ। ଏହି ଆଇନ୍ ରାଷ୍ଟ୍ରପତିଙ୍କୁ ଜାତୀୟ ସଙ୍କଟକାଳୀନ ସମୟରେ ବ୍ୟବସାୟକୁ ନିୟନ୍ତ୍ରଣ କରିବାର ଅଧିକାର ଦିଏ, କିନ୍ତୁ ଅଦାଲତ କହିଛି ଯେ ଏହା ଟାରିଫ୍ ଲଗାଇବା ପାଇଁ ନୁହେଁ। ସଂବିଧାନର ଅନୁଚ୍ଛେଦ ୧, ଖଣ୍ଡ ୮ ଅନୁଯାୟୀ, ଟାରିଫ୍ ଓ କର ଲଗାଇବାର ଅଧିକାର କଂଗ୍ରେସ୍କୁ ଥାଏ, ରାଷ୍ଟ୍ରପତିଙ୍କୁ ନୁହେଁ। ଅଦାଲତର ନିର୍ଣ୍ଣୟରେ କୁହାଯାଇଛି, 'ଓରଚଇ କେବେ ଟାରିଫ୍ ଉପରେ ଅସୀମିତ ଅଧିକାର ଦେଇପାରେ ନାହିଁ' ଏହା ମୂଳତଃ ଫେଣ୍ଟାନିଲ୍ ମାଦକ ସମସ୍ୟା ଓ ବ୍ୟବସାୟ ଅସନ୍ତୁଳନକୁ ଦେଖାଇ ଲଗାଇଥିବା ଟାରିଫ୍ଗୁଡ଼ିକୁ ପ୍ରଭାବିତ କରୁଛି, ଯାହା ଆମେରିକୀୟ ଅର୍ଥନୀତିକୁ ସୁରକ୍ଷିତ କରିବାର ଉଦ୍ଦେଶ୍ୟରେ କରାଯାଇଥିଲା।

ଏହି ନିର୍ଣ୍ଣୟର ପ୍ରଭାବ ବିପୁଳ। ପ୍ରଥମେ, ଏହା ଆମେରିକୀୟ ଅର୍ଥନୀତିକୁ ସ୍ଥିରତା ଦେବ। ଟାରିଫ୍ଗୁଡ଼ିକ ଆମେରିକୀୟ ପରିବାରକୁ ପ୍ରତିବର୍ଷ ୧, ୩୦୦ ଡଲାର ଅତିରିକ୍ତ ଖର୍ଚ୍ଚ କରାଉଥିଲା, ଯାହା ମୂଲ୍ୟବୃଦ୍ଧି ଓ ରୋଜଗାର ହରାନ୍ତା ସୃଷ୍ଟି କରୁଥିଲା। ଛୋଟ ବ୍ୟବସାୟ, ଯଥା ନ୍ୟୁୟର୍କର ଭଇନ୍ ଇମ୍ପୋର୍ଟର୍ଗୁଡ଼ିକ ଓ ଇଲିନୟିର ଖେଳନା କାରିଗାରୀ, ଏହାଠାରୁ ଲାଭବାନ୍ ହେବେ। ଦ୍ୱିତୀୟତଃ, ବିଶ୍ୱ ବ୍ୟବସାୟ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ। ଚୀନ, ଇଉରୋପିୟ୍ୟ ସଂଘ, ଯୁକ୍ତରାଜ୍ୟ ସହିତ ଚାଲୁ ଆଲୋଚନାଗୁଡ଼ିକ ସ୍ଥିର ହେବ, ଏବଂ ଆନ୍ତର୍ଜାତୀୟ ବଜାର ସ୍ଥିର ହୋଇବ। କିନ୍ତୁ ଟ୍ରମ୍ପ ପ୍ରଶାସନ ଏହାକୁ ସ୍ୱୀକାର କରିବାକୁ ନାହିଁ। ସେ ଟ୍ରୁଥ୍ ସୋସିଆଲ୍ରେ କହିଛନ୍ତି, 'ଏହା ଆମେରିକାକୁ ନଷ୍ଟ କରିବ, ' ଏବଂ ସୁପ୍ରିମ୍ କୋର୍ଟରେ ଆବେଦନ୍ କରିବେ। ଅଦାଲତ ଟାରିଫ୍ଗୁଡ଼ିକୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଚାଲୁ ରଖିଛି, ଯାହା ଅନିଶ୍ଚିତତା ସୃଷ୍ଟି କରୁଛି।

ଏହାର ବିଶ୍ୱବ୍ୟାପୀ ପ୍ରଭାବ ମଧ ଗୁରୁତ୍ୱପୂର୍ଣ୍ଣ। ଭାରତ ଭଳି ଦେଶଗୁଡ଼ିକ ପାଇଁ, ଯାହାର ଆଯାତ ଆମେରିକାକୁ ନିର୍ଭର କରେ, ଏହା ସୁନାମୀ ହୋଇପାରେ। ଟ୍ରମ୍ପଙ୍କ ଟାରିଫ୍ ନୀତି ବିଶ୍ୱ ବ୍ୟବସାୟକୁ ଅସ୍ଥିର କରିଛି, କିନ୍ତୁ ଅଦାଲତର ନିର୍ଣ୍ଣୟ ଏକ ସମତାବାଦୀ ପଥ ପ୍ରଦର୍ଶନ କରୁଛି। ଏହା ସ୍ମରଣ କରାଏ ଯେ କୌଣସି ରାଷ୍ଟ୍ରପତି ଏକାଠି ଅର୍ଥନୀତିକୁ ପରିବର୍ତ୍ତନ କରିପାରନ୍ତି ନାହିଁ; ଏହା କଂଗ୍ରେସ୍ର ସମର୍ଥନ ଓ ଆଇନଗତ ସୀମା ଅନୁସରଣ କରିବା ଆବଶ୍ୟକ। ଯଦି ସୁପ୍ରିମ୍ କୋର୍ଟ ଏହାକୁ ଉଲ୍ଲେଖନୀୟ କରେ, ତେବେ ଏହା ଆମେରିକୀୟ ରାଜନୀତିର ଏକ ନୂତନ ଅଧ୍ୟାୟ ଖୋଲିବ।

ଅନ୍ତିମ କଥା, ଏହି ନିର୍ଣ୍ଣୟ ଟ୍ରମ୍ପଙ୍କ ମହତ୍ତ୍ୱାକାଂକ୍ଷାକୁ ରୋଧ କରିଛି, କିନ୍ତୁ ଏହା ବିଶ୍ୱ ଅର୍ଥନୀତିକୁ ସମତୋଳନ କରିବାରେ ସାହାଯ୍ୟ କରିବ। ଆମେରିକାର ଏହି ପଦକ୍ଷେପ ଅନ୍ୟ ଦେଶଗୁଡ଼ିକୁ ଆଇନଗତ ସୀମାର ସ୍ମରଣ କରାଇବ। ଏହା ଏକ ସ୍ୱଚ୍ଛନ୍ଦତା, ଯାହା ବ୍ୟବସାୟୀମାନଙ୍କୁ ନୂଆ ସୁଯୋଗ ଦେବ। କିନ୍ତୁ ଅନିଶ୍ଚିତତା ଯୁକ୍ତ ରହିବା ପର୍ଯ୍ୟନ୍ତ, ବିଶ୍ୱ ଅର୍ଥତନ୍ତ୍ର ସତର୍କ ରହିବା ଉଚିତ୍।

# ଭୂ-ରାଜନୀତିରେ ସ୍ୱେଚ୍ଛାଚାରିତା ଠିକ୍ ନୁହେଁ



### ଡକ୍ଟର ଲକ୍ଷ୍ମଣ ସାହୁ

ଆଜି ଆମେରିକା ଯାହା କରୁଛି ତାହା ତାର କୂଟନୈତିକ ପରମ୍ପରାର ଏକ ଅଂଶ ହୋଇଆସିଛି। କିନ୍ତୁ ସମସ୍ୟା ହେଉଛି ଯେ ଟ୍ରମ୍ପ ଦୁଇ ପାଦ ଆଗକୁ, ତିନି ପାଦ ପଛକୁ ଏବଂ କିଛି ପାଦ ବାମ ଓ ଡାହାଣକୁ ନେଉଥିବା ପରି ମନେ ହେଉଛି। ଯଦି ରାଷ୍ଟ୍ରମୁଖ୍ୟ ଆନ୍ତର୍ଜାତୀୟ ସମ୍ପର୍କରେ ମନଇଚ୍ଛା କାର୍ଯ୍ୟ କରିବା ଆରମ୍ଭ କରନ୍ତି, ତେବେ ଶତ୍ରୁମାନେ ଭୟଭୀତ ହୁଅନ୍ତୁ କି ନ ହୁଅନ୍ତୁ, ବନ୍ଧୁମାନେ ନିଶ୍ଚିତ ଭାବରେ ଦୂରେଇ ଯିବା ଆରମ୍ଭ କରନ୍ତି।

ଏହା ଆଶା କରାଯାଉଥିଲା ଯେ ଯେତେବେଳେ ଡୋନାଲ୍ଡ ଟ୍ରମ୍ପ ଆଲାସ୍କାରେ ଭ୍ଲାଦିମିର ପୁଟିନଙ୍କୁ ଭେଟିବେ, ସେତେବେଳେ ଇତିହାସର ଏକ ନୂତନ ଅଧ୍ୟାୟ ଲେଖାଯିବ। କିନ୍ତୁ ଯାହା ଘଟିଲା ତାହା କିଛି ଆମେରିକୀୟ ଓ ୟୁରୋପୀୟ ନେତାଙ୍କ ପାଇଁ ଏକ ବଡ଼ ନିରାଶା ପାଲଟି ଗଲା। ବରଂ ପୁଟିନଙ୍କ ପ୍ରତିଷ୍ଠାକୁ ଆହୁରି ଉଚ୍ଚ କରିଥିଲା। ୟୁରୋପୀୟ ନେତାଙ୍କ ନିରାଶା ଯଥାର୍ଥ ହୋଇପାରେ, କିନ୍ତୁ ସେମାନଙ୍କୁ ବୁଝିବାକୁ ପଡିବ ଯେ ଟ୍ରମ୍ପଙ୍କ ବୈଦେଶିକ ନୀତି ତାଙ୍କର ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା ଦ୍ୱାରା ପରିଚାଳିତ। କିନ୍ତୁ ସେଠାରେ ବିଶ୍ୱ ଘଟଣାବଳୀ ଓ ବିଶ୍ୱ ବିପ୍ଳବ ପ୍ରତି କମ୍ ଧାନ ଦିଆଯାଉଛି।

ଏହି ଦିଗରେ ଆଗକୁ ବଢ଼ିବା ପୂର୍ବରୁ, ଆମେରିକୀୟ ବୈଦେଶିକ ନୀତିର ଇତିହାସ ଉପରେ ନଜର ପକାଇବା ଆବଶ୍ୟକ। ୧୯୭୨ ଫେବୃଆରୀ ୧୪ରେ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଓ ତାଙ୍କର ଜାତୀୟ ସୁରକ୍ଷା ପରାମର୍ଶଦାତା ହେନରୀ କିସିଞ୍ଜର ଚୀନ ଗସ୍ତ କରିଥିଲେ । ନିକ୍ସନଙ୍କୁ ପରାମର୍ଶ ଦେଇଥିଲେ ଯେ ଚୀନୀମାନେ ରୁଷୀୟମାନଙ୍କ ପରି ବିପଦପୂର୍ଣ୍ଣ ଅବସ୍ଥାରେ ଅଛନ୍ତି। ସେ ଏହା ମଧ କହିଥିଲେ, '୨୦ ବର୍ଷ ପରେ, ତୁମର ଉତ୍ତରାଧିକାରୀ, ଯଦି ସେ ତୁମ ପରି ବୁଦ୍ଧିମାନ, ତେବେ ଚୀନୀମାନଙ୍କ ବିରୁଦ୍ଧରେ ରୁଷୀୟମାନଙ୍କ ଆଡ଼କୁ ଢଳିବେ।' ୪୫ତମ ରାଷ୍ଟ୍ରପତି ଭାବରେ ଟ୍ରମ୍ପଙ୍କୁ ମଧ ପ୍ରଥମେ ରୁଷୀୟମାନଙ୍କ ଆଡ଼କୁ ଢଳିଥିବା ଦେଖାଯାଇଥିଲା। କିନ୍ତୁ ପରେ ସେ ପରିବର୍ତ୍ତନ ହୋଇଥିଲେ। ଏବେ ୪୭ତମ ରାଷ୍ଟ୍ରପତି ଭାବରେ ସମାନ କିଛି ଦେଖାଯାଉଛି।

୧୯୫୦ ଦଶକରେ ଆଇଜେନହାୱରଙ୍କ ପ୍ରଶାସନ ଚୀନର ନେତା ମାଓ ସେତୁଙ୍ଗ ଓ ସୋଭିଏତ୍ ୟୁନିଅନର ନିକିତା କ୍ରୁଶ୍ଚେଭଙ୍କ ମଧରେ ଫାଟ ସୃଷ୍ଟି କରିବା ପାଇଁ ରୁଷିଆନମାନଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିଥିଲେ। ୧୯୫୯ ଅକ୍ଟୋବରରେ ଯେତେବେଳେ କ୍ରୁଶ୍ଚେଭ କ୍ୟାମ୍ପ ଡେଭିଡରେ ଆଇଜେନହାୱରଙ୍କୁ ଭେଟି ଫେରିଥିଲେ। ସେତେବେଳେ ସେ ଏକ ବାର୍ତ୍ତା ନେଇ ବେଜିଂରେ ପହଞ୍ଚିଥିଲେ ଯେ ଆମେରିକା ସହିତ ସୋଭିଏତ୍ ସମ୍ପର୍କରେ ଉନ୍ନତି ହୋଇଥିବାରୁ, ମସ୍କୋ ଚୀନ୍ ପରମାଣୁ ବୋମା ବିକଶିତ କରିବାରେ ସାହାଯ୍ୟ କରିବା ପାଇଁ ଏକ ଚୁକ୍ତି ଭଙ୍ଗ କରିବ। ଦଶ ବର୍ଷ ପରେ, ନିକ୍ସନ୍ ଆଇଜେନହାୱରଙ୍କ ନୀତିକୁ ବଦଳାଇ ଦେଲେ। ଆମେରିକାର ବିଶ୍ୱ ପ୍ରତିଯୋଗିତାରେ ବେଜିଂକୁ ସାମିଲ କଲା। କିଛି ବର୍ଷ ପରେ ରାଷ୍ଟ୍ରପତି ଜିମି କାର୍ଟରଙ୍କ ଏହି ନୀତିକୁ ଆହୁରି ଆଗକୁ ନେଇଥିଲେ।

ଦକ୍ଷିଣ-ପୂର୍ବ ଏସିଆରେ ସୋଭିଏତ୍ ପ୍ରଭାବ ବିସ୍ତାର କରିବାରୁ ରୋକିବା ପାଇଁ, କାର୍ଟର ପ୍ରଶାସନ ଚୀନ୍ ର ଭିଏତନାମ ଆକ୍ରମଣକୁ ଚୁପ୍ଚାପ୍ ଅନୁମୋଦନ କରିଥିଲା। ପରବର୍ତ୍ତୀ ଆମେରିକା ସରକାର, ଡେମୋକ୍ରାଟ୍ ହେଉ କି ରିପବ୍ଲିକାନ୍, ଆଙ୍ଗୋଲା, ଆଫଗାନିସ୍ତାନ ଓ କାମ୍ବୋଡିଆରେ ସୋଭିଏତ୍ ୟୁନିଅନ୍ ବିରୁଦ୍ଧରେ ଚୀନ୍ ସହିତ ପ୍ରକ୍ସି ଯୁଦ୍ଧ ଲଢ଼ିଥିଲେ। ଯାହା ସୋଭିଏତ୍ ଶକ୍ତିକୁ ଗୁରୁତର ଭାବରେ ଦୁର୍ବଳ କରିଦେଇଥିଲା। ଅର୍ଥାତ୍, ଆଜି ଆମେରିକା ଯାହା କରୁଛି ତାହା ଏହାର କୂଟନୈତିକ ପରମ୍ପରାର ଏକ ଅଂଶ ହୋଇଛି। କିନ୍ତୁ ଟ୍ରମ୍ପ୍ ଦୁଇ ପାଦ ଆଗକୁ, ତିନି ପାଦ ପଛକୁ ଏବଂ କିଛି ପାଦ ବାମ ଓ ଡାହାଣକୁ ନେଉଥିବା ପରି ମନେ ହେଉଛି। ଏହା ଦୃଶ୍ୟମାନ ଯେ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ, ଟ୍ରମ୍ପଙ୍କ ବୈଦେଶିକ ନୀତି ଗଭୀର ଜ୍ଞାନ ଓ ବିଶେଷଜ୍ଞତା ଅପେକ୍ଷା ତାଙ୍କ ଅନ୍ତଃସତ୍ତ୍ୱା ଭାବନା ଉପରେ ଆଧାରିତ।

ଏହି ସମୟରେ ଟ୍ରମ୍ପ୍ ଯେଉଁ ପରିବେଶ ସୃଷ୍ଟି କରିଛନ୍ତି। ତାହା ଦେଖାଉଛି ଯେ ସମସ୍ତେ ଆମେରିକୀୟ ବଜାରରେ ପ୍ରବେଶ ଚାହାଁନ୍ତି। ପ୍ରସଂଗରେ ଏହା ମଧ ସତ୍ୟ, ସେଥିପାଇଁ ଟ୍ରମ୍ପ୍ ଟାରିଫ୍ ଅସ୍ତ୍ର ମାଧମରେ ତାଙ୍କର ବୈଦେଶିକ ନୀତି ଚଳାଇବା ଆରମ୍ଭ କରିଥିଲେ। କିନ୍ତୁ ଏହି ଅସ୍ତ୍ର ବ୍ୟକ୍ତିଗତ ଭାବରେ ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାର୍ଥରେ ହୋଇପାରେ। କିନ୍ତୁ ଏହା ଆମେରିକାର ସ୍ୱାର୍ଥରେ ନୁହେଁ। ଯଦି ଟ୍ରମ୍ପ୍ 'ମାଇଟ୍-ମେକ୍-ସାଇଟ୍'ର ସାର୍ବଜନୀନ ନୀତି ଅନୁସରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି, ତେବେ ଏହା ତାଙ୍କ ପାଇଁ କ୍ଷତିକାରକ ହେବ। କାରଣ ଏହା ବନ୍ଧୁମାନଙ୍କୁ ଦୂରେଇ ଦେବ ଓ ଶତ୍ରୁମାନଙ୍କୁ ଭୟଭୀତ କରିବ ନାହିଁ। ଆନ୍ତର୍ଜାତୀୟ ସମ୍ପର୍କରେ, ରାଷ୍ଟ୍ରପତିଙ୍କ ସ୍ୱେଚ୍ଛାଚାରିତା ନୁହେଁ, ବରଂ ସ୍ଥିର ନୀତି ରହିବା ଉଚିତ୍। ସ୍ୱେଚ୍ଛାଚାରିତା ପ୍ରାୟତଃ ଭୂରାଜନୀତିରେ ଅପ୍ରତ୍ୟାଶିତ ଓ ବିପଜ୍ଜନକ ଫଳାଫଳ ଆଣିଥାଏ।

ଯେକୌଣସି ପରିସ୍ଥିତିରେ, ଟ୍ରମ୍ପ ନା ଜଣେ ବିଶ୍ୱବାଦୀ, ନା ଜଣେ ବିଚ୍ଛିନ୍ନତାବାଦୀ ନା ସେ ଜଣେ ଆଞ୍ଚଳିକବାଦୀ ହେବାକୁ ଚାହାଁନ୍ତି। ଯେଉଁମାନେ 'ଷ୍ଟେରସ୍'ର ସମର୍ଥକଙ୍କୁ ବିଶ୍ୱାସ କରନ୍ତି ସେମାନେ କେବଳ ଟ୍ରମ୍ପବାଦୀ। ତାଙ୍କର ବୈଦେଶିକ ନୀତିକୁ ତିନୋଟି ବର୍ଗରେ ବିଭକ୍ତ କରାଯାଇପାରିବ। ପ୍ରଥମ ବର୍ଗରେ ଚୀନ୍ ଓ ରୁଷ ଭଳି ଶକ୍ତି ଆସିଥାଏ। ଭାରତ, ବ୍ରାଜିଲ୍ ଓ ଦକ୍ଷିଣ ଆଫ୍ରିକାକୁ ଦ୍ୱିତୀୟରେ ରଖାଯାଇପାରିବ। ତୃତୀୟ ବର୍ଗରେ ସେହି ଗରିବ ଦେଶଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇପାରିବ। ଯାହାକୁ ବଡ଼ ଶକ୍ତି 'ଗ୍ରେଟ୍ ଗେମ୍'ର ଏକ ଅଂଶ ରଖିବାକୁ ଚାହାଁନ୍ତି। ରୁଷ ଓ ଚୀନ୍ ସହିତ ଆମେରିକାର ସମ୍ପର୍କ ଜଟିଳ ଓ ସଂଘର୍ଷପୂର୍ଣ୍ଣ ହୋଇଛି। ଆଜିର ସମୟରେ, ଯଦି ଆମେ ୟୁକ୍ରେନ, ଇସ୍ରାଏଲ, ଇରାନ, ସିରିଆ, ତୁର୍କୀ, ଉତ୍ତର କୋରିଆ ତଥା ତାଇୱାନ ଭଳି ଦେଶଗୁଡ଼ିକୁ ସେମାନଙ୍କ ସହିତ ଯୋଡିବା। କାରଣ ସେମାନଙ୍କର 'ମୁଣ୍ଡ କିମ୍ବା ଲାଞ୍ଜ' ସେଠାରେ ଅଛି। ତେବେ ମାମଲାଟି ଅଧିକ ଜଟିଳ ହୋଇଯାଏ। ଏପରି ପରିସ୍ଥିତିରେ, ଟ୍ରମ୍ପଙ୍କ ଦାୟିତ୍ୱ ୟୁକ୍ରେନ ଯୁଦ୍ଧ ଶେଷ କରିବା ଓ ଇସ୍ରାଏଲ ଉପରେ ନିୟନ୍ତ୍ରଣ ସ୍ଥାପନ କରି ପାଲେଷ୍ଟାଇନରେ ଶାନ୍ତି ଆଣିବା ଆବଶ୍ୟକ। ଯଦି ଏହା ହୁଏ, ତେବେ ବିଶ୍ୱ ସ୍ୱୀକାର କରିବ ଯେ ଟ୍ରମ୍ପବାଦ ସଫଳ ହୋଇଛି। ଏହା ତାଙ୍କୁ ନୋବେଲ ପୁରସ୍କାର ମଧ ଦେଇପାରେ।

କିନ୍ତୁ ଏକ ନିଷ୍କର୍ଷରେ ପହଞ୍ଚିବା ସମୟରେ, ଏହା ମନେ ରଖିବାକୁ ହେବ ଯେ ପୁଟିନ୍ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏକ ବ୍ୟାପକ ଭୂମିକା ଗ୍ରହଣ କରିବାକୁ ଚାହୁଁଛନ୍ତି। ଏପରିକି ଚୀନ୍ ଭାରତ ମହାସାଗରରେ ନିଜର ଜାଲ ବିସ୍ତାର କରି ଏହି ଅଞ୍ଚଳରେ ଶକ୍ତି ସନ୍ତୁଳନ ପାଇଁ ଏହାକୁ ବ୍ୟବହାର କରିବାର କଳା ଶିଖିଛି। ଅର୍ଥାତ୍ ଟ୍ରମ୍ପ ଟ୍ରମ୍ପବାଦର ରାସ୍ତାରେ କେବଳ ଏକ ପ୍ରାଚୀର ନୁହେଁ ବରଂ ଏକ ପାହାଡ଼ ଠିଆ ହୋଇଛି। ଯାହାହେଉ, ଟ୍ରମ୍ପ ଚୀନ୍ କୁ ଭୟ କରୁଥିବା ପରି ମନେ ହେଉଛି। ସେଥିପାଇଁ ସେ ପ୍ରଥମେ ଚୀନ୍ ଉପରେ ଶୁଳ୍କ ଲଗାଇ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯେତେବେଳେ ଚୀନ୍ ପ୍ରତିଶୋଧ ନେଲା, ସେ ଏତେ ଭୟଭୀତ ହୋଇଗଲେ ଯେ ସେ ପୁଣି ଥରେ ସମୟସୀମା ବୃଦ୍ଧି କଲେ। କେବଳ ଏତିକି ନୁହେଁ, ସେ ଏନଭିଡିଆ ଚିପ୍ସର ରପ୍ତାନି ଉପରେ ପ୍ରତିବନ୍ଧକ ଉଠାଇ ନିଜର ଜାତୀୟ ସୁରକ୍ଷା ନୀତିକୁ ଦୁର୍ବଳ କରିଦେଲେ।

ଟ୍ରମ୍ପ ଭାରତ, ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକା ଭଳି ଦେଶମାନଙ୍କ ସହିତ ଯେଉଁଭଳି ବ୍ୟବହାର କରୁଛନ୍ତି। ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକା ଆମେରିକାକୁ ସନ୍ଦେହଜନକ ଭାବରେ ଦେଖୁଛନ୍ତି । ଏପରିକି ଭାରତ ସହିତ ସମନ୍ୱୟ ଦୁର୍ବଳ ହେଉଥିବା ପରି ମନେ ହେଉଛି। ଏହା ସମ୍ଭବ ଯେ ବ୍ରିକ୍ସ (BRICS) ଏହି ସମନ୍ୱୟକୁ ଆହୁରି ମଜବୁତ କରିବ। ଆଜରବାଇଜାନ ଓ ଆର୍ମେନିଆ ତଥା କଙ୍ଗୋ ଓ ରୱାଣ୍ଡା ଭଳି ଗରିବ କିମ୍ବା ଛୋଟ ଦେଶଗୁଡ଼ିକରେ ଟ୍ରମ୍ପ ସଫଳ ହୋଇଥିଲେ। ଆଜରବାଇଜାନ-ଆମେରିଆରେ ଶାନ୍ତି ଚୁକ୍ତି , କଙ୍ଗୋ ଓ ରୱାଣ୍ଡା ମଧରେ ଯୁଦ୍ଧବିରତିକୁ ଟ୍ରମ୍ପଙ୍କ ସଫଳତା ଭାବରେ ଦେଖାଯାଇପାରେ।

ସାମଗ୍ରିକ ଭାବରେ ଟ୍ରମ୍ପଙ୍କ ବୈଦେଶିକ ନୀତି ଗୋଟିଏ ପଟେ ମସ୍କୋ ଓ ବେଜିଂକୁ ସନ୍ତୁଷ୍ଟ କରିବା, ପାକିସ୍ତାନ ସହିତ କ୍ରିପ୍ଟୋ ଚୁକ୍ତି ବଦଳରେ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୟନରେ ସହଯୋଗ ଓ କାତାର ସହିତ କୂଟନୀତି (ବିମାନ) ଉପହାର ଦେବା ପର୍ଯ୍ୟନ୍ତ ସୀମିତ ମନେ ହେଉଛି। ଏହା ଦ୍ୱାରା ଟ୍ରମ୍ପଙ୍କ ସ୍ୱାର୍ଥ ପୂରଣ ହୋଇପାରେ ସତ , କିନ୍ତୁ ଆମେରିକା କିଛି ଲାଭ କରିବ ନାହିଁ ବରଂ ବିଶ୍ୱ ଏହି ସିଦ୍ଧାନ୍ତରେ ପହଞ୍ଚିବ ଯେ ଆମେରିକୀୟ ଶକ୍ତି ଏବେ ଅତୁଳନୀୟ କିମ୍ବା ନିର୍ବିବାଦୀୟ ନୁହେଁ..!!!

**ତାରା ନିଳୟ , ପ୍ଲଟ -୮୫୪ ,ମୁକୁନ୍ଦ ପ୍ରସାଦ ,**
**ଖୋର୍ଦ୍ଧା-୫୫ , ସଂପର୍କ: ୯୦୪୦୧୫୧୪**

# ମାଟି ମାଆର ପର୍ବ ନୂଆଖାଇ



### ଲଳିତ ମୋହନ ମିଶ୍ର

ଆମେ ଆମର ମାଟିକୁ ମାଆ ବୋଲି କହୁ ଓ ଧାନକୁ ଲକ୍ଷ୍ମୀ ବୋଲି କହୁ। ତେବେ ଏ ନୂଆଖାଇ ପର୍ବଟି ହେଉଛି ଆମ ମାଟି ମାଆ ଓ ତାର ଫସଲର ପର୍ବ। ଏହା ଏକ କୃଷି ଭିତ୍ତିକ ପର୍ବ,ଏମିତି ଦେଖିବାକୁ ଗଲେ ଓଡ଼ିଶାର ଅର୍ଦ୍ଧାଧିକ ପର୍ବ କୃଷିଭିତ୍ତିକ । କିନ୍ତୁ ଏ ନୂଆଖାଇ ପର୍ବ ଏକ ନିଆରା ପର୍ବ। ଏହା ଭାଇଚାରାର ପର୍ବ। ଆନନ୍ଦ ଉଲ୍ଲାସର ପର୍ବ ଓ ଏକତାର ପର୍ବ। କାହିଁ କେଉଁ ଆବାହମାନ କାଳରୁ ଚାଲି ଆସୁଛି ଏ ପରମ୍ପରା।

ବିଶେଷତଃ ଏହା ଏକ ଗଣ ଓ କୃଷି ପର୍ବ ଯାହାକି ମୁଖ୍ୟତଃ ପଶ୍ଚିମ ଓଡ଼ିଶାରେ ପାଳନ କରାଯାଏ। ଏହାର ପରମ୍ପରା ନୀତି ସ୍ୱତନ୍ତ୍ର ଓ ନିଆରା। ଆମ ଓଡ଼ିଶା ଏକ କୃଷି ପ୍ରଧାନ ଦେଶ। ଅତୀତରେ ପ୍ରତ୍ୟେକ ଲୋକ କୃଷକ ଥିଲେ ଚାଷ କାମ କରୁଥିଲେ। ଏଣୁ କୃଷି ବା ଚାଷ ହିଁ ଆମର ପ୍ରଧାନ କର୍ମ। ଏହାକୁ ନେଇ ଲୋକମାନଙ୍କ ଜୀବନ ଜୀବିକା ନିର୍ବାହ। ଏଥିପାଇଁ ସେ ଏହି କର୍ମକୁ ଏକ ପର୍ବ ରୂପରେ ପାଳନ କରୁଥିଲେ। ପୂଜା କରୁଥିଲେ ଓ ଏହାର ଅନ୍ତିମ କର୍ମ କୃଷିରୁ ଯେଉଁ ସବୁ ଫଳ ବା ଶଷ୍ୟ ଉତ୍ପାଦନ ହେଉଥିଲା... ତାହାକୁ ତାଙ୍କର ଇଷ୍ଟ ଦେବୀଙ୍କ ନିକଟରେ ସମର୍ପଣ କରୁଥିଲେ। ତେଣୁ ଏହା ଏକ ଆନନ୍ଦର ପର୍ବ। କୃଷକ ଭାଇ ମାନଙ୍କର ଅକ୍ଳାନ୍ତ ପରିଶ୍ରମରେ ହିଁ ଶସ୍ୟ ଅମଳ ହୋଇଥାଏ। ତେଣୁ ଏହି ଦିନକୁ ସେମାନେ ଉଲ୍ଲାସ ସହକାରେ ପାଳନ କରିଥାନ୍ତି।

ପଶ୍ଚିମ ଓଡ଼ିଶାରେ ଘରେଘରେ ଏହା ପାଳନ କରାଯାଏ। ଘରର ଯଦି କୌଣସି ସଦସ୍ୟ ବାହାରେ ରହୁଥାନ୍ତି, ଏହି ସମୟରେ ଘରକୁ ଆସନ୍ତି.... ନୂଆଖାଇ ପର୍ବ ପାଳନ କରିବାକୁ ଓ ନବାନ୍ନ ଭକ୍ଷଣ କରିବାକୁ। ଏହା ଯୌଥ ପରିବାରରେ ବହୁତ ଆଡ଼ମ୍ବର ସହିତ ପାଳନ କରଯାଏ। ସଭିଏଁ ଗୋଟିଏ ସ୍ଥାନରେ ଭେଟ ହୋଇ ଆନନ୍ଦ ଉଲ୍ଲାସ ସହିତ ପାଳନ କରୁଥିବାରୁ.... ଏହାକୁ ନୂଆଖାଇ ଭେଟଘାଟ କୁହାଯାଏ। ତେବେ ସମ୍ବଲପୁର ଅଞ୍ଚଳରେ ମାଆ ସମଲେଇଙ୍କ ନିକଟରେ ଏହା ବିଶେଷ ଆଡ଼ମ୍ବର ଓ ସ୍ୱତନ୍ତ୍ର ଭାବରେ ପାଳନ କରାଯାଏ। ଏହା ସହିତ ମାଆ ମାଣିକେଶ୍ୱରୀ, କିଚକେଶ୍ୱରୀ ଇତ୍ୟାଦି ପୀଠରେ ମଧ ବହୁତ ଧୁମଧାମରେ ପାଳନ କରାଯାଏ। ସକାଳୁ ସକାଳୁ ସ୍ନାନ ସାରି ଘରର ନାରୀମାନେ ଚୁଲି ଲିପା ପୋଛା କରି ନୂତନ ଉତ୍ପାଦିତ ଶଷ୍ୟରେ ପିଠା,ମିଠା,ଖିରି,ପୁରି ଇତ୍ୟାଦି ତିଆରି କରି ରଖନ୍ତି । ସେହିପରି ମନ୍ଦିରରେ ମଧ ନିର୍ଦ୍ଧାରିତ ସମୟରେ ପ୍ରସ୍ତୁତ ନବାନ୍ନକୁ ମାଆଙ୍କ ନିକଟରେ ସମର୍ପଣ କରାଯାଏ। ଏହିପରି ଘରେଘରେ ନିଜ ଇଷ୍ଟଦେବୀଙ୍କ ନିକଟରେ ମଧ ନବାନ୍ନ ନୈବେଦ୍ୟ ହେଲାପରେ... ସମସ୍ତେ ଘରେ ଏକାଠି ବସିକରି ଆବାଳ ବୃଦ୍ଧବନିତା ସେହି ନୈବେଦ୍ୟକୁ ସେବନ କରନ୍ତି। ପ୍ରଥମେ ଘରର ମୁରବୀ ଅର୍ଥାତ୍ ଜ୍ୟେଷ୍ଠ ବ୍ୟକ୍ତି ହିଁ ନବାନ୍ନ ଭକ୍ଷଣ କରନ୍ତି.... ଏହାପରେ ଭେଟଘାଟ ଉତ୍ସବ ପାଳନ କରାଯାଇଥାଏ।

ସମସ୍ତେ ନୂତନ ବସ୍ତ୍ର ଧାରଣ କରି ମାଆଙ୍କୁ ଆରାଧନା କରନ୍ତି। ଜ୍ୟେଷ୍ଠ ବ୍ୟକ୍ତିଙ୍କ ଠାରୁ ଘରର ଛୋଟ ପିଲାମାନେ ଆଶୀର୍ବାଦ ଭିକ୍ଷା କରନ୍ତି। ପରେପରେ ଭେଟଘାଟ ପର୍ବରେ କଥାବାର୍ତ୍ତା ଠାରୁ ଆରମ୍ଭ କରି ସଂଗୀତ ନୃତ୍ୟ ଚାଲେ। ମନାନ୍ତର ମତାନ୍ତର ଥିଲେ ମଧ ଉଭୟ ଉଭୟ ମଧରେ ଭାବର ଖୁସି ବାଣ୍ଟି ଆନନ୍ଦିତ ହୋଇଥାନ୍ତି। ତେଣୁ ଏ ପର୍ବ ଏକ ଗଣପର୍ବ, ସଂଘତୀର ପର୍ବ ଓ ଭାଇଚାରାର ପର୍ବ। ମାଟି ମାଆ ସହ ଯୋଡ଼ିହୋଇ ରହିଥିବା ଏ ପରମ୍ପରା ସବୁଠାରୁ ନିଆରା। ଏ ପର୍ବ ଏକ ସ୍ୱତନ୍ତ୍ର। ମାଟି ମାଆ ସହ ଯୋଡ଼ି ହେବାର ଏକ ମହନୀୟ ପରମ୍ପରା।

ପଶ୍ଚିମ ଓଡିଶାର ଅଧିବାସୀ ଓ ଲୋକ ସମାଜ ପ୍ରକୃତି ସହିତ ଏକ ନିବିଡ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରି ବଂଚି ଆସୁଥିବାରୁ.... କେବଳ ଧାନ ହିଁ ନୂଆଖାଇ ମଧରେ ସିମିତ ନ ରହି.... ପ୍ରତିଟି ଶସ୍ୟର ନୂଆ ଫସଲକୁ ଇଷ୍ଟ ଦେବାଦେବୀଙ୍କୁ ସମର୍ପଣ କରି ବ୍ୟବହାର କରିଥାନ୍ତି। ଠିକ ସେହିପରି ଶ୍ରାବଣ ମାସରେ ମାଣ୍ଡିଆ ନୂଆଖୁଆ ଓ ଗୁର୍ଜୀ ନୂଆଖୁଆ,ଦଶହରା ଶୁକ୍ଳ ଦଶମୀ ଦିନ ବାଲିଗଜା ସମୟରେ ମକା ମଞ୍ଜିର ଗଜାକରି ପୂଜା କରିବା ପରେ ମକା ଖାଇବା ପରମ୍ପରା ଥିଲା। ଦଶହରା ଅଷ୍ଟମୀ ଦିନ ପୁଅ ଜିଉନ୍ତିଆ ଓଷାକରି ସାରିବା ପରେ କମଳା ଜାତୀୟ ଫଳ ପୂଜା କରି ସାରିବା ପରେ ସେହି ଫଳ ସବୁ ଖାଇବା ପଶ୍ଚିମ ଓଡିଶାର ଏକ ମୂଖ୍ୟ ପ୍ରଥା। ମାର୍ଗଶୀର ମାସରେ କୃଷ୍ଣ ପକ୍ଷ ଅଷ୍ଟମୀ ଦିନ ଶିମ୍ବ,କଖାରୁ,ବିରି,ଝୁଡଙ୍ଗ,ମୂଳା ଇତ୍ୟାଦିକୁ ପୂଜା କରି ଦେବାତାଙ୍କୁ ଅର୍ପଣ କରିସାରିବା ପରେ ଖୁଆଯାଇଥାଏ। ଫାଲଗୁନ ପୂର୍ଣ୍ଣିମା ଦିନ ଆମ୍ବକୁ ଦେବତାଙ୍କ ପାଖରେ ପୂଜା କରି ସେହିଦିନ ଠାରୁ ଖୁଆଯାଏ। ଚୈତ୍ର ପୂର୍ଣ୍ଣିମା ପୂର୍ବରୁ ଯେଉଁ ମଙ୍ଗଳବାର ପଡେ ସେହି ମଙ୍ଗଳବାର ଦିନ କାଙ୍ଗୁଲ,ମହୁଲ,ଚାହାଁର ଇତ୍ୟାଦି ଫଳକୁ ଭାଜିକରି ଦେବାଦେବୀଙ୍କୁ ଅର୍ପଣ କରିବା ପରେ ଖିଆ ହୋଇଥାଏ। ଏଥିରୁ ସ୍ପଷ୍ଟ ଜଣାପଡେ ଯେ,ମନୁଷ୍ଯ ଯେତେସବୁ ଶସ୍ୟ ଉତ୍ପାଦନ କରେ... ସେସବୁକୁ ପ୍ରଥମେ ନିଜ ଦେବାଦେବୀଙ୍କୁ ଅର୍ପଣ କରିବା ପରେ ହିଁ ଭକ୍ଷଣ କରିଥାଏ। ହେଲେ ଆଜିକାଲିର ଏହି ପରିବେଶଗତ ଅସନ୍ତୁଳନ ଜନୀତ ଆଧୁନିକ ମଣିଷ... ଠିକ୍ ସମୟ ପୂର୍ବରୁ ଚାଷ କରି ଅମଳ କରି ପାରୁଛି... ବେଳେ ବେଳେ କୌଣସି ପ୍ରକାରେ ସମୟ ନଥାଇ ମଧ୍ଯ ସବୁ କିଛି ପର୍ବ ଭଳି ହୋଇପାରୁଛି,ତେଣୁ କ୍ରମଶଃ ଏହାର ଗୁରୁତ୍ୱ କମିବାରେ ଲାଗିଛି। ଏତେସବୁ ଘଟଣା ପରେ ମଧ୍ଯ ମୂଖ୍ୟତଃ ଧାନ ଚାଷ ପ୍ରାୟତଃ.... ପରିବେଶ ଗତ ଅସନ୍ତୁଳିତ ଜନିତ ଚାଷ କରିବାର ସମୟ ସାଙ୍ଗକୁ.... ଅମଳ କରିବାର ସମୟ ବଳୁଥିଲେ ହେଁ... ଆଜି ମଧ ସେହି ପ୍ରାଚୀନ ପରମ୍ପରା ଭାଦ୍ରବ ଶୁକ୍ଳ ପକ୍ଷରେ ନୂଆଖାଇ ପର୍ବ ମହା ଧୂମଧାମରେ ପାଳନ କରି ଆସୁଛନ୍ତି। ତେଣୁ ଏହା ହିଁ ପଶ୍ଚିମ ଓଡିଶାର ମୂଖ୍ୟ ପର୍ବ ନୂଆଖାଇ।

ନୂଆଖାଇ ବା ନବାନ୍ନ ଭକ୍ଷଣ ପର୍ବ ଯେଉଁଦିନ ନୂଆଅନ୍ନ ଖିଆଯାଏ... ତାହା କେବଳ ସେହି ଦିନଟିକୁ ବୁଝାଯାଏ ନାହିଁ... ବରଂ ନୂଆଖାଇ ଦିନ ସହିତ ତାର ପୂର୍ବ ପ୍ରସ୍ତୁତି.... ଏବଂ ପରବରେ ଯେଉଁ ପ୍ରଥା ରହିଛି ତାକୁ ମିଶାଇ ନୂଆଖାଇ ପର୍ବ । ନୂଆଖାଇର ପରଦିନକୁ ନୂଆଖାଇ ବାସି ଦିନ... ଆହୁରି ଧୂମଧାମରେ ପିଠାପଣା ମାଛ ମାଂସ ଭୋଜିଭାତ ମାଧ୍ଯମରେ ବନ୍ଧୁ ମିଳନ.... ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ କରାଯାଇଥାଏ। ଏହି ନୂଆଖାଇ ବାସୀ ଦିନ ହଜାର ହଜାର ସଂଖ୍ୟାରେ କୁକୁଡା,ଖାସି,ଗଡରା,ଛେଳି ଇତ୍ୟାଦି ବଧକରି ଲୋକେ ବାସୀ ନୂଆଖାଇ ପାଳନ କରନ୍ତି। ସ୍ଥାନେ ସ୍ଥାନେ ନୂଆଖାଇ ସରିବା ପରେ ସାତ ଆଠଦିନ ପରେ ମଧ.... ଆଖ ପାଖ ସାଂସ୍କୃତିକ ଦଳ ଓ ମୂଖ୍ୟ ଲୋକମାନଙ୍କୁ ନେଇ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥାଏ। ଏଥିରୁ ସୃଷ୍ଟ ପ୍ରତୀତ ,ଯେଉଁ ପରମ୍ପରା ଆଦିମ କାଳରୁ ପ୍ରଚଳିତ ହୋଇ ଆସୁଅଛି..... ତାହା ଆଜି ବି ପ୍ରତିଟି ଓଡିଆ ମନରେ ନୂଆଖାଇ ପ୍ରତିଫଳିତ ହେବା ସହ ଆନନ୍ଦ ଉଲ୍ଲାସରେ ପାଳନ କରିବା ଉଚିତ।





**ଅରବିନ୍ଦ ନଗର, ନୟାଗଡ଼,**
**ମୋବାଇଲ୍: ୯୪୩୭୯୮୫୮୬୬**

# କଫିର କାହାଣୀ



### ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ କଫି ଏବଂ ଚା କେବଳ ପାନୀୟ ନୁହେଁ ବରଂ ଆମ ସାମାଜିକ ସମାବେଶ ଏବଂ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଗଲାଣି। ସକାଳର ଉଦ୍ଦୀପନା ହେଉ କିମ୍ବା ବନ୍ଧୁମାନଙ୍କ ସହିତ ଗପସପ ଏକ କପ୍ କଫି ଆମକୁ ସଂଯୋଗ କରେ। ଏହି କଫି ଯାହାକୁ ଆମେ ଶୁଦ୍ଧ ଏବଂ ନିରାମିଷ ବୋଲି ମାନିଥାଉ ବାସ୍ତବରେ ନିରାମିଷ କି? ସମ୍ପ୍ରତି ସୋସିଆଲ ମିଡିଆ ଏବଂ ଅଧ୍ୟୟନରେ ଏକ ଆଶ୍ଚର୍ଯ୍ୟଜନକ ଖବର ପ୍ରକାଶ କରିଛି ଯେ କଫି ପାଉଡରରେ ଅସରପା ଭଳି କୀଟପତଙ୍ଗ ମିଶିପାରେ। ଏହା କେବଳ ଖାଦ୍ୟ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇ ନାହିଁ ବରଂ ଲକ୍ଷ ଲକ୍ଷ ନିରାମିଷଭୋଗୀଙ୍କ ବିଶ୍ୱାସକୁ ଭାଙ୍ଗି ଦେଉଛି ଯେଉଁମାନେ ସେମାନଙ୍କ ଖାଦ୍ୟ ପ୍ରତି ସଚେତନ। ପାନୀୟ ଏବଂ ଖାଦ୍ୟ ସାମଗ୍ରୀରେ ମିଶ୍ରଣ ସମସ୍ୟା ଏକ ଗମ୍ଭୀର ପ୍ରସଙ୍ଗ ଯାହାକୁ ହାଲୁକା ଭାବରେ ନିଆଯିବା ଉଚିତ୍ ନୁହେଁ। କଫି ପାଉଡରରେ ଅସରପା ଥିବାର ଚିନ୍ତାଧାରା ଘୃଣ୍ୟ ଲାଗିପାରେ କିନ୍ତୁ ଏହା କେବଳ ଏକ ଭୟଙ୍କର ସପ୍ନ ନୁହେଁ ବରଂ ଏକ ବାସ୍ତବତା ଯାହା ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଗୁଣବତ୍ତା ନିୟନ୍ତ୍ରଣର ତ୍ରୁଟିକୁ ଉଜାଗର କରେ। କିଛି ଅଧ୍ୟୟନ ଏବଂ ଗ୍ରାହକଙ୍କ ଅଭିଯୋଗ ଅନୁସାରେ ଶସ୍ତା ଏବଂ ନିମ୍ନମାନର କଫି ପାଉଡରରେ କୀଟପତଙ୍ଗ, ଅସରପା ଅବଶେଷ ଏବଂ ଅନ୍ୟାନ୍ୟ ଅଶୁଦ୍ଧତା ମିଳିଛି। ଏହି ସମସ୍ୟା ବିଶେଷ ଭାବରେ ସେହି ବ୍ରାଣ୍ଡଗୁଡ଼ିକରେ ଦେଖାଯାଏ ଯେଉଁମାନେ ଖର୍ଚ୍ଚ କମାଇବା ପାଇଁ ନିମ୍ନମାନର କଞ୍ଚାମାଲ ବ୍ୟବହାର କରନ୍ତି। କିମ୍ବା ଯାହାର ଉତ୍ପାଦନ ୟୁନିଟ୍ ସ୍ୱଚ୍ଛତା ମାନଦଣ୍ଡ ପାଳନ କରନ୍ତି ନାହିଁ। ଅସରପା ଭଳି କୀଟପତଙ୍ଗ କେବଳ କଫିକୁ ଅପବିତ୍ର କରନ୍ତି ନାହିଁ ବରଂ ଏହାକୁ ନିରାମିଷ ପାନୀୟ ବର୍ଗରୁ ବାହାର କରିଦିଅନ୍ତି। ଭାରତ ଭଳି ଦେଶ ଯେଉଁଠାରେ ନିରାମିଷ ଭୋଜନ କେବଳ ଏକ ଖାଦ୍ୟ ନୁହେଁ ବରଂ ଏକ ଧାର୍ମିକ-ସାଂସ୍କୃତିକ ମୂଲ୍ୟବୋଧ। ନିରାମିଷାଶୀ ମାନେ ସେମାନଙ୍କ ଖାଦ୍ୟ ଏବଂ ପାନୀୟରେ ପ୍ରାଣୀ-ଭିତ୍ତିକ ଉପାଦାନକୁ ଏଡ଼ାନ୍ତି। ଏପରି ମିଶ୍ରଣ ସେମାନଙ୍କ ପସନ୍ଦ ଏବଂ ବିଶ୍ୱାସକୁ ଉଲ୍ଲଂଘନ କରେ। ଏହା କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ ବରଂ ନୀତି ଏବଂ ବିଶ୍ୱାସର ଏକ ପ୍ରଶ୍ନ। ଅନ୍ୟପକ୍ଷରେ ଯଦି କେହି କଫିର ତାଜା( ମଂଜି) ବିନ୍ସକୁ ପେଷି ନିଜେ କଫି ତିଆରି କରନ୍ତି ତେବେ ମିଶ୍ରଣର ଭୟ ନାହିଁ। ଅସରପା ଦ୍ୱାରା କଫି ପାଉଡର ମିଶ୍ରଣ କେବଳ ଏକ ଉଦାହରଣ। ଭାରତରେ ଖାଦ୍ୟ ସାମଗ୍ରୀରେ ମିଶ୍ରଣର ସମସ୍ୟା ବହୁ ଦିନ ଧରି ଚାଲିଛି। କ୍ଷୀର, ମସଲା, ମହୁ, ଘିଅ ଭଳି ପ୍ରତିଦିନର ଖାଦ୍ୟ ସାମଗ୍ରୀ ମିଶ୍ରଣର ଶିକାର ହେଉଛନ୍ତି। କ୍ଷୀରରେ ସହିତ ପାଣି, ୟୁରିଆ କିମ୍ବା ଡିଟରଜେଣ୍ଟ ମିଶ୍ରଣ ହେବାର ରିପୋର୍ଟ ସାଧାରଣ। ମସଲାରେ କୃତ୍ରିମ ରଙ୍ଗ କିମ୍ବା ଇଟା ପାଉଡର ସହିତ ମିଶ୍ରଣ। ଚିନି ସହିତ ମହୁ ଏବଂ ଉଦ୍ଭିଦ ତେଲ ସହିତ ଘିଅର ମିଶ୍ରଣ ନୂଆ ନୁହେଁ। ଏହି ମିଶ୍ରଣଗୁଡ଼ିକ ମଧ୍ୟରୁ ଅନେକ ନିରାମିଷ ଖାଦ୍ୟକୁ ପ୍ରଭାବିତ କରନ୍ତି। କିଛି କ୍ଷେତ୍ରରେ ପ୍ରାଣୀ-ଭିତ୍ତିକ ଉପାଦାନ ମଧ ରହିପାରେ। କିଛି ଶସ୍ତା ଘିଅ ବ୍ରାଣ୍ଡରେ ପଶୁ ଚର୍ବି ମିଶାଯାଇଥିବା ମଧ ଦେଖାଯାଇଛି ଯାହାକୁ ନିରାମିଷଭୋଜୀମାନେ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରନ୍ତି। କିଛି ମିଠା ଉତ୍ପାଦରେ ଅଣ୍ଡା କିମ୍ବା ପଶୁ-ଭିତ୍ତିକ ଜିଲାଟିନ୍ ବ୍ୟବହାର କରାଯାଏ ଯାହା ପ୍ୟାକେଜିଂରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇ ନାହିଁ। ମିଶ୍ରଣର ପ୍ରଭାବ କେବଳ ସ୍ୱାଦ କିମ୍ବା ଗୁଣବତ୍ତା ପର୍ଯ୍ୟନ୍ତ ସୀମିତ ନୁହେଁ ଏହା ସ୍ୱାସ୍ଥ୍ୟ ପାଇଁ ମଧ ବିପଦ ସୃଷ୍ଟି କରେ। ଅସରପା ଏବଂ ଅନ୍ୟାନ୍ୟ କୀଟପତଙ୍ଗର ଜୀବାଣୁ ରୋଗର ବାହକ ହୋଇପାରନ୍ତି ଯାହା କଫି ସହିତ ସେବନ କଲେ ପେଟ ରୋଗ, ଆଲର୍ଜି ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କୃତ୍ରିମ ରଙ୍ଗ କିମ୍ବା ପ୍ରିଜରଭେଟିଭ୍ ଭଳି ମିଶ୍ରିତ ଖାଦ୍ୟରେ ରାସାୟନିକ ପଦାର୍ଥର ବ୍ୟବହାର କର୍କଟ, ବୃକକ୍ ରୋଗ ଏବଂ ହୃଦରୋଗ ଭଳି ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ନିରାମିଷଭୋଜୀମାନେ ସେମାନଙ୍କ ଖାଦ୍ୟ ପ୍ରତି ସଚେତନ ଥାଆନ୍ତି କାରଣ ଏହା ସେମାନଙ୍କର ଧାର୍ମିକ-ସାଂସ୍କୃତିକ-ପରିବେଶଗତ ବିଶ୍ୱାସର ଏକ ଅଂଶ। ଯେତେବେଳେ ସେମାନେ ଜାଣନ୍ତି ଯେ ସେମାନଙ୍କର ଖାଦ୍ୟ ନିରାମିଷ ନୁହେଁ ସେମାନଙ୍କର ବିଶ୍ୱାସ ଏବଂ ମୂଲ୍ୟବୋଧ ଆଘାତ ପାଏ। ଏହା ଖାଦ୍ୟ କମ୍ପାନୀ ଏବଂ ନିୟାମକ ସଂସ୍ଥାଗୁଡ଼ିକ ଉପରେ ମଧ ପ୍ରଶ୍ନ ଉଠାଏ ଯେ ସେମାନେ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେଇପାରୁ ନାହାଁନ୍ତି। ମିଶ୍ରଣର ଅନେକ କାରଣ ଅଛି - ପ୍ରଥମତଃ, ଖର୍ଚ୍ଚ ହ୍ରାସ କରିବା ପାଇଁ ଦୌଡ଼, ଦ୍ୱିତୀୟତଃ, ଖାଦ୍ୟ ସୁରକ୍ଷା ନିୟମ ପାଳନ ନ କରିବା ଏବଂ ଯାଞ୍ଚର ଅଭାବ, ତୃତୀୟତଃ, ଗ୍ରାହକଙ୍କ ମଧ୍ୟରେ ସଚେତନତାର ଅଭାବ। ଏହି ସମସ୍ୟାର ସମାଧାନ ସେତେବେଳେ ସମ୍ଭବ ଯେତେବେଳେ ସମସ୍ତ ଅଂଶୀଦାରମାନେ ଏକାଠି କାମ କରିବେ। ସରକାର ଖାଦ୍ୟ ସୁରକ୍ଷା ମାନଦଣ୍ଡକୁ ଅଧିକ କଠୋର କରିବା ଉଚିତ ଏବଂ ନିୟମିତ ଯାଞ୍ଚ ସୁନିଶ୍ଚିତ କରିବା ଉଚିତ। ଖାଦ୍ୟ କମ୍ପାନୀଗୁଡ଼ିକ ସ୍ୱଚ୍ଛତା ଅଭ୍ୟାସ କରିବା ଉଚିତ ଏବଂ ପ୍ୟାକେଜିଂରେ ସେମାନଙ୍କ ଉତ୍ପାଦର ଉପାଦାନଗୁଡ଼ିକୁ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଉଚିତ। ଗ୍ରାହକମାନଙ୍କୁ ମଧ ସଚେତନ ହେବାକୁ ପଡିବ ଏବଂ ନିର୍ଭରଯୋଗ୍ୟ ବ୍ରାଣ୍ଡ ବାଛିବାକୁ ପଡିବ। ସରକାର ଖାଦ୍ୟ କମ୍ପାନୀଗୁଡ଼ିକ ଏବଂ ଗ୍ରାହକମାନଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ଏକାଠି କାମ କରିବାକୁ ପଡିବ ଯାହା ଦ୍ୱାରା ଆମର ଖାଦ୍ୟ ଏବଂ ପାନୀୟ କେବଳ ସ୍ୱାଦିଷ୍ଟ ନୁହେଁ ବରଂ ଶୁଦ୍ଧ ଏବଂ ନୀତିଗତ ହେବ। ଏକ କପ୍ କଫି ଆମକୁ ସତେଜ ଏବଂ ଆନନ୍ଦିତ କରେ। ଏହା ଆମର ଅଧିକାର ଯେ ଏହା ନିରାମିଷ ଏବଂ ସୁରକ୍ଷିତ ହେବା ଉଚିତ୍।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

# ଲଳିତା ସପ୍ତମୀରେ କୁକ୍ କୁଟୀ ବ୍ରତ



### ସନ୍ତୋଷ କୁମାର ଦାଶ

ଆମ ଓଡ଼ିଆ ସଂସ୍କୃତି ରେ ରହିଛି ବାର ମାସରେ ତେର ପର୍ବ। ତା ମଧ୍ୟରୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ସପ୍ତମୀ ଯାହା ଲଳିତା ସପ୍ତମୀ ଭାବେ ପରିଚିତ ସେହି ଦିନ ପାଳିତ ହେଉଥିବା କୁକ୍ କୁଟୀ ବ୍ରତ ଅନ୍ୟତମ।ଏହି ବ୍ରତ କୁ ପୁତ୍ର ସନ୍ତାନ ପ୍ରାପ୍ତି ର କାମନା କରି ଆମ ରାଜ୍ୟ ଓଡ଼ିଶା ଓ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟ ର ସଧବା ନାରୀ ମାନେ ପାଳନ କରିଥାନ୍ତି।ଏହି ଓଷା ରେ ପ୍ରଭୁ ଶିବଶଙ୍କର ଓ ମାତା ପାର୍ବତୀ ଙ୍କୁ ଏକତ୍ର ପୂଜା କରା ଯାଇଥାଏ। ଯେ କୌଣସି ବଟ ଅଥବା ଅଶ୍ୱତ୍ଥ ବୃକ୍ଷ ନିକଟରେ ପଞ୍ଚ ମୁରୁଜ ରେ ପ୍ରଭୁ ଶିବ ଶଙ୍କର ଓ ମାତା ପାର୍ବତୀ ଙ୍କ ଚିତ୍ର ଅଙ୍କାଯାଇ ଉଭୟ ଙ୍କୁ ଫୁଲ, ଧୂପ, ଦୀପ,ଗନ୍ଧ ଅର୍ପଣ କରା ଯାଇଥାଏ। ଓଷା /ବ୍ରତ ପାଳନ କରୁଥିବା ମହିଳା ମାନେ ସେହି ଠାରେ ୮ ପ୍ରକାର ର ଫଳ ମୂଳ ଭୋଗ ଲାଗି କରିଥାନ୍ତି। ଏକ ନାଲି ରଙ୍ଗର ସୂତା ( ବ୍ରତ) କୁ ସେଠାରେ ପୂଜା କରାଯିବାପରେ ତହିଁ ରେ ୮ ଟି ଗଣ୍ଠି ପକାଯାଏ। ପୂଜା ପରେ ମହିଳା ମାନେ ପ୍ରଭୁ ଶିବ ଶଙ୍କର ଓ ମାତା ପାର୍ବତୀ ଙ୍କ ନାମ ସ୍ମରଣ କରି ଏକ ପୁତ୍ର ସନ୍ତାନ ପ୍ରାପ୍ତି ର ମାନସିକ ରଖି ଉକ୍ତ ନାଲି ରଙ୍ଗର ବ୍ରତ କୁ ନିଜ ବାମ ହାତରେ ବାନ୍ଧି ଥାନ୍ତି। ବିଶ୍ୱାସ ରହିଛି ଯେ, ଏହି ବ୍ରତ/ଓଷା ପାଳନ କରୁଥିବା ମହିଳା ଦ୍ୱିତୀୟ ବର୍ଷ ର ପୂଜା ପୂର୍ବରୁ ଗର୍ଭବତୀ ହୋଇ ସାରିଥାନ୍ତି। କିମ୍ବଦନ୍ତୀ ରହିଛି ଯେ, ଲୋମଶ ଋଷି ଙ୍କ ପରାମର୍ଶ କ୍ରମେ ମାତା ଦେବକୀ ଏହି ବ୍ରତ/ଓଷା ପାଳନ କରି ପ୍ରଭୁ ଶ୍ରୀ କୃଷ୍ଣ ଙ୍କୁ ପୁତ୍ର ଭାବେ ପାଇଥିଲେ। ଆଉ ଏକ କିମ୍ବଦନ୍ତୀ ଅନୁଯାୟୀ ନହୁଷ ନାମକ ଜଣେ ରାଜା ଥିଲେ। ତାଙ୍କ ର ଦୁଇଟି ପତ୍ନୀ ଥିଲେ।ଜଣଙ୍କ ନାମ ଚନ୍ଦ୍ରମୁଖୀ ଆଉ ଜଣଙ୍କ ନାମ ମୀନା। ଚନ୍ଦ୍ରମୁଖୀ ଏହି ବ୍ରତ/ ଓଷା ପାଳନ କରି ଥିବାରୁ ପର ଜନ୍ମରେ ରାଜ କନ୍ୟା ଭାବେ ଜନ୍ମ ଗ୍ରହଣ କରି ଜଣେ ରାଜକୁମାର ଙ୍କୁ ବିବାହ କରି ସୁଖ ରେ କାଳ କାଟିଥିଲେ। ରାଜା ଙ୍କ ଅନ୍ୟ ରାଣୀ ମୀନା ଏହି ବ୍ରତ ନ କରିବାରୁ ପର ଜନ୍ମ ରେ କୁକୁଡ଼ା ରୂପେ ଜନ୍ମ ନେଇଥିଲେ। ସେହି କୁକୁଡ଼ା ନିଜ ଭୁଲ ବୁଝି ପାରି ଏହି ବ୍ରତ ପାଳନ କରି କୁକୁଡ଼ା ଜନ୍ମ ରୁ ମୁକ୍ତି ପାଇ ଥିଲା। ଏଣୁ ଏହି ବ୍ରତ/ଓଷା ର ନାମ କୁକ୍ କୁଟୀ ବ୍ରତ ହୋଇଥିବା କୁହା ଯାଇଥାଏ। ସେ ଯାହା ହେଉନା କାହିଁକି ଲଳିତା ସପ୍ତମୀ ଦିନ ପ୍ରଭୁ ଶିବ ଶଙ୍କର ଓ ମାତା ପାର୍ବତୀ ଙ୍କୁ ପୂଜା କଲେ ପୁତ୍ର ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହି ଥିବାରୁ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ଏହି ବ୍ରତ/ଓଷା ଭକ୍ତି ଓ ନିଷ୍ଠାର ସହିତ ପାଳିତ ହୋଇ ଆସୁଛି। ଜୟ ଶିବ ଶଙ୍କର।।

**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮**

ଟ୍ରମ୍ପଙ୍କୁ ଭାରତର ଝଟକା

# ନୋବେଲ ଶାନ୍ତି ପୁରସ୍କାର ପାଇଁ କଲାନି ନୋମିନେଟ



**ନୂଆଦିଲ୍ଲୀ, ୩୦।୮:** ଭାରତ-ପାକିସ୍ତାନ ଯୁଦ୍ଧ ରୋକିବାରେ ବାରମ୍ବାର ନିଜ ଭୂମିକା ଥିବାର କହୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜୋରଦାର ଝଟକା ଲାଗିଛି। ଏହି ଯୁଦ୍ଧ ରୋକିବାର ଶ୍ରେୟକୁ ନେଇ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିଲେ। ହେଲେ ଭାରତ ଏଥି ପାଇଁ ଟ୍ରମ୍ପଙ୍କୁ ନୋମିନେଟ କରିବାକୁ ମନା କରିଦେଇଛି। ନ୍ୟୁୟର୍କ ଟାଇମ୍ସ ଅନୁସାରେ ଟ୍ରମ୍ପ ପୁଣି ଥରେ ଜୁନ ୧୭ ତାରିଖରେ ମୋଦିଙ୍କୁ ଭାରତ-ପାକ ଯୁଦ୍ଧ ରୋକିବାରେ ତାଙ୍କ ଭୂମିକା ସମ୍ପର୍କରେ ଜଣାଇଥିଲେ। ଏଥି ପାଇଁ ଟ୍ରମ୍ପ ନୋବେଲ ପୁରସ୍କାର ନିମନ୍ତେ ତାଙ୍କୁ ନୋମିନେଟ କରିବାକୁ ମୋଦିଙ୍କୁ କହିଥିଲେ। ନ୍ୟୁୟର୍କ ଟାଇମ୍ସ ଅନୁସାରେ ମୋଦିଙ୍କଠାରୁ ରାଷ୍ଟ୍ରପତି ଟ୍ରମ୍ପ ଯାହା ସବୁଠୁ ଅଧିକ ଚାହୁଁଥିଲେ, ତାହା ରାଜନୈତିକ ରୂପେ ଅପ୍ରାସଙ୍ଗିକ। ଯଦି ଏହା ମନେ କରାଯାଏ ପିଏମ ମୋଦି ଏକ ଦୁର୍ବଳ ଦେଶ ସହିତ ଯୁଦ୍ଧବିରାମ ଲାଗି ଆମେରିକା ଚାପରେ ନଇଁ ପଡିଲେ, ତେବେ ତାଙ୍କ ଦେଶରେ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡିଥାନ୍ତା। ପ୍ରଧାନମନ୍ତ୍ରୀ ମୋଦିଙ୍କ ମଜଭୁତ ଛବି ଏହି କଥା ଉପରେ ନିର୍ଭର କରେ କି ସେ ପାକିସ୍ତାନ ପ୍ରତି କେତେ କଠୋର। ଯଦି ସେ ଏହା ସ୍ୱୀକାର କରନ୍ତି ଯୁଦ୍ଧବିରାମରେ ଆମେରିକାର ହାତ ଥିଲା ତେବେ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ନିମନ୍ତେ ନାମିତ କରିବା ଦୂରର କଥା ପାକିସ୍ତାନ ଆଗରେ ଭାରତର ଆତ୍ମସମର୍ପଣ ଭଳି ହୋଇଥାଆନ୍ତା। ଭାରତ-ପାକ୍ ସିଜଫାୟାର ପରେ ପରେ ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କୁ ଆମେରିକାରେ ଡିନର କରୁଥିବାର ଦେଖାଯାଇଥିଲା। ଏହା ପରେ ବି ଅସୀମ ମୁନିର ଆମେରିକା ଗସ୍ତ କରିଛନ୍ତି। ପାକିସ୍ତାନ ଉପରେ ଆମେରିକା କୃପାର ଏକ କାରଣ ହେଉଛି ପାକିସ୍ତାନ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ନାମିତ କରିଛି।

# ଜାତୀୟ ସ୍ୱାର୍ଥ ସହ ସାଲିସ କରିବନି ଭାରତ : ରାଜନାଥ



**ନୂଆଦିଲ୍ଲୀ, ୩୦।୮:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶନିବାର କହିଛନ୍ତି ଯେ, ଡିଫେନ୍ସ ସେକ୍ଟରରେ ଭାରତ ପାଇଁ ଆତ୍ମନିର୍ଭର ହେବା ଖୁବ୍ ଆବଶ୍ୟକ ଏବଂ ଏଥିପାଇଁ ଦେଶ କୌଣସି ବିଦେଶୀ ସପ୍ଲାଇ ଉପରେ ନିର୍ଭରଶୀଳ ରହି ପାରିବ ନାହିଁ। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଭାରତୀୟ ଆମଦାନୀ ଉପରେ ଲଗାଯାଇ ଥିବା ୫୦ ପ୍ରତିଶତ ଶୁଳ୍କର ଉଲ୍ଲେଖ କରି ସିଂହ କହିଛନ୍ତି ଯେ, କେହି ସ୍ଥାୟୀ ବନ୍ଧୁ ବା ଶତ୍ରୁ ନାହାନ୍ତି। ସେ କହିଛନ୍ତି , କେହି ସ୍ଥାୟୀ ବନ୍ଧୁ ବା ଶତ୍ରୁ ହୋଇ ନଥାନ୍ତି, କେବଳ ହିତ ସ୍ଥାୟୀ ହୋଇଥାଏ। ବିଶ୍ୱସ୍ତରରେ ଏବେ ବାଣିଜ୍ୟ ପାଇଁ ଯୁଦ୍ଧ ଭଳି ସ୍ଥିତି ଉପୁଜିଛି। ସେ କହିଛନ୍ତି ଯେ, ବିକଶିତ ଦେଶମାନେ ଖୁବ୍ ଜୋରରେ ସଂରକ୍ଷଣବାଦୀ ହେଉଛନ୍ତି, କିନ୍ତୁ ଭାରତ ନିଜର ରାଷ୍ଟ୍ରୀୟ ସ୍ୱାର୍ଥ ସହ କେବେ ବି ସାଲିସ୍ କରିବ ନାହିଁ।

ରାଜନାଥ ସିଂହ କହିଛନ୍ତି ଯେ, ସରକାର ଏୟାର ସୁରକ୍ଷା ପ୍ରଣାଳୀ ସୁଦର୍ଶନ ଚକ୍ର ଅନୁସାରେ, ଆଗାମୀ ୧୦ବର୍ଷରେ ସାରା ଦେଶରେ ସବୁ ପ୍ରମୁଖ ସ୍ଥଳ ଗୁଡ଼ିକୁ ସଂପୂର୍ଣ୍ଣ ରୂପେ ଏୟାର ସୁରକ୍ଷା ଉପଲବ୍ଧ କରାଇବାର ଯୋଜନା କରୁଛନ୍ତି। ଏନଡିଟିଭି ଡିଫେନ୍ସ ସମ୍ମିଳନୀରେ ନିଜର ସମ୍ବୋଧନରେ ସିଂହ କହିଛନ୍ତି ଯେ, ଏକ ଏମିତି ସୁରକ୍ଷା ପ୍ରଣାଳୀ ପ୍ରସ୍ତୁତ କରାଯାଉଛି, ଯାହା ଶତ୍ରୁର କୌଣସି ବି ହମଲାରୁ ରକ୍ଷା କରିବା ଓ ଏହାର ଜବାବ ଦେବାରେ ସକ୍ଷମ ହେବ। ସେ କହିଛନ୍ତି , ଯେମିତି କି ଆମେ ଅପରେସନ ସିନ୍ଦୂର ବେଳେ ଦେଖିଲୁ ଯେ, ଆଜିର ଲଢେଇ ଗୁଡ଼ିକରେ ସୁରକ୍ଷାର ପ୍ରମୁଖତା ବହୁତ ବଢି ଯାଇଛି। ଏମିତିରେ ସୁଦର୍ଶନ ଚକ୍ର ମିଶନ ଏକ ବଡ଼ ପରିବର୍ତ୍ତନ ଆଣିବାରେ ସାବ୍ୟସ୍ତ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ନିଜ ଭାଷଣରେ ଏହି ଏୟାର ଡିଫେନ୍ସ ପ୍ରୋଜେକ୍ଟର ଘୋଷଣା କରିଥିଲେ। ଏହି ଘୋଷଣା ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶଲ ଅସିମ ମୁନିରଙ୍କ ପକ୍ଷରୁ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ କୌଣସି ବି ସାମରିକ ସଂଘର୍ଷ ସ୍ଥିତିରେ ଭାରତୀୟ ସଂପତ୍ତି ଗୁଡ଼ିକୁ ଟାର୍ଗେଟ୍ କରିବାର ସଙ୍କେତର କିଛି ଦିନ ପରେ ହୋଇଥିଲା। ରାଜନାଥ ସିଂହ କହିଛନ୍ତି ଯେ, ପରିବର୍ତ୍ତନଶୀଳ ବିଶ୍ୱ ସ୍ଥିତି ଏହା ସ୍ପଷ୍ଟ କରି ଦେଇଛି ଯେ, ଏବେ ପ୍ରତିରକ୍ଷା କ୍ଷେତ୍ରରେ ବାହ୍ୟଃ ଦେଶ ଗୁଡ଼ିକ ଉପରେ ନିର୍ଭର ରହିବା କୌଣସି ବିକଳ୍ପ ନାହିଁ। ସେ କହିଛନ୍ତି - ଆଜିର ସ୍ଥିତିରେ ଆତ୍ମନିର୍ଭରଶୀଳକା ଆମର ଅର୍ଥବ୍ୟବସ୍ଥା ଓ ସୁରକ୍ଷା ଉଭୟଙ୍କ ପାଇଁ ଆବଶ୍ୟକ ଅଟେ।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଆଜିର ପ୍ରତିରକ୍ଷା କ୍ଷେତ୍ର କେବଳ ରାଷ୍ଟ୍ରୀୟ ସୁରକ୍ଷାର ମୂଳଦୁଆ ନୁହେଁ , ବରଂ ଏହା ଆମର ଅର୍ଥବ୍ୟବସ୍ଥାକୁ ଦୃଢ କରିବା ଓ ଏହାର ଭବିଷ୍ୟତକୁ ସୁରକ୍ଷିତ କରିବାର ଏକ ପ୍ରମୁଖ ଆଧାର ମଧ୍ୟ ହୋଇ ଯାଇଛି। ସେ କହିଛନ୍ତି ଯେ, ଏହା କେବଳ ଲୋକଙ୍କ ସୁରକ୍ଷା , ଭୂମି ସୁରକ୍ଷା ବା ସୀମା ସୁରକ୍ଷା ଯାଏ ସୀମିତ ନୁହେଁ, ବରଂ ଏହା ଆମର ପୂରା ଆର୍ଥିକ ଢାଞ୍ଚାର ସୁରକ୍ଷା ଓ ସ୍ଥିରତାର ଦାୟିତ୍ୱ ମଧ୍ୟ ପାଳନ କରୁଛି। ପ୍ରତିରକ୍ଷା ମନ୍ତ୍ରୀ ଏହା ସ୍ପଷ୍ଟ କରିଛନ୍ତି ଯେ, ଆତ୍ମନିର୍ଭରତା ଓ ସ୍ୱଦେଶୀକରଣକୁ ସଂରକ୍ଷଣବାଦ ଭାବେ ଦେଖାଯିବା ଉଚିତ୍ ନୁହେଁ। ସେ କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତାର ସମ୍ବନ୍ଧ ସଂରକ୍ଷଣବାଦ ସହ ନୁହେଁ, ବରଂ ଆମର ଏହି ସାର୍ବଭୌମତ୍ୱ , ରାଷ୍ଟ୍ରୀୟ ସ୍ୱାୟତ୍ତତା ଏବଂ ଆତ୍ମବିଶ୍ୱାସର ଏକ ପ୍ରସଙ୍ଗ।



# ଜମ୍ମୁ-କାଶ୍ମୀରରେ ବାଦଲ ଫଟା ବର୍ଷା: ୭ ମୃତ

**ଜମ୍ମୁ-କାଶ୍ମୀର, ୩୦।୮:** ଜମ୍ମୁ-କାଶ୍ମୀରର ରାମବନ ଜିଲ୍ଲାରେ ରାଜଗଢ ତହସିଲରେ ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା । ଏଥିରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ନିଖୋଜ ରହିଛନ୍ତି। ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଟିମକୁ ନିୟୋଜିତ କରିବା ସହିତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବଢ଼ିପାରେ ମୃତକଙ୍କ ସଂଖ୍ୟା ।

ସୂଚନାନୁଯାୟୀ, ବାଦଲ ଫଟା ବର୍ଷା ଯୋଗୁଁ ୭ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିବାବଳେ ନିଖୋଜ ଲୋକଙ୍କ ସନ୍ଧାନ ଜାରି ରହିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଉଛି । ଏଥି ସହିତ ଘଟଣା ପରେ ଘଟଣାସ୍ଥଳରେ ରାମବନର ଡେପୁଟି କମିଶନର ଇଲିଆସ୍ ଖାନଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଥିଲେ । ପ୍ରାୟ ରାତି ୨ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ଏହା ବ୍ୟତୀତ ଏନେଇ ସତର୍କ ରହିଛି ପ୍ରଶାସନ । ଅନ୍ୟପଟେ ଜମ୍ମୁ ଏବଂ କାଶ୍ମୀରରେ ବାଦଲ ଫଟା ବର୍ଷା ବ୍ୟାପକ କ୍ଷୟକ୍ଷତି ଘଟାଇଛି । କିନ୍ତୁ କିସ୍ତୱାର ଜିଲ୍ଲାରେ ଚୋସିତି ଗାଁରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ଯାହା ଅଗଷ୍ଟ ୧୫ ତାରିଖ ଦିନ ଦେଖିବାକୁ ମିଳିଥିଲା । ଯେଉଁଥିରେ ପାକାପାଖି ୬୦ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହି ମୃତକଙ୍କ ମଧ୍ୟରେ ଦୁଇ ଜଣ ସିଆଇଏସ୍ଏଫ୍ ଯବାନଙ୍କ ସମେତ ଅନେକ ତୀର୍ଥଯାତ୍ରୀ ସାମିଲ ରହିଥିଲେ। ଏହା ଛଡ଼ା ଏଥିରେ ପ୍ରାୟ ୫୦ ରୁ ୨୨୦ ଲୋକ ନିଖୋଜ ରହିଥିଲେ । ଏତିକି ନୁହେଁ ବରଂ ଏଥିରେ ୧୦୦ ଲୋକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଥିଲା ।

# ବାର୍ଡ ଫ୍ଲୁ ସଂକ୍ରମଣ ପାଇଁ ବନ୍ଦ ହେଲା ଦିଲ୍ଲୀ ଚିଡ଼ିଆଖାନା



**ନୂଆଦିଲ୍ଲୀ :** ବାର୍ଡ ଫ୍ଲୁ ସଂକ୍ରମଣ ପାଇଁ ବନ୍ଦ ହେଲା ଦିଲ୍ଲୀ ଚିଡ଼ିଆଖାନା। ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବନ୍ଦ ରହିବ ଚିଡ଼ିଆଖାନା । ଦିଲ୍ଲୀ ନ୍ୟାସନାଲ ଜୁଲୋଜିକାଲ୍ ପାର୍କରେ ଏଚ୍ ୫ ଏନ୍ ୧ ସଂକ୍ରମଣ ଚିହ୍ନଟ ହେବା ପରେ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ଚିଡ଼ିଆଖାନାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି ଅଥରିଟି । ଦିଲ୍ଲୀ ଚିଡିଆଖାନାରେ ଏଚ୫ଏନ୧ ଫ୍ଲୁ ବ୍ୟାପିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଶନିବାର ଠାରୁ ଚିଡିଆଖାନାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି । ଦିଲ୍ଲୀରେ ୩ ଥର ପାଇଁ ଏହା ବ୍ୟାପିବାରେ ଲାଗିଛି । ପୂର୍ବରୁ ମଧ୍ୟ ଅକ୍ଟୋବର ୨୦୧୬ରେ ଚିଡିଆଖାନାକୁ ବନ୍ଦ କରାଯାଇଥିଲା । ନୂଆଦିଲ୍ଲୀ ମଥୁରା ରୋଡ ସ୍ଥିତ ଉଦ୍ୟାନକୁ ଅଗଷ୍ଟ ୩୦ରୁ ଆଗାମୀ ଆଦେଶ ଯାଏଁ ଅସ୍ଥାୟୀ ଭାବେ ବନ୍ଦ ରଖାଗଲା । ଦୁଇଟି ପକ୍ଷୀଙ୍କ ଦେହରୁ ଏଚ୍ ୫ ଏନ୍ ୧ ପଜିଟିଭ୍ ଚିହ୍ନଟ ପରେ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଦିଲ୍ଲୀ ଚିଡ଼ିଆଖାନାରେ ଗୋଟିଏ ପକ୍ଷୀର ମୃତ୍ୟୁ ପରେ ଏହାକୁ ପରୀକ୍ଷା ପାଇଁ ଭୋପାଳ ପଠାଯାଇଥିଲା । ଯେଉଁଠାରେ ପକ୍ଷୀଟି ସଂକ୍ରମିତ ହୋଇଥିବା ଜଣାପଡିଥିଲା । ଏହି ଭୂତାଣୁ ୨୧ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ ଏବଂ ଅନ୍ୟ ପ୍ରାଣୀମାନଙ୍କୁ ସଂକ୍ରମିତ କରିପାରେ । ତେଣୁ ଅତି କମରେ ୨୧ ଦିନର କ୍ୱାରେଣ୍ଟାଇନ୍ ଆବଶ୍ୟକ । ଏହା ପରେ ଚିଡ଼ିଆଖାନା ଉପରେ ପ୍ରଶାସନ ନଜର ରଖିଛି । ବର୍ତ୍ତମାନ ଚିଡ଼ିଆଖାନାରେ ପ୍ରାୟ ୧,୩୫୦ ପକ୍ଷୀଙ୍କ ଉପରେ ନଜର ରଖାଯାଇଛି।

# ‘ହ୍ୟୁମାନ୍ ଜିପିଏସ୍’ ବୋଲାଉଥିବା କୁଖ୍ୟାତ ଆତଙ୍କୀ ନିହତ



**ନୂଆଦିଲ୍ଲୀ, ୩୦।୮:** ଆତଙ୍କବାଦୀଙ୍କ ନେଟୱର୍କକୁ ବଡ଼ ଝଟକା । ଜମ୍ମୁ କାଶ୍ମୀରର ଗୁରେଜ୍ ସେକ୍ଟରରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। ଏନକାଉଣ୍ଟରରେ କୁଖ୍ୟାତ ଆତଙ୍କୀ ତଥା ‘ହ୍ୟୁମାନ୍ ଜିପିଏସ୍’ କୁହାଯାଉଥିବା ବାଗୁ ଖାନ ଓରଫ ସମନ୍ଦର ଚାଚା ନିହତ ହୋଇଥିବା ସୂଚନା ମିଳିଛି । ବାଗୁ ଖାନ ଓରଫ ସମନ୍ଦର ଚାଚା ୧୯୯୫ ମସିହାରୁ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ରହୁଥିଲା । ସୁରକ୍ଷା ଏଜେନ୍ସି ଅନୁଯାୟୀ, ସେ ଗତ ତିନି ଦଶନ୍ଧି ମଧ୍ୟରେ ଗୁରେଜ୍ ସେକ୍ଟର ଏବଂ ଆଖପାଖ ଅଞ୍ଚଳରୁ ୧୦୦ରୁ ଅଧିକ ଅନୁପ୍ରବେଶ ପ୍ରୟାସରେ ସାମିଲ ଥିଲା । ପାହାଡ଼ ଏବଂ ଗୁପ୍ତ ପଥ ବିଷୟରେ ତାର ଗଭୀର ଜ୍ଞାନ ପାଇଁ ସେଠାରେ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ଶକ୍ତିଶାଳୀ କରିଥିଲା । ହିଜବୁଲ କମାଣ୍ଡର ଭାବେ ସମନ୍ଦର ଚାଚା ପ୍ରତ୍ୟେକ ଆତଙ୍କବାଦୀ ସଂଗଠନକୁ ଅନୁପ୍ରବେଶ ଯୋଜନା ଏବଂ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିଥିଲେ । ଏହି କାରଣରୁ ଆତଙ୍କବାଦୀମାନେ ତାଙ୍କୁ ‘ହ୍ୟୁମାନ ଜିପିଏସ୍’ ବୋଲି ଡାକୁଥିଲେ । ତାକୁ ଧରିବା ପାଇଁ ୪ ମାସ ଧରି ଜାଲ ବିଛାଇଥିଲା ସେନା । ୨୮ ଅଗଷ୍ଟ ରାତିରେ, ଯେତେବେଳେ ସେ ନୌଶେରା ନର ଅଞ୍ଚଳରୁ ପୁଣି ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲା, ସୁରକ୍ଷା ବାହିନୀ ତାଙ୍କୁ ଘେରି ଯାଇଥିଲେ । ଏନକାଉଣ୍ଟରରେ ସମନ୍ଦର ଚାଚା ଏବଂ ତାଙ୍କ ସହିତ ଥିବା ଅନ୍ୟ ଜଣେ ଆତଙ୍କବାଦୀ ନିହତ ହୋଇଛି ।

ଚନ୍ଦ୍ରାୟନ ୫କୁ ନେଇ ପ୍ରଧାନମନ୍ତ୍ରୀଙ୍କ ବଡ଼ ଘୋଷଣା

# ଏକାଠି କାମ କରିବେ ଭାରତ ଓ ଜାପାନ ସ୍ପେସ ଏଜେନ୍ସି



**ନୂଆଦିଲ୍ଲୀ, ୩୦।୮:** ଚନ୍ଦ୍ରାୟନ ୫ କୁ ନେଇ ଖୁସି ଖବର । ଚନ୍ଦ୍ରାୟନ ୫ କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଡ ଘୋଷଣା । ଭାରତ ଓ ଜାପାନର ସ୍ପେସ ଏଜେନ୍ସି ଉଭୟ ଚନ୍ଦ୍ରାୟନ ୫ ଦିଗରେ କାମ କରିବେ । ଚନ୍ଦ୍ରାୟନ ୫ ମିଶନ ପାଇଁ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ ଇସ୍ରୋ ଓ ଜାପାନ ୟେରୋସ୍ପେଶ ଏକ୍ସପ୍ଲୋରେସନ ଏଜେନ୍ସି ଜେଏଏକ୍ସଏ ମଧ୍ୟରେ ଆଲୋଚନା ହୋଇଥିବା କହିଛନ୍ତି ପ୍ରଧାନମନ୍ତ୍ରୀ । ଟୋକିଓରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇସିବାଙ୍କ ସହ କଥା ହେବା ପରେ ଏନେଇ ଘୋଷଣା କରିଛନ୍ତି । ଇସିବାଙ୍କ ସହ ଆଲୋଚନା ଗଠନମୂଳକ ଓ ଉଦ୍ଦେଶ୍ୟ ପୂର୍ଣ୍ଣ ରହିଥିବା କହିଥିଲେ ମୋଦୀ । ଚନ୍ଦ୍ରାୟନ ମିଶନ ୩ ର ସଫଳତା ପରେ ଚନ୍ଦ୍ରାୟନ ୫ ରେ ଭାରତ ଜାପାନ ସହ ମିଶି କାମ କରିବା ଦ୍ୱାରା ଅତ୍ୟାଧୁନିକ ଟେକନିକ ଓ ଅନୁସନ୍ଧାନ ମୂଳକ କାରକ ଉପରେ ଅଧିକ ଗୁରୁତ୍ୱ ଦେବାର ଲାଭ ଉଠାଇ ପାରିବ । ଏହି ମିଶନରେ ଏକ ଭାରତ ନିର୍ମିତ ଲ୍ୟାଣ୍ଡର ଓ ଜାପାନ ନିର୍ମିତ ରୋବର ବ୍ୟବହୃତ ହେବ । ଏହି ରୋବର ଚନ୍ଦ୍ରପୃଷ୍ଠରେ ସବୁଠୁ ଭାରି ରୋବର ହେବ । ଯାହା ଜାପାନରୁ ଚନ୍ଦ୍ରପୃଷ୍ଠକୁ ଉତ୍ତକ୍ଷେପଣ କରାଯିବ । ଚନ୍ଦ୍ରାୟନ ୪ ପରେ ଚନ୍ଦ୍ରାୟନ ୫ କୁ ଲଞ୍ଚ କରାଯିବ । ଏହି ମିଶନ ଦ୍ୱାରା ଚନ୍ଦ୍ରରୁ ମାଟିର ନମୂନା ଆଣିବା ନେଇ ଲକ୍ଷ୍ୟ ରଖାଯାଇଛି ।

# ଚୀନରେ ପ୍ରଧାନମନ୍ତ୍ରୀ ମୋଦି, ଆଜିଠୁ ଦୁଇ ଦିନିଆ ଏସ୍‌ସିଓ ସମ୍ମିଳନୀ




**ଚୀନ, ୩୦।୮:** ଚୀନରେ ପହଞ୍ଚିଲେ ମୋଦି । ଦୁଇ ଦିନିଆ ଜାପାନ ଗସ୍ତ ସାରି ଚୀନରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ । ଆସନ୍ତାକାଲି ଠାରୁ ଚୀନରେ ସାଙ୍ଘାଇ କୋପରେସନ ଅର୍ଗାନାଇଜେସନ୍ ସମ୍ମିଳନୀ। ଦୁଇ ଦିନିଆ ସମ୍ମିଳନୀରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ମୋଦି । ସମ୍ମିଳନୀରେ ସମସ୍ତ ଏସସିଓ ସଦସ୍ୟ ରାଷ୍ଟ୍ର ଯୋଗ ଦେବେ । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମଧ୍ୟ ଯୋଗ ଦେବେ। ଗୋଟିଏ ମଞ୍ଚରେ ଏକାଠି ହେବେ ମୋଦି-ଶେହବାଜ। ଅପରେସନ ସିନ୍ଦୂର ପରେ ପ୍ରଥମ ଥର ପାଇଁ ଗୋଟିଏ ମଞ୍ଚରେ ଏକାଠି ବସିବେ ଦୁଇ ଦେଶର ପ୍ରଧାନମନ୍ତ୍ରୀ । ସେହିପରି ରୁଷ ରାଷ୍ଟ୍ରପତି ପୁଟିନ ଯୋଗ ଦେବେ ସମ୍ମିଳନୀରେ । ଏହି ସମୟରେ ତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ମୋଦି । ଏହି ସମ୍ମିଳନୀ ଉପରେ ପୂରା ବିଶ୍ୱ ନଜର ରଖିଛି ।

# କ୍ୟାଣ୍ଟିନ୍ ବିଫ୍ ଉପରେ ବ୍ୟାଙ୍କ ମ୍ୟାନେଜର ବ୍ୟାନ୍ ଲଗାଇଲେ

**ନୂଆଦିଲ୍ଲୀ,୩୦।୮:** କୋଚିର ଜଣେ ବ୍ୟାଙ୍କ ମ୍ୟାନେଜର କ୍ୟାଣ୍ଟିନରେ ବିଫ୍ (ଗୋ ମାଂସ) ଉପରେ କଟକଣା ଲଗାଇ ଦେଇଥିଲେ। ଏହାର ବିରୋଧ କରି ବ୍ୟାଙ୍କ କର୍ମଚାରୀମାନେ ବିଫ ପାର୍ଟିର ଆୟୋଜନ କରିଥିଲେ।ସୂଚନା ଅନୁସାରେ ବ୍ୟାଙ୍କର ରିଜନାଲ ମ୍ୟାନେଜର ମୂଳ ରୂପରେ ବିହାରରେ ରୁହନ୍ତି। ନିକଟରେ କେରଳର କୋଚି ସ୍ଥିତ ବ୍ୟାଙ୍କ ଶାଖାରେ ନିଯୁକ୍ତି ହୋଇଥିଲା। ବ୍ୟାଙ୍କ ଏମ୍ପଲଏଜ୍ ଫେଡେରସନ୍ ଅଫ୍ ଇଣ୍ଡିଆ (ବିଇଏଫ୍ଆଇ)ର ସଦସ୍ୟ ଅଧିକାରୀଙ୍କ କଥିତ ମାନସିକ ଉତ୍ପୀଡନକୁ ନେଇ ମ୍ୟାନେଜରଙ୍କ ବିରୋଧରେ ବିକ୍ଷୋଭ କରିବାର ଯୋଜନା କରିଥିଲେ। କିନ୍ତୁ ବିଫ୍ ଉପରେ କଟକଣା ଲାଗିବା ପରେ ବିରୋଧକୁ ନୂଆ ଦିଗ ମିଳିଯାଇଛି। ପ୍ରଦର୍ଶନକାରୀମାନେ ଅଫିସ ବାହାରେ ବିଫ୍ ଓ ପରଟା ଖାଇଥିଲେ। ବାମପନ୍ଥୀ ସମର୍ଥିତ ନିର୍ଦ୍ଦଳୀୟ ବିଧାୟକ କେଟି ଜଲିଲ ଏହି ପ୍ରଦର୍ଶନକୁ ପ୍ରଶଂସା କରି କହିଛନ୍ତି, କେରଳରେ ସଂଘ ପରିବାର କୌଣସି ବି ଏଜେଣ୍ଡାକୁ ଅନୁମତି ଦେବନି। ସେ ଫେସବୁକ୍‌ରେ ଲେଖିଛନ୍ତି, କ’ଣ ଖାଇବୁ, ପିନ୍ଧିବୁ, କ’ଣ ଭାବିବୁ, ଏହାକୁ ବରିଷ୍ଠମାନେ ନିଷ୍ପତ୍ତି ନେବେନି। ଆମର ମାଟି ଲାଲ୍, ଆମର ହୃଦୟ ଲାଲ। ପତାକା ବି ଲାଲ, ଆପଣ ବିନା କୌଣସି ଭୟରେ ଫାଶୀବାଦ ବିରୋଧରେ କହିପାରିବେ। କେହି ବି ଆପଣଙ୍କ କ୍ଷତି କରିପାରିବେନି।’

# ଜାନୁଆରୀ ୧ ସୁଦ୍ଧା ଅଷ୍ଟମ ବେତନ କମିଶନ




**ନୂଆଦିଲ୍ଲୀ, ୩୦।୮:** କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦରମା ଓ ପେନଶନ ବୃଦ୍ଧି କରୁଥିବା ବେତନ କମିଶନ ବୋର୍ଡ ବର୍ତ୍ତମାନ ସୁଦ୍ଧା ଗଠନ କରାଯାଇ ନଥିବା ଜଣାପଡିଛି। ତେବେ ଏହି ମାମଲା ସାମ୍ନାକୁ ଆସିବା ପରେ ଦେଶର କେତେକ କର୍ମଚାରୀ ସଂଗଠନ ଏହା କେବେଠୁ ଆରମ୍ଭ ହେବ ତାହାର ତାରିଖ ଜାଣିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଅପିଲ କରିଥିବା ଜାଣିବାକୁ ମିଳିଛି। ଏହି ପରିପ୍ରେକ୍ଷିରେ ଏକ କର୍ମଚାରୀ ସଂଗଠନର ମୁଖ୍ୟ ଶିବ ଗୋପାଲ ମିଶ୍ର ଆସନ୍ତା ବର୍ଷ ଜାନୁଆରି ୧ ତାରିଖ ସୁଦ୍ଧା କମିଶନ ଗଠନ କରିବାକୁ ସରକାରଙ୍କୁ ଜଣାଇଥିବା ସୂଚନା ମିଳିଛି। ଜାତୀୟ ଗଣମାଧ୍ୟମ ଏନଡିଟିଭିକୁ ସାକ୍ଷାତକାର ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ “ସରକାର ପ୍ରତି ୧୦ ବର୍ଷରେ ଥରେ ବେତନ କମିଶନ ଗଠନ କରିଥାନ୍ତି। ଏହା ପୂର୍ବରୁ ଗତ ୨୦୧୬ ମସିହା ଜାନୁଆରୀ ୧ ତାରିଖରେ ସରକାର ସପ୍ତମ ବେତନ କମିଶନ ଗଠନ କରିଥିଲେ। ତେଣୁ ଆସନ୍ତା ବର୍ଷ ଜାନୁଆରୀ ୧ ତାରିଖ ସୁଦ୍ଧା ଅଷ୍ଟମ ବେତନ କମିଶନ ଗଠନ ହେବ ବୋଲି ଆମେ ଅନୁମାନ କରୁଛୁ। ତେବେ ଯଦି ଏହି ପ୍ରକ୍ରିୟାରେ ବିଳମ୍ବ ହୁଏ ତେବେ ସରକାର କର୍ମଚାରୀମାନଙ୍କୁ ବକେୟା ରାଶି ଦେବାର ବ୍ୟବସ୍ଥା କରିବା ଦରକାର।” କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ଅଷ୍ଟମ ବେତନ କମିଶନକୁ ନେଇ ନିକଟରେ ଏକ ବଡ ଘୋଷଣା କରିଥିଲେ। ସେ କହିଥିଲେ ଯେ ଆସନ୍ତା ୨୦୨୬ ଜାନୁଆରୀ ମାସ ସୁଦ୍ଧା କମିଶନ ଆରମ୍ଭ ହେବାକୁ ଯାଉଛି। ତେବେ ଏହି କମିଶନ ଆରମ୍ଭ ହେବା ପରେ କେନ୍ଦ୍ର ସରକାର କେତେକ ବଡ ବିତ୍ତୀୟ ପରିବର୍ତ୍ତନ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସର୍ବନିମ୍ନ ମାସିକ ଦରମା ୩୪,୫୦୦-୪୧,୦୦୦କୁ ବୃଦ୍ଧି ପାଇବ। ଫିଟମେଣ୍ଟ ଫ୍ୟାକ୍ଟର ୨.୮୬ କୁ ବୃଦ୍ଧି ପାଇବାର ସମ୍ଭାବନା ଅଛି, ଯାହା ବିଭିନ୍ନ ପେ ଗ୍ରେଡରେ ଦରମା ବୃଦ୍ଧି କରିବ। ଏହାସହ ନୂତନ କମିଶନ ମୁଦ୍ରାସ୍ଫୀତି ସହିତ ସମାଯୋଜିତ ହେବା ପାଇଁ ମହଙ୍ଗା ଭତ୍ତା (ଡିଏ), ଘରଭଡ଼ା ଭତ୍ତା (ଏଚ୍ଆର୍ଏ) ଏବଂ ଯାତ୍ରା ଭତ୍ତା (ଟିଏ) ବୃଦ୍ଧି କରିବ। ପେନସନକୁ ନେଇ ତିଆରି ହେବାକୁ ଥିବା ନୂଆ ନିୟମ ଦେୟ ରାଶିକୁ ତତ୍କାଳ ଓ ନିୟମିତ କରିବ। ଏହାସହ ପେନସନ ନୂଆ ପେ ସ୍କେଲ ସହ ସ୍ୱୟଂଚାଳିତ ଭାବେ ଆଡଜେଷ୍ଟ ହୋଇଯିବ।କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ଆଧାରରେ ଅଧିକ ଦରମା ମିଳିବାର ସମ୍ଭାବନା ରହିଛି। ପାଖାପାଖି ୪୯ ଲକ୍ଷ କର୍ମଚାରୀ ଓ ୬୫ ଲକ୍ଷ ପେନସନ ଧାରକ ଅଷ୍ଟମ ବେତନ କମିଶନ ପାଇଁ ସିଧାସଳଖ ଲାଭବାନ ହେବେ। ସରକାର ଏଯାଏ ଏଥି ନିମନ୍ତେ କୌଣସି ସ୍ପଷ୍ଟ ସୂଚନା ଦେଇନଥିବା ବେଳେ କର୍ମଚାରୀ ସଂଗଠନ ଗୁଡିକ ଏନେଇ ବହୁ ଆଶାବାଦୀ ରହିଛନ୍ତି।

'ପଶ୍ମିନା ଶାଲ ଏବଂ ଦୁର୍ଲଭ କପ୍ ସେଟ୍'

# ଜାପାନ ପ୍ରଧାନମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କୁ ମୋଦିଙ୍କ ବିଶେଷ ଉପହାର



**ନୂଆଦିଲ୍ଲୀ, ୩୦।୮:** ଭାରତ ଏବଂ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ହୋଇଛି ମଜବୁତ। ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ଦୁଇ ଦିନିଆ ବିଦେଶ ଗସ୍ତରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କୁ ଭେଟିଛନ୍ତି। ଆର୍ଥିକ ସହଯୋଗକୁ ନୂତନ ଉଚ୍ଚତାକୁ ନେବା ପାଇଁ ଭାରତ ଏବଂ ଜାପାନର ପ୍ରଧାନମନ୍ତ୍ରୀମାନେ ଭାରତ-ଜାପାନ ଅର୍ଥନୈତିକ ଫୋରମରେ ଏକାଠି ହୋଇଥିଲେ। ଜାପାନର ପ୍ରଧାନମନ୍ତ୍ରୀ ଇଶିବା ଆନୁଷ୍ଠାନିକ ଭାବରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ଦୁଇ ଦେଶ ମଧ୍ୟରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ତାଙ୍କୁ ଏକ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଜାପାନ ପ୍ରଧାନମନ୍ତ୍ରୀଙ୍କୁ ଚପଷ୍ଟିକ୍ ସହିତ ଏକ ରାମେନ୍ ପାତ୍ର ଉପହାର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଜାପାନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ମଧ୍ୟ ଏକ ଉପହାର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କୁ ଏକ ପଶ୍ମିନା ଶାଲ୍ ପ୍ରଦାନ କରିଛନ୍ତି। ଶିଗେରୁ ଇଶିବାଙ୍କୁ ଦିଆଯାଇଥିବା ଏହି ପୁରୁଣା ଓ ମୂଲ୍ୟବାନ କପ୍ ସେଟ୍ ଭାରତୀୟ କାରିଗରୀ ଏବଂ ଜାପାନୀ ରୋଷେଇ ପରମ୍ପରାର ଏକ ଅନନ୍ୟ ମିଶ୍ରଣ ଉପସ୍ଥାପନ କରେ। ଏଥିରେ ଚାରୋଟି ଛୋଟ ପାତ୍ର ଏବଂ ରୂପା ସହିତ ସଜାଯାଇଥିବା ଏକ ବଡ଼ ମାଟିପଥରର ପାତ୍ର। ଏହି ଡିଜାଇନ୍ ପାଇଁ ଜାପାନର ପାରମ୍ପରିକ ଡୋନବୁରି ଏବଂ ସୋବା ପ୍ରଥାରୁ ନିଆଯାଇଛି। ମୁଖ୍ୟ ପାତ୍ରରେ ବ୍ୟବହୃତ ଚନ୍ଦ୍ରପଥର ଆନ୍ଧ୍ରପ୍ରଦେଶରୁ ଆସିଛି। ଯାହା ପ୍ରେମ, ସନ୍ତୁଳନ ଏବଂ ସୁରକ୍ଷାର ପ୍ରତୀକ। ଏହି ପାତ୍ରର ମୂଳ ଭାଗ ରାଜସ୍ଥାନର ପ୍ରସିଦ୍ଧ ମକରାଣା ମାର୍ବଲରେ ତିଆରି। ଏହା ଉପରେ ପାରମ୍ପରିକ ପାର୍ଚିନ୍ କାରି ଶୈଳୀରେ ଅର୍ଦ୍ଧ-ମୂଲ୍ୟବାନ ପଥର ସ୍ଥାପିତ ହୋଇଛି। ପ୍ରଧାନମନ୍ତ୍ରୀ ଜାପାନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଏକ କାଗଜ ମାଚେ ବାକ୍ସରେ ଏକ ପଶ୍ମିନା ଶାଲ୍ ଉପହାର ଦେଇଛନ୍ତି। ଲଦାଖର ଚାଙ୍ଗଥାଙ୍ଗି ଛେଳିର ସୂକ୍ଷ୍ମ ପଶମରୁ ତିଆରି ଏହି ପଶ୍ମିନା ଶାଲ୍ ଉଷ୍ମତା ଏବଂ ହାଲୁକା ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଏହା କାଶ୍ମୀର କାରିଗରମାନଙ୍କ ଦ୍ୱାରା ପାରମ୍ପରିକ ଉପାୟରେ ହାତରେ ବୁଣାଯାଇଥାଏ। ଏହି ଶାଲ୍ ଶହ ଶହ ବର୍ଷ ପୁରୁଣା ଐତିହ୍ୟକୁ ଜୀବନ୍ତ ରଖେ ଯାହାକୁ ଥରେ ରାଜପରିବାରମାନେ ଗ୍ରହଣ କରିଥିଲେ। ଏହି ଶାଲ୍ ହାତୀଦାନ୍ତରର ମହିମାକୁ ପ୍ରତିଫଳିତ କରେ ଯାହା ଉପରେ ଗୋଲାପୀ ଏବଂ ଲାଲ ରଙ୍ଗର ପୁଷ୍ପ ଏବଂ ପାଇସଲି ଲଗାଯାଇଥାଏ। ଏହି ଶାଲଟି ହାତ ତିଆରି ବାକ୍ସରେ ରହିଛି। ଯାହା ହାତ ରଙ୍ଗର କାଗଜ ପଲ୍ପରେ ତିଆରି ହୋଇଛି। ବାକ୍ସରେ ସୁନ୍ଦର ଫୁଲ ଏବଂ ପକ୍ଷୀ ଡିଜାଇନ୍ ଖୋଦିତ ହୋଇଛି ଯାହା ଏହାର ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ଆହୁରି ବୃଦ୍ଧି କରେ। ଏହି ଶାଲ ଏବଂ ବାକ୍ସ ଉଭୟ ମିଶି ଏହାର ସାଂସ୍କୃତିକ ଗୁରୁତ୍ୱକୁ ଆହୁରି ବୃଦ୍ଧି କରେ।



# ପୁଟିନଙ୍କ ଭାରତ ଗସ୍ତ ଘୋଷଣା

**ନୂଆଦିଲ୍ଲୀ, ୩୦।୮:** ଭାରତ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ଆସନ୍ତା ଡିସେମ୍ବରରେ ଭାରତ ଆସିବା କାର୍ଯ୍ୟକ୍ରମ ରହିଛି । କ୍ରେମଲିନ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପୁଟିନଙ୍କୁ ଭାରତ ନିମନ୍ତ୍ରଣ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ନିମନ୍ତ୍ରଣ ରକ୍ଷା କରି ଆସନ୍ତା ଡିସେମ୍ବରରେ ଭାରତ ଗସ୍ତରେ ଆସିବେ ପୁଟିନ । ୨୦୨୨ ପରେ ପୁଟିନଙ୍କର ଏହା ହେବ ପ୍ରଥମ ଭାରତ ଗସ୍ତ । ବର୍ତ୍ତମାନ ସମୟରେ ପୁଟିନଙ୍କ ଭାରତ ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଆମେରିକା ଓ ଭାରତ ମଧ୍ୟରେ ଟାରିଫକୁ ନେଇ ଏବେ ସଂପର୍କରେ ତିକ୍ତତା ବୃଦ୍ଧି ପାଇଛି । ରୁଷ ଠାରୁ ଭାରତ ତୈଳ କିଣିବା ବନ୍ଦ ନକରିବାରୁ ଭାରତ ଉପରେ ଟ୍ରମ୍ପ ୫୦ ପ୍ରତିଶତ ଟାରିଫ ଲଗାଇଛନ୍ତି। ଯାହାକୁ ନେଇ ଦୁଇ ଦେଶ ମଧ୍ୟରେ ସଂପର୍କ ଅତ୍ୟନ୍ତ ଖରାପ ସ୍ଥିତିରେ ପହଞ୍ଚିଛି । ତେବେ ଭାରତ ଆସିବା ପୂର୍ବରୁ ପୁଟିନଙ୍କୁ ଚୀନରେ ଭେଟିବେ ପ୍ରଧାନମନ୍ତ୍ରୀ ମୋଦି। ଦିନକ ପରେ ଚୀନରେ ସାଙ୍ଘାଇ କୋଅପରେସନ ଅର୍ଗାନାଇଜେନସନ-ଏସ୍‌ସିଓ ସମ୍ମିଳନୀ । ଏହି ଅବସରରେ ପରସ୍ପରକୁ ଭେଟିବେ ମୋଦି-ପୁଟିନ।

# ଦିଲ୍ଲୀରେ ବୀଭତ୍ସ ହତ୍ୟାକାଣ୍ଡ

## ମା-ଝିଅଙ୍କୁ କଇଁଚି ଭୁଷି ହତ୍ୟା



**ନୂଆଦିଲ୍ଲୀ, ୩୦।୮:** ଦିଲ୍ଲୀର ରୋହିଣୀ ସେକ୍ଟର ୧୭ରେ ଏକ ଲୋମହର୍ଷକ ହତ୍ୟାକାଣ୍ଡ ଘଟିଛି। ଏଠାରେ ଏକ ଘରେ ମା ଏବଂ ଝିଅଙ୍କୁ କଇଁଚିରେ ହତ୍ୟା କରାଯାଇଛି। ହତ୍ୟା ପାଇଁ ଡ୍ରାଇଁ ଅଭିଯୁକ୍ତ କୁହାଯାଉଛି, ଯିଏ ଅପରାଧ କରିବା ପରେ ଫେରାର୍ ହୋଇଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଦିଲ୍ଲୀର ରୋହିଣୀ ସେକ୍ଟର ୧୭ରେ ୨୭ ବର୍ଷୀୟା ପ୍ରିୟା ଏବଂ ତାଙ୍କ ମା ୬୩ ବର୍ଷୀୟା କୁସୁମ ସିହ୍ନାଙ୍କୁ କଇଁଚିରେ ହତ୍ୟା କରାଯାଇଥିବା ଏକ ମାମଲା ସାମ୍ନାକୁ ଆସିଛି। ଡ୍ରାଇଁ ଯୋଗେଶ ସେହଗଲଙ୍କୁ ହତ୍ୟା ପାଇଁ ଅଭିଯୁକ୍ତ କରାଯାଇଛି, ଯିଏ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ ଚଳାଇଛି । ଫୋରେନସିକ୍ ଦଳ ଘଟଣାସ୍ଥଳରେ ପହଞ୍ଚିଛି। ଏହା ପୂର୍ବରୁ ଦକ୍ଷିଣ ଦିଲ୍ଲୀରେ ଅଗଷ୍ଟ ୨୦ରେ ଏକ ଟ୍ରିପଲ୍ ହତ୍ୟାକାଣ୍ଡର ଖବର ପ୍ରକାଶ ପାଇଥିଲା। ଏଠାରେ ଏକ ଘରୁ ତିନି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ମାମଲା ମୈଦାନଗଡ଼ୀ ଅଞ୍ଚଳରୁ ପ୍ରକାଶ ପାଇଥିଲା । ଘରର ପୁଅ ଏହି ହତ୍ୟା ପାଇଁ ଅଭିଯୁକ୍ତ ଥିଲା। ମିଳିଥିବା ସୂଚନା ଅନୁଯାୟୀ, ଜଣେ ପୁଅ ତାଙ୍କ ବାପା, ମା ଏବଂ ଭାଇଙ୍କୁ ଛୁରୀରେ ଭୁଶି ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।

# ସାରର ସୁଷମ ବଣ୍ଟନ ସହ କଳାବଜାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

## ଡିସିଏଓଙ୍କୁ ଭେଟିଲା ବିଜେପି କୃଷକ ମୋର୍ଚ୍ଚା

**କେନ୍ଦୁଝର,୩୦।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାରେ ଖରିଫ୍ ଧାନ ଚାଷରେ ଚାଷୀ ମାନଙ୍କୁ ସାରର ସୁଷମ ବଣ୍ଟନ କରିବା ପାଇଁ ଶୁକ୍ରବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସତ୍ୟବାନ୍ ସୋରେନଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି।

ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୧୪ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୧୮ ହଜାର ୬୬୫ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୧୦ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୧୦ ହଜାର ୬୯ ମେଟ୍ରିକ୍ ଟନ୍ ସାର ଆସିଛି। ଏନପିକେ ଏସ ସାର ୨ ହଜାର ୯୪୦ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୩ ହଜାର ୬୬୭ ମେଟ୍ରିକ୍ ଟନ୍ ସାର ଆସିଛି। ପଟାସ ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୯୩୧ ମେଟ୍ରିକ୍ ଟନ୍ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତିରେ ସାରର ଆମଦାନୀ କରାଯାଇ ଚାଷୀ ମାନଙ୍କ ର ଆବଶ୍ୟକତା କୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଆଜି କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଙ୍କୁ ଆଲୋଚନା ସମୟରେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଆଗୁଆ ଲଗାତାର ବର୍ଷା କାରଣ ରୁ ଚାଷ କାମ ବହୁ ଆଗରୁ ଆରମ୍ଭ ହେବା କାରଣରୁ ସାରା ଯୋଗାଣରେ କିଛି ସ୍ଥାନରେ ସାମାନ୍ୟ ଅସୁବିଧା ହେଇଥିବା ର ଅଭିଯୋଗ ଆସିଥିଲେ ବି ତାକୁ ଯଥାଶିଘ୍ର ସମାଧାନ କରାଯିବାକୁ ରାଜ୍ୟ ସଭାପତି ମହେଶ୍ୱର ସାହୁ ଆଲୋଚନା ସମୟରେ କହିଛନ୍ତି। ଚାଷୀ ମାନଙ୍କୁ ସାର ସୁଶମ ବଣ୍ଟନରେ ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଚେତାବନୀ ଦେଇଛନ୍ତି। ସାର ମନୁଷ୍ୟକୃତ ଅଭାବୀ ବିକ୍ରି ପାଇଁ ଓ କଳା କଳା ବଜାରି କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। କେନ୍ଦୁଝର ଜିଲ୍ଲାରେ ଆବଶ୍ୟକତା ଠାରୁ ପର୍ଯ୍ୟାପ୍ତ ପରିମାଣରେ ସାର ସରକାର ଯୋଗାଇ ଦେଇଥିବା ବେଳେ କିଛି କୁଚକ୍ରୀ ତଥା ଅସାଧୁ ଡିଲର ସରକାରଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇ ଥିବା କହିଛନ୍ତି ରାଜ୍ୟ କୃଷକ ମୋର୍ଚା ସଭାପତି ମହେଶ୍ୱର ସାହୁ। ଏହି ଆଲୋଚନା ସମୟରେ କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ରାଜ୍ୟ ସଂଯୋଜକ ସୁଧାକର ସାହୁ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶିରିଶ କୁମାର ସାହୁ, ବିଜେପି ଲୋକସଭା ମିଡିଆ ପ୍ରମୁଖ ବ୍ରଜକିଶୋର ରାୟ, ଗଦାଧର ମହାନ୍ତ, କୈଳାଶ ଚନ୍ଦ୍ର ନାୟକ, ହିମାଂଶୁ ଶେଖର ପୁହାଣ ପ୍ରମୁଖ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ■ ସରକାରୀ ଅର୍ଥ ଆତ୍ମସାତ ମାମଲାରେ ରାୟ

# ସରକାରୀ କର୍ମଚାରୀଙ୍କୁ ଜେଲଦଣ୍ଡ ଓ ଜରିମାନା

**ବାରିପଦା,୩୦।୮(ସଂଚାର ବ୍ୟୁରୋ):** ବାରିପଦା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ପୂର୍ଣ୍ଣିମା ଜେନା ଏକ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ମୟୂରଭଞ୍ଜ ଜିଲ୍ଲା ସର୍ବଶିକ୍ଷା ଅଭିଯାନର ପୂର୍ବତନ ବୈଷୟିକ ପରାମର୍ଶଦାତା ତଥା ବର୍ତ୍ତମାନ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଅରୁଣ କୁମାର ଜେନା ମୟୂରଭଞ୍ଜ ଜିଲ୍ଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ଥିବା ସମୟରେ ବାରିପଦା ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକ ଭିଜିଲାନ୍ସ ମାମଲା ରୁଜୁ କରାଯାଇଥିଲା। ଆଜି ଉକ୍ତ ମାମଲାର ବିଚାର କରି ଭିଜିଲାନ୍ସ ଅଦାଲତ ପକ୍ଷରୁ ଦଫା୧୩ (୨), ୧୩(୧)(ଇ), ପିସି ଆକ୍ଟ ୧୯୮୮/୧୦୯ ଆଇପିସି ଅନୁଯାୟୀ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଏକ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଏଥିସହ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରିବା ପାଇଁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଉକ୍ତ ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶାନ୍ତନୁ କୁମାର ଦାସ ପରିଚାଳନା କରିଥିଲେ।

## କାର୍ଯ୍ୟକ୍ଷମ ହୋଇପାରୁନି ସରକାରୀ ବସଷ୍ଟାଣ୍ଡ

**କେନ୍ଦୁଝର,୩୦।୮(ସଂଚାର ବ୍ୟୁରୋ):** କେନ୍ଦୁଝର ସହରରେ ପୁରୁଣା ସହର ଠାରେ ଅତ୍ୟାଧୁନିକ ନୂଆ ବସଷ୍ଟାଣ୍ଡ ହେଇଥିଲା। ବାର ବର୍ଷ ବିତିଲା ପରେ ମଧ ପ୍ରଶାସନ ତାହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିପାରିଲାନି। କେନ୍ଦୁଝରଗଡ଼ ପୌରପାଳିକାକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସରକାର ଦେଇଥିଲେ। ହେଲେ ଏତେ ବଢ଼ିଆ ବସଷ୍ଟାଣ୍ଡ ଅବସ୍ଥା ଶୋଚନୀୟ ହେଲା ଶେଷରେ ନଗରପାଳିକା ଏହାକୁ ସରକାରଙ୍କୁ 'ତୁମ ଜିନିଷ ନେଇ ଯାଅ, ଆମେ ତ ଆମ ଜିନିଷ ସମ୍ଭାଳି ପାରୁନୁ ନୀତିରେ ଫେରେଇ ଦେଲେ ବୋଲି ପୂର୍ବତନ ସଦର ବିଧାୟକ ତଥା ରାଜ୍ୟ କଂଗ୍ରେସ ସମ୍ପାଦକ ସୁବର୍ଣ୍ଣ ନାୟକ ଓ ପୂର୍ବତନ କେନ୍ଦୁଝରଗଡ଼ ପୌରପାଳ ପ୍ରଭଞ୍ଜନ ପଟ୍ଟନାୟକ ସଂଗୀନ ଅଭିଯୋଗ କରିଛନ୍ତି। ତେଣୁ ବସରେ ଆସି ଘରେ ପହଁଚିବେ ବୋଲି ଆଶା ବାନ୍ଧି ଥିବା ପୁରୁଣା ସହର ଲୋକଙ୍କ ଆଶା ଅଧୁରା ରହିଲା। ଏବେ କୁଆଡ଼େ ଏହାକୁ ପୁନଃରୁଦ୍ଧାର କରି ବ୍ୟାଟେରୀ ବସ ଲାଗି ବସଷ୍ଟାଣ୍ଡ କରିବେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ଠିକାରେ ନେଇ କାମ ଆରମ୍ଭ ହେଲାଣି। ଯଥାଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି ରାଜ୍ୟ କଂଗ୍ରେସ ସମ୍ପାଦକ ସୁବର୍ଣ୍ଣ ନାୟକ।

## ମଦ୍ୟପ ଟ୍ରକ୍ ଡ୍ରାଇଭର ଗିରଫ

**ଜୟପୁର,୩୦।୮(ସଂଚାର ବ୍ୟୁରୋ):** ମଦ୍ୟପାନ କରି ଟ୍ରକ ଚଳାଉଥିବା ଡ୍ରାଇଭର କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ କୁସୁମି ର ଧନସାଇ କୁମ୍ଭାର (୩୧)। ସୂଚନା ଅନୁଯାୟୀ, ଗୁରୁବାର ରାତ୍ର ସମୟରେ ଜୟପୁର ସଦର ପୋଲିସ କଳାଗୁଡା, ଗଡ଼ପଦର ଓ ବାରିଣିପୁଟ ଅଞ୍ଚଳର ପେଟ୍ରୋଲିଂ କରୁଥିଲା। ସେହି ସମୟରେ ଜୟପୁର ଅଭିମୁଖେ ଏକ ଟ୍ରକ ଦ୍ରୁତ ଗତିରେ ଆସୁଥିବା ବେଳେ ବାରିଣିପୁଟ ନିକଟରେ ପେଟ୍ରୋଲିଂ ଟିମ ଟ୍ରକ୍ କୁ ଅଟକାଇ ଯାଞ୍ଚ୍ କରିଥିବା ସମୟରେ ଡ୍ରାଇଭର ମଦ୍ୟପାନ କରିଥିବା ଜାଣିବାକୁ ପାଇଥିଲେ। ଏନେଇ ଟ୍ରକକୁ ଜବତ କରି ଡ୍ରାଇଭରକୁ ଗିରଫ କରିଛି। ଗିରଫ ଡ୍ରାଇଭରକୁ ନୋଟିସ ଦେଇ ଛଡାଯାଇଥିବା ନେଇ ଜୟପୁର ସଦର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୨୧ରୁ ସାଂସଦ ଖେଳ ମହୋତ୍ସବ

**ପୁରୀ, ୩୦।୮(ସଂଚାର ବ୍ୟୁରୋ):** କ୍ରୀଡା ସୁସ୍ଥ ରହିବାକୁ ଏକ ଶ୍ରେଷ୍ଠ ପନ୍ଥା।ବିଭିନ୍ନ କ୍ରିଡା ଶୃଙ୍ଖଳା, ସୁସ୍ଥତା ଓ ନୀରୋଗର ମହୌଷଧି ସଦୃଶ୍ୟ। ସେଥିପାଇଁ ପ୍ରଧାନମନ୍ତ୍ରୀ ଖେଳକୁ ଗୁରୁତ୍ୱ ଦେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବ ଆୟୋଜନର ବ୍ୟବସ୍ଥା କରିଛନ୍ତି ବୋଲି ପୁରୀ ସାଂସଦ ଡା. ସମ୍ବିତ ପାତ୍ର ସୂଚନା ଦେଇଛନ୍ତି। ଆଜି ପୁରୀ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ପୁରୀ ଜିଲ୍ଲା ସ୍ତରୀୟ ଜାତୀୟ କ୍ରିଡା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ପାତ୍ର ଉପସ୍ଥିତ ସମସ୍ତ କ୍ରିଡାବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆମ ପାରମ୍ପରିକ କ୍ରିଡାକୁ ଆଗକୁ ନେବା ଓ ହଜି ଯାଉଥିବା କ୍ରିଡାର ପୁନରୁଦ୍ଧାର ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ସୁନ୍ଦର ପଦକ୍ଷେପ। ସେପ୍ଟେମ୍ବର ୨୧ ତାରିଖ ଠାରୁ ଏହି ଖେଳ ପ୍ରତିଯୋଗିତା ମାଧ୍ୟମରେ ୮ ପ୍ରକାର ଖେଳକୁ ସାମିଲ କରାଯାଉଛି। ତେଣୁ କ୍ରିଡାବିତ ମାନେ ସାଂସଦ ଖେଳ ମହୋତ୍ସବ ପୋର୍ଟାଲକୁ ଯାଇ ନାମ ପଞ୍ଜିକରଣ ପାଇଁ ଡା. ପାତ୍ର ପରାମର୍ଶ ଦେଇଥିଲେ।ଏହି ଅବସରରେ ସାଂସଦ ଖେଳ ମହୋତ୍ସବର ଲିଫଲେଟ କୁ ଡା. ପାତ୍ର ପ୍ରଦର୍ଶନ କରି କ୍ରିଡାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ।

# ନାତୁଣୀ ମୃତ୍ୟୁ ଖବର ଶୁଣି ଜେଜେଙ୍କ ଜୀବନ ଗଲା

**ଧର୍ମଶାଳା,୩୦।୮(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅଞ୍ଚଳରେ ଅଘଟଣ। ସାପ କାମୁଡାରେ ନାତୁଣୀ ମୃତ। ନାତୁଣୀର ମୃତ ଖବର ଶୁଣି ଜେଜ ହୃଦଘାତର ଶିକାର ହୋଇ ମୃତବରଣ କରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ଗୋବଣ୍ଡିଆ ଗ୍ରାମରେ। ଏହି ଗ୍ରାମର ଦେବେନ୍ଦ୍ର ପରମାଣିକଙ୍କ ଝିଅ ଅଙ୍କିତା (୧୬) ରାତିରେ ଶୋଇଥିବା ବେଳେ ଅଜଣାତେ ଏକ ବିଷଧର ସାପ କାମୁଡି ଦେଇଥିଲା। ଭୋର ସମୟରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ନିକଟସ୍ଥ ମହାଙ୍ଗା ମେଡିକାଲକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏପେଟେ ନାତୁଣି ମରିଯିବା ଖବର ଶୁଣି ଜେଜ ବାବାଜୀ(୭୫) ହୃଦଘାତର ଶିକାର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ମାହାଙ୍ଗା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏଭଳି ୨ଟି ମୃତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି। ଅଙ୍କିତା ସ୍ଥାନୀୟ ବରଦାସ୍ଥିତ ବିଦମାନନ୍ଦ ବିଦ୍ୟାପୀଠରେ ୧୦ ଶ୍ରେଣୀରେ ପାଠ ପଢୁଥିଲେ। ତେବେ ପୂର୍ବାହ୍ନରେ ଗାଁରେ ୨ଟି ମୃତଦେହ ପଂହଚିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ପୃଥକ ପୃଥକଭାବେ ୨ଟି ଜୁଇ ଜଳିବା ନେଇ ସମସ୍ତଙ୍କ ଆଖିରେ ଲୁହ ଝରି ଆସିଥିଲା। ବଡପୁଅ ନରେଶ ମୁଖାଗ୍ନୀ ଦେଇଥିଲେ।

# ବାଳିଯାତ୍ରା କଟକ ଉତ୍ସବ ପ୍ରସ୍ତୁତି ନିମନ୍ତେ ପ୍ରାଥମିକ ବୈଠକ




**କଟକ,୩୦।୮(ସଂଚାର ବ୍ୟୁରୋ):** ବାଲିଯାତ୍ରା କଟକ ଉତ୍ସବ -୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଛି। ଐତିହାସିକ ବାଲିଯାତ୍ରାର ପ୍ରସ୍ତୁତି ନିମନ୍ତେ ଏହି ପ୍ରାକ-ପ୍ରସ୍ତୁତି ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରି ଆଲୋଚନାରେ ଭାଗନେଇଥିଲେ। ଚଳିତବର୍ଷ କଟକ ବାଲିଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ। ବାଲିଯାତ୍ରାର ଭିତ୍ତିଭୂମି ନିର୍ମାଣ, ପରିମଳ ବ୍ୟବସ୍ଥା, ଧୂଳି ନିୟନ୍ତ୍ରଣ ଆଦି କାର୍ଯ୍ୟକୁ ଅଧିକ ଉନ୍ନତ ମାନର କରିବା ସହ ପୂର୍ବାପେକ୍ଷା ଅଧିକ ଜନୋପଯୋଗୀ କରିବା ନିମନ୍ତେ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା। ବାଲିଯାତ୍ରା ପରିସରଭୁକ୍ତ ପଡିଆର ସମଗ୍ର ଅଞ୍ଚଳକୁ ଚଳଚଞ୍ଚଳ ବ୍ୟବହାର ସହ ଯାତ୍ରୀ ପରିବହନ ଓ ଯାନବାହନ ରଖିବା ବ୍ୟବସ୍ଥାକୁ ଅଧିକ ସୁବିଧାଜନକ କରିବା ଉପରେ ମଧ ଗୁରୁତ୍ୱାରୋପ କରଯାଇଥିଲା। ବାଲିଯାତ୍ରା କାର୍ଯ୍ୟକ୍ରମର ପ୍ରତ୍ୟେକ ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ବହନ କରିବେ। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ କରିବା, କଟକ-ଇନ-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ସୁରକ୍ଷା ପ୍ରମାଣପତ୍ର ମାନ ସୁନିଶ୍ଚିତ କରିବାକୁ କହିଥିଲେ। ବାଲିଯାତ୍ରା ସ୍ମରଣିକାକୁ ଅଧିକ ପାଠକାଦୃତ କରିବା ସହ ଏହାକୁ ଉଚିତ ସମୟରେ ପାଠକଙ୍କ ନିମନ୍ତେ ଉପଲବ୍ଧ କରାଇବା ପାଇଁ ସେ କହିଥିଲେ। ଉଠାଦୋକାନୀଙ୍କ ଠାରୁ ଆରମ୍ଭ କରି ସମସ୍ତବର୍ଗର ଭାଗୀଦାର ଓ ଯାତ୍ରୀମାନଙ୍କ ନିମନ୍ତେ ସର୍ବୋପଯୋଗୀ ଯୋଜନାମାନ ପ୍ରସ୍ତୁତ କରି ଚଳିତ ବାଲିଯାତ୍ରାକୁ ସ୍ମରଣୀୟ କରିବା ନିମନ୍ତେ ସମସ୍ତେ କର୍ତ୍ତବ୍ୟନିଷ୍ଠଭାବେ କାର୍ଯ୍ୟକରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରଯାଇଥିଲା। ବୈଠକରେ କଟକ ମହାନଗର ନିଗମ ଆୟୁକ୍ତ କିରନଦିପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ସଚିବ କଟକ ଉନ୍ନୟନ କର୍ତ୍ତୃପକ୍ଷ ଶ୍ରୀ ଶ୍ୱେତ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀଜଗନ୍ନାଥଙ୍କ ନାମରେ ଫେକ ୱେବସାଇଟ୍




**ପୁରୀ,୩୦।୮(ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥ ସେବା ନାମରେ ସାଇବର ଠକେଇ । ଶ୍ରୀଜଗନ୍ନାଥଙ୍କ ନାମରେ ଫେକ ୱେବସାଇଟ କରି ପୂଜା ପାଇଁ ବିଜ୍ଞପ୍ତି। ଏମିତି ଖବର ଏବେ ଭାଇରାଲ ହୋଇଛି ସୋସିଆଲ ମିଡିଆରେ। ଅନଲାଇନରେ ବିଭିନ୍ନ ପୂଜାର ଦର ଦିଆଯାଇଛି । ଯୋଗାଯୋଗ ପାଇଁ ୱେବସାଇଟ ମଧ୍ୟ ଦିଆଯାଇଛି । ଚାରି ପ୍ରକାର ପୂଜା ହେବା ନେଇ ଅନଲାଇନରେ ବିଜ୍ଞପ୍ତି ଦିଆଯାଇଥିବା ଜଣାପଡ଼ିଛି। ଏହି ପୂଜା ମଧ୍ୟରେ ରହିଛି ଅଭିଷେକ ପୂଜା, ତୁଳସୀଦାନ ପୂଜା, ଚତୁର୍ଦ୍ଧାମୂର୍ତ୍ତି ପୂଜା ଓ ସାଧାରଣ ଦର୍ଶନ ପୂଜା ଅଭିଷେକ ପୂଜା। ପୂଜା ପରି ସେବା ଡଟ କମ୍ ନାମକ ଏକ ଅନଲାଇନ ଆପ୍ଲିକେସନ ସୋସିଆଲ ମିଡିଆରେ ଘୂରି ବୁଲୁଛି। ତେବେ ଏହାକୁ ବିଶ୍ୱାସ ନ କରିବା ପାଇଁ ଅପିଲ କହିଛନ୍ତି ପୁରୀ ଏସପି ପ୍ରତୀକ ସିଂ। ଏନେଇ ଶ୍ରୀ ସିଂ କହିଛନ୍ତି ଯେ ଏହା ଉପରେ ତଦନ୍ତ ଚାଲିଛି। ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏହାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ଓ ଏପରି ଫେକ୍ ୱେବ୍‌ସାଇଟ୍ ତିଆରି କରିଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ବିଧାନ କରିବା ସକାଶେ ଦାବି ହୋଇଛି।

## ଜଳପ୍ରପାତରେ ବୁଡ଼ିଗଲେ ଯୁବକ

**କେଉଁଝର,୩୦।୮(ସଂଚାର ବ୍ୟୁରୋ):** ଜଳପ୍ରପାତରେ ଗାଧୋଉଥିବା ସମୟରେ ଜଣେ ଯୁବକ ବୁଡ଼ିଯାଇଛନ୍ତି। ୩ ଜଣ ସାଙ୍ଗ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେମାନେ ସାଙ୍ଗ ହୋଇ ଗାଧୋଉଥିଲେ। ତେବେ ହଠାତ ଜଳପ୍ରପାତ ପାଣିରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଏପରି ଏକ ଅଘଟଣ ଘଟିଛି କେନ୍ଦୁଝର ଜିଲ୍ଲା ଓ ଅନୁଗୁଳ ଜିଲ୍ଲା ସୀମାନ୍ତ ନଗୀରା ଗର୍ଜନ ଖୋଲ ଜଳପ୍ରପାତରେ। ଗତକାଲି ଅପରାହ୍ନରେ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ବାଲରାଇ ଗାଁରୁ ୨ ଜଣ ଓ ଗୋପପୁର ଗାଁର ଜଣେ ସାଙ୍ଗ ନଗୀରା ଗର୍ଜନ ଖୋଲ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ଏହି ସମୟରେ ବାଲରାଇ ଗାଁର ଲିପୁନ୍ କୁମାର ବେହେରା ସେଠାରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଗତକାଲିଠାରୁ ବାଂଶପାଳର ଦମକଳ ବାହିନୀ ସେଠାରେ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତ ଦେହ ମିଳିନଥିବା ଜଣାପଡ଼ିଛି।

## ଚାଷଜମିରୁ ଆରପିଏଫ୍ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗିର,୩୦।୮(ସଂଚାର ବ୍ୟୁରୋ):** ଟିଟିଲାଗଡ଼ ରେଲୱେ ପୋଲିସ କର୍ମଚାରୀଙ୍କ ମୃତଦେହ ଜଗୁଆ ଗାଁର ଏକ ଚାଷ ଜମିରୁ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ଭକ୍ତ କର। ସେ ଟିଟିଲାଗଡ଼ ରେଲୱେ ପୋଲିସରେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ନୂଆଁଖାଇ ପାଇଁ ନିଜ ଗାଁ କଳାହାଣ୍ଡିର କୋଟା ଗାଁକୁ ଯାଇଥିଲେ। ନୂଆଖାଇ ପାଳନ କରି ମୋଟର ସାଇକେଲ ଯୋଗେ ଟିଟିଲାଗଡ଼କୁ ଫେରୁଥିଲେ। ହେଲେ ସେ ଟିଟିଲାଗଡ଼ରେ ପହଞ୍ଚି ନ ଥିଲେ। ଜଗୁଆ ଗ୍ରାମ ନିକଟରେ ଥିବା ଏକ ଚାଷ ଜମିରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା।

## ଏଚ୍‌ଡିଏଫ୍‌ସି ସହ ରାଜ୍ୟ ସରକାରଙ୍କ ଚୁକ୍ତି

# ଭିନ୍ନକ୍ଷମଙ୍କୁ ମିଳିବ ୨.୫ ଲକ୍ଷ ବିବାହ ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର,୩୧୮(ସଂଚାର ବ୍ୟୁରୋ):** ଆଜି ଅପରାହ୍ଣରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ,ସଂଖ୍ୟା ଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହ ଏକ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଦ୍ୱାରା ଓଡ଼ିଶାର ବହୁ ବିବାହିତ ଭିନ୍ନକ୍ଷମ ହିତାଧିକାରୀ ଲାଭବାନ ହୋଇପାରିବେ। ଏହି ଚୁକ୍ତି ଅନୁସାରେ, ରାଜ୍ୟର ଭିନ୍ନକ୍ଷମମାନଙ୍କୁ ବାର୍ଷିକ ୩ଟି କିସ୍ତିରେ ମୋଟ ଅଢ଼େଇ ଲକ୍ଷ ଟଙ୍କାର ବିବାହ ପ୍ରୋତ୍ସାହନ ସହାୟତା ଯୋଗାଇ ଦିଆଯିବ। ଏହି ରାଶି ପାଇଁ ଭିନ୍ନକ୍ଷମ ହିତାଧିକାରୀମାନେ ବିବାହର ପଞ୍ଜିକରଣ କରିବାର ବର୍ଷକ ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଆବେଦନ କରିବେ। ବିବାହର ପ୍ରଥମ ବର୍ଷ ପୂରିଲେ, ମୋଟ ପରିମାଣର ୧୦ ପ୍ରତିଶତ ଅର୍ଥାତ୍ ୨୫ ହଜାର, ଦ୍ୱିତୀୟ ବର୍ଷ ପୂରଣରେ ଆଉ ୧୦ ପ୍ରତିଶତ ଅର୍ଥାତ୍ ୨୫ ହଜାର ଏବଂ ତୃତୀୟ ବର୍ଷ ପୂରଣରେ ଅବଶିଷ୍ଟ ୮୦ ପ୍ରତିଶତ ଅର୍ଥାତ୍ ୨ ଲକ୍ଷ ଟଙ୍କାର ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ପ୍ରୋତ୍ସାହନ ରାଶି ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଆଶା କରିଛନ୍ତି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱରରୁ ...

ଫଗନ ସିଂ କୁଲସ୍ତେ କହିଛନ୍ତି ଯେ, ବଞ୍ଚିତ ବର୍ଗ ମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କମିଟି ପ୍ରତିଶୃତିବଦ୍ଧ। ସେ ସମସ୍ତଙ୍କୁ ଏକଜୁଟ ହୋଇ କାମ କରି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଖରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ-ଆର୍ଥିକ ସଶକ୍ତିକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସମ୍ମିଳନୀରେ ଗ୍ରହଣ କରାଯାଇଥିବା ପ୍ରସ୍ତାବମାନ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ, ଯାହା ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଇଁ କଲ୍ୟାଣକାରୀ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରିପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ପ୍ରାରମ୍ଭରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ସୂଚନା ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

ସେହିପରି ଗତକାଲିଠାରୁ ଆରମ୍ଭ ହୋଇଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ କୌଣସି ଦେଶର ଅବହେଳିତ ବର୍ଗଙ୍କୁ ମିଳୁଥିବା ମର୍ଯ୍ୟାଦା ଓ ସୁଯୋଗ ହିଁ ଉକ୍ତ ଦେଶର ପ୍ରକୃତ ସମୃଦ୍ଧିର ମାପକାଠି। କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ସଂସଦର ଅନୁସୂଚିତ ଜାତି ଓ ଜନଜାତି କମିଟିର ଅଧକ୍ଷ ଡ. ଫଗନ୍ ସିଂହ କୁଲସ୍ତେ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଶାର ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ ମୁକେଶ ମହାଲିଂଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଡିସେମ୍ବରରେ...

ସଚିବ ଓ ଜଳ ସମ୍ପଦ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ ସହଯୋଗୀ ସମାଧାନ ପାଇଁ ଆଲୋଚନା କରିଛନ୍ତି। ଉଭୟ ରାଜ୍ୟ ଆପୋଷ ବୁଝାମଣାରେ ଲୋକମାନଙ୍କ ହିତରେ ଉଚିତ ସମାଧାନ ଖୋଜିବାକୁ ସହମତ ହୋଇଛନ୍ତି। ଏଥିପାଇଁ ସେପ୍ଟେମ୍ବର ମାସରେ ପ୍ରତ୍ୟେକ ରାଜ୍ୟର ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ବୈଷୟିକ କମିଟିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ସପ୍ତାହକୁ ଥରେ ବୈଠକ କରିବେ। ଏହି କମିଟି ଦ୍ୱାରା ମହାନଦୀ ଜଳ ବଣ୍ଟନରେ ଦୁଇ ରାଜ୍ୟରେ ଅଧିକ ସମନ୍ୱୟ ପାଇଁ ଏକ ସଂସ୍ଥାଗତ ଢାଞ୍ଚା ପ୍ରସ୍ତୁତ କରିବା ନେଇ ମଧ୍ୟ ଆଲୋଚନା କରାଯିବ। ଏହାପରେ ଆଗାମୀ ଅକ୍ଟୋବରରେ ଆଉ ଏକ ମୁଖ୍ୟ ସଚିବ ଓ ଜଳସମ୍ପଦ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଆଗାମୀ ଡିସେମ୍ବର ମାସରେ ସୁବିଧାନୁସାରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଷ୍ଣୁଦେବ ସାୟ କାମଗୁଡିକର ତଦାରଖ କରି ମହାନଦୀ ଜଳ ବିବାଦକୁ ଉଭୟ ରାଜ୍ୟର ଲୋକମାନଙ୍କ ହିତରେ ଦୀର୍ଘକାଳୀନ ଓ ସମ୍ମତିମୂଳକ ଭାବରେ ସମାଧାନ କରିବାର ପଥକୁ ନିର୍ଣ୍ଣୟ କରିବେ। ଓଡ଼ିଶା ସରକାର ସମସ୍ତଙ୍କ ପାଇଁ ଏକ ସମାବେଶୀ ତଥା ପାରସ୍ପରିକ ହିତକାରୀ ସମାଧାନ ପାଇଁ ଖୋଲା ମନରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ।

ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଡ ମଧ୍ୟରେ ଦୀର୍ଘ ପ୍ରାୟ ୭ ବର୍ଷ ହେଲା ବିବାଦ ଚାଲିଆସୁଛି। ବିଜେଡି ଏହି ପ୍ରସଙ୍ଗରେ ସୁପ୍ରିମ କୋର୍ଟଙ୍କ ଠାରୁ କେନ୍ଦ୍ରୀ ଜଳ ଆୟୋଗ ପର୍ଯ୍ୟନ୍ତ ବିଭିନ୍ନ ମହଲରେ ଲିଖିତ ଅଭିଯୋଗ କରିଛି। ନିକଟରେ ବିଜେଡି ପୁଣି ଥରେ କେନ୍ଦ୍ରୀୟ ଜଳ ଆୟୋଗରେ ଫେରାଦ ହୋଇଥିଲା। କିନ୍ତୁ ପ୍ରାୟ ୭ ବର୍ଷ ହେଲା ବିବାଦ ତୁଟୁନି, ଆଉ ତତ୍କାଳୀନ ବିଜେଡି ସରକାର ରାଜନୈତିକ ଅସ୍ତ୍ର ଭାବେ ଏହାକୁ ବ୍ୟବହାର କରି ଆଇନଗତ ଲଢେଇକୁ ଓହ୍ଲାଇଥିଲା। ଆଉ ତାର ପରିଣାମ ହେଉଛି ଖରାଦିନେ ମହାନଦୀ ତଳମୁଣ୍ଡରେ ଲୋକେ ପାଣି ପାଇଁ ତହଳ ବିକଳ ହେଉଛନ୍ତି।

## ଶଯ୍ୟା ସଂଖ୍ୟା...

ସେଣ୍ଟ୍ରାଲ ଏସି ବିଶିଷ୍ଟ ବିଲଡିଂକୁ ଉଦଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ। ଆଜି ଏହାର ଶଯ୍ୟା ସଂଖ୍ୟାରେ ଆହୁରି ୪୨୪ଟି ଯୋଡ଼ାଯାଇଛି, ଯାହାଦ୍ୱାରା ଶିଶୁ ଭବନର ମୋଟ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି ପାଇଛି। ଏଥିସହ ୫ ଜଣ ନୂଆ ପ୍ରଫେସର, ୧୦ ଜଣ ଆସୋସିଏଟ ପ୍ରଫେସର, ୧୮ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ୨୪ ଜଣ ସିନିୟର ରେସିଡେଣ୍ଟ ଓ ୨ ଜଣ ମେଡିକାଲ ଅଫିସର ଏହିପରି ମୋଟ ୫୯ଟି ନୂଆ ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ସେହିଭଳି ଏଠାରେ ଗୋଟିଏ ନୂଆ ବ୍ଲଡ ବ୍ୟାଙ୍କ ଓ ଔଷଧ ଷ୍ଟୋରକୁ ଉଦଘାଟନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ୧୯୬୦ ମସିହାରେ ପ୍ରତିଷ୍ଠା ହୋଇଥିବା ଶିଶୁ ଭବନରେ ଏହା ସବୁଠୁ ବଡ ସମ୍ପ୍ରସାରଣ ହୋଇଥିବା ବେଳେ ଆଗାମୀ ଦିନରେ ଶିଶୁ ରୋଗର ଚିକିତ୍ସା କ୍ଷେତ୍ରରେ ରାଜ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

## ଆବଶ୍ୟକ ...

ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଥିଲେ ହେଁ ଚାଷୀଙ୍କୁ ସାର ମିଳୁନାହିଁ। ୟୁରିଆ ସରକାରୀ ଦରଠାରୁ ଉଚ୍ଚ ଦାମରେ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ଏଜେନ୍ସି ମାର୍କଫେଡ୍ ଚାଷୀ ବଦଳରେ ଘରୋଇ ଡିଲରଙ୍କୁ ରିହାତିରେ ସାର ବିକୁଛି। ତେଣୁ ଚାଷୀ ଖରିଫ ଋତୁରେ ଚାଷ କାମ ଛାଡି ସାର ପାଇଁ ରାଜରାସ୍ତାକୁ ଓହ୍ଲାଇବା ନିଶ୍ଚିତ ଭାବେ ଚିନ୍ତାର ବିଷୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସପ୍ଲାଏ ଚେନ୍‌କୁ ସଠିକ୍ ଭାବେ ପରିଚାଳନା କରାଯାଉନଥିବା ବେଳେ ସାର ଅଭାବ ଓ ଦୁର୍ନୀତି ଯୋଗୁଁ ଚାଷୀକୁ ଆଜି ଏପରି ଏକ ଦୁଃସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିବା ସହ ଏନେଇ ଉଦବେଗ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ତାଳଚେର ସାର କାରଖାନାର ଶିଳାନ୍ୟାସ ପାଖାପାଖି ୭ ବର୍ଷ ତଳେ କରାଯାଇଥିଲେ ମଧ୍ୟ ଏହା ଆଜି ପର୍ଯ୍ୟନ୍ତ କେବଳ ଘୋଷଣାରେ ସୀମିତ ରହିଛି। ଶିଳାନ୍ୟାସ ସମୟରେ ୩ ବର୍ଷରେ କାମ ଶେଷ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ବି ଏ କ୍ଷେତ୍ରରେ ଉଦାସୀନତା ଚାଷୀମାନଙ୍କୁ ହନ୍ତସନ୍ତ କରୁଛି ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ଏଥିସହ ସେ ଖରିଫ ଋତୁ ଆରମ୍ଭରେ ସାର ଅଭାବ ତଥା ଯୋଗାଣରେ ଚାଲିଥିବା ଅବ୍ୟବସ୍ଥା ଓ ଦୁର୍ନୀତିକୁ ରୋକିବାକୁ ସମୟୋଚିତ ପଦକ୍ଷେପ ନେବା ସକାଶେ ଦାବି କରିଛନ୍ତି। ନଚେତ୍ ଏହା କୃଷି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି କରିବା ସହ ଚାଷୀଙ୍କ ଜୀବିକାକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ଶ୍ରୀ ପଟ୍ଟନାୟକ ସତର୍କ କରାଇଦେଇଛନ୍ତି।

## ବାଦଲଫଟା ...

ବାଦଲଫଟା ବର୍ଷା ଆଜି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ରୁଦ୍ରପ୍ରୟାଗ ଜିଲ୍ଲାରେ ୬ ଜଣ ନିଖୋଜ ଅଛନ୍ତି। ଅଲକାନନ୍ଦା ଏବଂ ମନ୍ଦାକିନୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଶୁକ୍ରବାର ସକାଳ ସୁଦ୍ଧା ରୁଦ୍ରପ୍ରୟାଗ ଜିଲ୍ଲାର ଅଲକାନନ୍ଦା ନଦୀ ବିପଦ ସଙ୍କେତ ଅତିକ୍ରମ କରିଛି। ଏହାଦ୍ୱାରା ବନ୍ୟା ପରି ସ୍ଥିତି ସୃଷ୍ଟି ହୋଇଛି। ବାସୁକେଦାର ଅଞ୍ଚଳରେ ବାଦଲଫଟା ବର୍ଷା ଯୋଗୁଁ ଗୋଟିଏ ଘର ଭାସିଯାଇଛି ଏବଂ କେତେକ ଲୋକ ନିଖୋଜ ହୋଇଯାଇଛନ୍ତି। ଅନ୍ୟପକ୍ଷରେ ହିମାଚଳପ୍ରଦେଶର ଚାମ୍ବା ଜିଲ୍ଲାରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ପ୍ରସିଦ୍ଧ ମଣିମହେଶ ଯାତ୍ରା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଚାମ୍ବାର ଭାରମୌରରେ ଭୂସ୍ଖଳନ ହୋଇ ମଣିମହେଶ ଯାତ୍ରାରେ ସାମିଲ ଥିବା ୧୧ ଜଣ ତୀର୍ଥଯାତ୍ରୀଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୩ ଜଣ ପଞ୍ଜାବର ହୋଇଥିବାବେଳେ ଜଣେ ଉତ୍ତରପ୍ରଦେଶର ଏବଂ ୫ ଜଣ ଚାମ୍ବାର। ଅନ୍ୟ ୨ ଜଣଙ୍କୁ ଏଯାବତ ଚିହ୍ନଟ କରାଯାଇପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ ଗତ ସପ୍ତାହରେ ମଧ୍ୟ ମଣିମହେଶ ଯାତ୍ରା ସମୟରେ ୭ ତୀର୍ଥଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା ଓ ଏହି ଘଟଣାରେ ୯ ଜଣ ନିଖୋଜ ହୋଇଯାଇଥିଲେ।

## ବିଜେଡି...

ବ୍ୟାପାରର କେବଳ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ଏଥିସହିତ ପ୍ରଣବ ବଳବନ୍ତ ରାୟଙ୍କ ଭଳି ଯୁବ ନେତାଙ୍କୁ ଯବ ସଂଗଠନ ଦାୟିତ୍ୱ ଦିଆନଯିବା ମଧ୍ୟ କିଛି ଯୁବ ନେତାଙ୍କୁ କ୍ଷୁବ୍ଧ କରିଛି। ତେଣୁ ସେମାନଙ୍କ ସହ ବରିଷ୍ଠ ଉପସଭାପତି ପ୍ରତାପ ଜେନା ଅନ୍ୟତ୍ର ଆଲୋଚନା କରିଥିବା ଜଣାପଡିଛି। ତେବେ ଅସନ୍ତୁଷ୍ଟଙ୍କୁ ଏହାଦ୍ୱାରା କେତେ ମନେଇବାରେ ସଫଳ ହୋଇଛି ଦଳ, ତାହା ଭବିଷ୍ୟତ କହିବ।

## ଓସିପିଏଲ୍...

ଅବଧି ଆସନ୍ତା ମାର୍ଚ ୨୦୨୬ରେ ସମାପ୍ତ ହୋଇଯିବ। ଅର୍ଥାତ କୋଇଲା-ଭିତ୍ତିକ ତାପଜ ବିଦ୍ୟୁତକେନ୍ଦ୍ର ଗୁଡିକପାଇଁ ଆବଣ୍ଟନ ହୋଇଥିବା କୋଇଲାଖଣି ଏପ୍ରିଲ ୨୦୨୬ରୁ ଜିଏସଟି କ୍ଷତିପୂରଣ ସେସ ବାବଦକୁ ଟନ ପିଛା ୪୦୦ ଟଙ୍କା ଆଉ ଦେବେନାହିଁ। ୨୦୧୭ରୁ କେନ୍ଦ୍ର ସରକାର ଟନ ପିଛା ଜିଏସଟି କ୍ଷତିପୂରଣ ସେସ ୪୦୦ ଟଙ୍କା ଆଦାୟ କରି ଆସୁଛନ୍ତି। ଆସନ୍ତା ମାର୍ଚ୍ଚ ୨୦୨୬ରୁ ଏହା ଦେବାକୁ ପଡିବ ନାହିଁ। ଏହି ସେସ୍ ୮ ବର୍ଷ ଦିଆ ସରିଲାଣି ଆଉ ୭ ମାସ ଦେଇଦେବା ଓଡ଼ିଶା ପାଇଁ ବିଜ୍ଞତାର ପରିଚୟ ହେବ। ଇତି ମଧ୍ୟରେ ରାଷ୍ଟ୍ରାୟତ ସଂସ୍ଥା ଏନଟିପିସି ବୋର୍ଡ ଓଡ଼ିଶା ମଡେଲ ଆପଣେଇବା ସହ ଓସିପିଏଲ ଭଳି ଏନଏମଏଲ କମ୍ପାନୀ ଗଠନ ପାଇଁ ସୁପାରିଶ୍ କରିଛି। ଓଡ଼ିଶା କିନ୍ତୁ ଓସିପିଏଲରେ ତାଲା ଝୁଲାଇବାକୁ ବସିଛି। ଏହାଦ୍ୱାରା କେବଳ ଓସିପିଏଲ୍ ଭଳି ସଂସ୍ଥା ବନ୍ଦ ହେବନାହିଁ, ବରଂ ରାଜ୍ୟ ଅନେକ ନିଯୁକ୍ତି ସୁଯୋଗ ହରାଇବ। ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ଓପିଜିସି ଗୋଟିଏ ଲାଭଦାୟକ ସଂସ୍ଥା ହୋଇଥିବାବେଳେ ଅଧିକାଂଶ ସମୟରେ କିନ୍ତୁ ଠିକା ଅଧିକାରୀଙ୍କ ଉପରେ ନିର୍ଭରଶୀଳ ରହୁଛି। ନିଜର ସ୍ଥାୟୀ ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ନିଯୁକ୍ତି କରିବାକୁ ବର୍ଷ ବର୍ଷ ଲାଗିଯାଉଛି। ବାରମ୍ବାର ପାଉଁଶ ପୋଖରୀ ଭଙ୍ଗା ବଦନାମ ମୁଣ୍ଡାଉଛି। ଏଭଳି ସ୍ଥିତିରେ ଓପିଜିସି ସହିତ ଓସିପିଏଲ୍‌କୁ ମିଶାଇଦେଲେ ଏହା ଓଡ଼ିଶାପାଇଁ ଏକ ପ୍ରକାର ବୁମେରାଂ ହେବ ବୋଲି କର୍ମଚାରୀ ମହଲରେ ଆଲୋଚନା ଜୋର ଧରିଛି।

## ପୁଣି ଓଡ଼ିଶା...

ସରକାର ଗଠନ କରିଥିଲା କଂଗ୍ରେସ। ଏହାପର ନିର୍ବାଚନଠାରୁ କଂଗ୍ରେସ ଦଳ ଲଗାତର ଭାବେ ଉନ୍ନତ ପ୍ରଦର୍ଶନ କରିନାହିଁ। ତେବେ ଦେଖାଯାଉ ରାହୁଲଙ୍କ ଗସ୍ତ ରାଜ୍ୟ କଂଗ୍ରେସକୁ କେତେ ସହଯୋଗ କରୁଛି।



ରାଜଭବନଠାରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ନୋବେଲ ବିଜେତାଙ୍କ କୃଷି ଭବନ ପରିଦର୍ଶନ

**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଚିକାଗୋ ବିଶ୍ୱବିଦ୍ୟାଳୟର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମାଇକେଲ କ୍ରେମର ଏବଂ ତାଙ୍କର ୧୨ ଜଣିଆ ଦଳ ଆଜି କୃଷି ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟର ଚାଷୀ ସମାଜ ମଧ୍ୟରେ ପାଣିପାଗ ପୂର୍ବାନୁମାନ ପ୍ରସାରଣ ଓ ଏହାର ଆବଶ୍ୟକତା, ବୈଧତା ଏବଂ ଗ୍ରହଣୀୟତା ବିଷୟରେ ଆଲୋଚନା କରିବା ପାଇଁ କୃଷି ଭବନରେ ଏକ ବୈଠକର ଆୟୋଜନ କରାଯାଇଥିଲା। କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଭବନ ସମ୍ମିଳନୀ କକ୍ଷରେ, ପ୍ରଫେସର କ୍ରେମର କୃଷି ସମୃଦ୍ଧି ହେଲ୍ପଲାଇନ (କେଏସ୍ଏଚ୍)କୁ ପ୍ରଶଂସା କରିଥିଲେ। ଶ୍ରୀ କ୍ରେମର କହିଛନ୍ତି ଯେ କୃଷି ସମୃଦ୍ଧି ହେଲ୍ପଲାଇନ ରାଜ୍ୟର ପ୍ରତ୍ୟେକ ଚାଷୀଙ୍କୁ ଜଳବାୟୁ ପ୍ରତିକୂଳ ପରିସ୍ଥିତିରୁ ତାଙ୍କ ଫସଲକୁ ରକ୍ଷା କରିବାରେ ସାହାଯ୍ୟ କରିବ। ବର୍ଷା, ତାପମାତ୍ରା ଓ ଆର୍ଦ୍ରତାକୁ ବିଚାରକୁ ନେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ପୂର୍ବାନୁମାନ ପ୍ରଚଳନ କରିବାକୁ ମଧ୍ୟ ମତ ଦେଇଥିଲେ ଏବଂ ଅସ୍ୱାଭାବିକ ପାଗ ଯୋଗୁଁ ଫସଲକୁ କ୍ଷତି ହେବାରୁ



ରକ୍ଷା କରିବା ପାଇଁ ଏଆଇ କିପରି ସର୍ବୋତ୍ତମ ଭାବରେ ସତର୍କତାମୂଳକ ଓ ପ୍ରତିରୋଧକ ପଦକ୍ଷେପ ନେଇପାରିବ, ସେ ବିଷୟରେ ଅବଗତ କରାଇଥିଲେ। ବିଭାଗ ଦ୍ୱାରା ପ୍ରଚଳିତ କୃଷି ସମୃଦ୍ଧି ହେଲ୍ପଲାଇନ ମଡେଲ ସହ ଏକ ବହୁବିଧ ପାଗ ପୂର୍ବାନୁମାନ ମଡେଲକୁ ସମନ୍ୱିତ କରିବା ସମୟର ଆବଶ୍ୟକତା ବୋଲି ସେ ଆଲୋକପାତ କରିଥିଲେ। ପ୍ରମୁଖ ଶାସନ ସଚିବ ବିଭାଗର ବିଭିନ୍ନ ଜଳବାୟୁ ଅନୁକୂଳ କୃଷି ଯୋଜନା ଯେପରିକି ବ୍ୟାପକ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ଏବଂ ମୃତ୍ତିକା-ଜୈବ ଅଙ୍ଗାରକୁ ବୃଦ୍ଧି କରିବାରେ ଏହାର ଲାଭ, ଫସଲ ବୀମା, କଷ୍ଟମାଇଜଡ୍ କୃଷି -ପରାମର୍ଶ, ଡିଜିଟାଲ ଫସଲ ସର୍ଭେ, କୃଷକ ରେଜିଷ୍ଟ୍ରି, କୃଷକ ଓଡ଼ିଶା ଡାଟା ବେସ୍, ଚାପ ସହନଶୀଳ ଫସଲ କିସମର ବ୍ୟବହାର, ଡିଜିଟାଲ ପଦ୍ଧତି ମାଧ୍ୟମରେ କୀଟପତଙ୍ଗ ନିରୀକ୍ଷଣ ତଥା ରାଜ୍ୟର କ୍ଷୁଦ୍ର ଏବଂ ନାମମାତ୍ର କୃଷକମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସରକାରଙ୍କ ସାମଗ୍ରିକ ଢାଞ୍ଚା ଉପରେ ଆଲୋକପାତ କରିଥିଲେ। ଡ. ପାଢ଼ୀ ଓୟୁଏଟି ସହଯୋଗରେ ଆପାତକାଳୀନ ଯୋଜନା ବିଷୟରେ ସୂଚନା ଦେଇଥିଲେ

## ସୂର୍ଯ୍ୟ ମନ୍ଦିର ବୁଲିଲେ ରାଜ୍ୟସଭା ଉପାଧ୍ୟକ୍ଷ

**କୋଣାର୍କ,୩୦।୮(ସଂଚାର ବ୍ୟୁରୋ):** ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଆଜି ଅପରାହ୍ନରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ତାଙ୍କ ସହ ଅନୁସୂଚିତ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧ୍ୟକ୍ଷ ଓ ସଦସ୍ୟଗଣ ମଧ୍ୟ ଏହି କାରୁକାର୍ଯ୍ୟ ସମ୍ପନ୍ନ ଐତିହ୍ୟସ୍ଥଳ ବୁଲି ଦେଖିଛନ୍ତି। ରାଜ୍ୟସଭା ଉପାଧ୍ୟକ୍ଷ କଡ଼ା ସୁରକ୍ଷା ବଳୟରେ ଏଠାରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସୂର୍ଯ୍ୟ ମନ୍ଦିରର ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତିମୂର୍ତ୍ତି ବୁଲି ଦେଖିବା ସହ ସେମାନେ ଏହାକୁ ପ୍ରଶଂସା କରିଥିଲେ।

ଗାଇଡ ପ୍ରଦୀପ୍ତ ମଲ୍ଲ ସୂର୍ଯ୍ୟମନ୍ଦିର ଇତିହାସ ସମ୍ପର୍କରେ ସେମାନଙ୍କୁ ବୁଝାଇଥିଲେ। ଉପାଧ୍ୟକ୍ଷ ଶ୍ରୀ ହରିବଂଶ ସୂର୍ଯ୍ୟମନ୍ଦିର କାରୁ କାର୍ଯ୍ୟ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ପୁରୀ ଜିଲ୍ଲା ବିଜେପି ସଭାପତି ଡ଼ଃ ଦେବେନ୍ଦ୍ର ତରାଇ, ଏଏସଆଇ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡଃ ଡିବି ଗଡ଼ନାୟକ, ଅତିରିକ୍ତ ଏସପି ସୌମ୍ୟ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ ପ୍ରମୁଖ ବରିଷ୍ଠ ପ୍ରଶାସନିକ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।



## ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ କେନ୍ଦୁଝର ଗସ୍ତ

**କେନ୍ଦୁଝର,୩୦।୮(ସଂଚାର ବ୍ୟୁରୋ):** ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି କେନ୍ଦୁଝର ଗସ୍ତରେ ଆସି ମଣ୍ଡୁଆ ଓ ବଣିଆପାଟରେ ଥିବା ସଖି ଶକ୍ତି ସଦନ ଗସ୍ତ




କରି ଅନ୍ତେବାସିନୀମାନଙ୍କ ସହ ଭାବ ବିନିମୟ କରି ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପରିଦର୍ଶନ କରି ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ଜିଲ୍ଲା ମଣ୍ଡଳ କାରାଗାର ଗସ୍ତ କରି ମହିଳା କଏଦୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ଓ ସେମାନେ କିପରି ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ତା' ଉପରେ ଆଲୋକପାତ କରିଥିଲେ। ସଦର ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କ ପରିଦର୍ଶନରେ ଯାଇ ମହିଳା ଓ ଶିଶୁ ମାନଙ୍କ ଲାଗି ଉଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟାର ତଦାରଖ କରିଥିଲେ। ମହାନ୍ତିଙ୍କ ଏହି ଗସ୍ତ ଅବସରରେ ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ ଓ ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା ସାମିଲ ହୋଇଥିଲେ।

## ଏନ୍ଏଚ୍‌ରେ ମାତିଲେ ହାତୀ



**କାମାକ୍ଷାନଗର,୩୦।୮(ସଂଚାର ବ୍ୟୁରୋ):** ମାତିଲେ ଗଜରାଜ। ବାଟ ଓଗାଳିଲେ ହାତୀ। ଢେଙ୍କାନାଳ-କାମାକ୍ଷାନଗର ଜାତୀୟ ରାଜପଥ ୫୩ ଉପରେ ହାତୀପଲ। ଭୁବନ ଅନନ୍ତପୁର ଠାରେ ଜାତୀୟ ରାଜପଥରେ ବାଡକୁ ଡେଇଁ ଯାଉଛନ୍ତି ୨ଟି ହାତୀ। ଫଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅଟକି ରହିଥିଲା ଗାଡ଼ିମୋଟର। ପରେ ହାତୀ ୨ଟି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଛନ୍ତି। ଗତକାଲି ରାତିରେ ମଧ୍ୟ ହାତୀ ୨ଟି ଏହି ଅଞ୍ଚଳରେ ବୁଲୁଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇଥିବା ଜଣାପଡ଼ିଛି।

## ପୁରୁଷୋତ୍ତମ ଏକ୍ସପ୍ରେସରୁ ମିଳିଲା ଶବ

**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଟ୍ରେନ୍ ଭିତରେ ଯୁବକଙ୍କ ମୃତ ଦେହ ଠାବ ହୋଇଛି। ପୁରୁଷୋତ୍ତମ ଏକ୍ସପ୍ରେସରୁ ମିଳିଲା ଶବ। ପାସେଞ୍ଜର ବଗିର ଶୌଚାଳୟରୁ ମିଳିଲା ମୃତଦେହ। ଭୁବନେଶ୍ୱର ଷ୍ଟେସନରୁ ଶବକୁ ଉଦ୍ଧାର କରିଛି ଜିଆର୍‌ପି ପୋଲିସ। ଟ୍ରେନ୍ ସଫା କରିବା ବେଳେ ସଫେଇ କର୍ମଚାରୀ ଶବ ଦେଖି ରେଳବାଇ ପୋଲିସ ତଥା ଜିଆର୍‌ପିକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆରମ୍ଭ କରିଛି ପଞ୍ଚନାମା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। କିନ୍ତୁ ତାଙ୍କର ବୟସ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି ।

## ଯୁବତୀଙ୍କଠାରୁ ଲୁଟ୍ ଅଭିଯୋଗରେ ଜଣେ ଗିରଫ

- ପୁଲିସ୍ ପରିଚୟ ଦେଇ ଆରମ୍ଭ କରିଥିଲେ ବନ୍ଧୁତା

**କଟକ,୩୦।୮(ସଂଚାର ବ୍ୟୁରୋ):** ପୁଲିସ୍ ପରିଚୟ ଦେଇ ହୋଇଛି ଲୁଟ୍। ଜନୈକ ଯୁବତୀଙ୍କଠାରୁ ଏହି ଟଙ୍କା ଲୁଟ୍ ହୋଇଥିବା ବେଳେ ନୟାଗଡ ଜିଲ୍ଲାର ପ୍ରତାପ କୁମାର ଦାସଙ୍କୁ ଗିରଫ କରିଛି କଟକ ଲାଲବାଗ ଥାନା ପୁଲିସ୍। ଅଭିଯୁକ୍ତଠାରୁ ନଗଦ ୩୦ ହଜାର ଟଙ୍କା ଜବତ ମଧ୍ୟ ହୋଇଛି। ସୋସିଆଲ ମିଡିଆ ମାଧ୍ୟମରେ ପ୍ରତାପ ଜଣେ ଯୁବତୀଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ସେତେବେଳେ ପ୍ରତାପ ନିଜକୁ ପୁଲିସ୍ ବିଭାଗର ସ୍ପେଶାଲ ସ୍କ୍ୱାଡ୍‌ର ସଦସ୍ୟ ଭାବେ ପରିଚୟ ଦେଇଥିଲେ। ପତ୍ନୀଙ୍କୁ ଛାଡପତ୍ର ଦେଇ ଉକ୍ତ ଯୁବତୀଙ୍କୁ ବିବାହ କରିବେ ବୋଲି ସେ ପ୍ରତିଶ୍ରୁତି ବି ଦେଇଥିଲେ। ପରେ ଉପାନ୍ତ ଅଞ୍ଚଳକୁ ବଦଳି ରୋକିବା ସକାଶେ ଟଙ୍କା ଦେବାକୁ କହି ସେ ଯୁବତୀଙ୍କଠାରୁ ୧ ଲକ୍ଷ ୬୪ ହଜାର ନେଇଯାଇଥିଲେ। ଏହାପରେ ସେ ଆଉ ଟଙ୍କା ଫେରାଇନଥିଲେ। ଯୁବତୀ ଜଣଙ୍କ ବାରମ୍ବାର ଟଙ୍କା ମାଗିବାରୁ ସେ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ସହ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏନେଇ ଯୁବତୀ ଜଣଙ୍କ ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ କରି ପୁଲିସ୍ ପ୍ରତାପଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କଲେ ଦୁର୍ବୃତ୍ତ



**ସୁବର୍ଣ୍ଣପୁର,୩୦।୮(ସଂଚାର ବ୍ୟୁରୋ):** ସକାଳୁ ସକାଳୁ ଗାଁରେ ଖେଳିଗଲା ଚାଞ୍ଚଲ୍ୟ। ରକ୍ତ ରଞ୍ଜିତ ହେଲା ଗାଁ। ଚାରିଆଡ଼େ ଖେଳିଗଲା କୋକୁଆ ଭୟ। ଗାଁରେ ଥିବା ଶିବ ମନ୍ଦିର ସାମ୍ନାରେ ହିଁ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଗଲା। ଯୁବକଙ୍କ ହତ୍ୟା ପରେ ଏବେ ପୁରା ଗାଁ ସ୍ତବଧ। ଭୟରେ ଘରୁ ବାହାରୁ ନାହାନ୍ତି ଲୋକେ। ନୂଆଖାଇ ପରେ ଛାଡ଼ଖାଇ ଥିଲା। ସମସ୍ତଙ୍କ ମନ ଥିଲା ଭାରି ଖୁସି। ଟିକେ ଆଇଁଷ ଖାଇବେ। କିନ୍ତୁ ହଠାତ ଗାଁରେ ଘଟିଲା ଛାତିଥରା ଘଟଣା। ସୁବର୍ଣ୍ଣପୁର ଜିଲ୍ଲା ମେଣ୍ଡାମାଲ ଗାଁରେ ହୋଇଛି ଭୟଙ୍କର ହତ୍ୟାକାଣ୍ଡ। ଗାଁର ଅଜିତ ଖଣ୍ଡଗିରି ନାମକ ଜଣେ ଯୁବକଙ୍କ ଜୀବନ ନେଇଛନ୍ତି ଦୁର୍ବୃତ୍ତ। ତେବେ ମାଘମାରୀ ଗାଁର ଅଜିତ ଖଣ୍ଡଗିରିଙ୍କୁ କିଏ ଓ କାହିଁକି ଏପରି ଆକ୍ରମଣ କରି ତାଙ୍କ ଜୀବନ ନେଲା, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଏହି ଆକ୍ରମଣ ଘଟଣାରେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ସେ ଚମ୍ପାମାଳ ଗାଁର ସୂର୍ଯ୍ୟକାନ୍ତ ପଧାନ ବୋଲି ଜଣାପଡ଼ିଛି। ଏହି ହତ୍ୟାକାଣ୍ଡ ମେଣ୍ଡାମାଲ ଗାଁ ଶିବ ମନ୍ଦିର ସମ୍ମୁଖରେ ଘଟିଛି। ଘଟଣା ପରେ ସ୍ଥାନୀୟ ପୁଲିସ ମୃତଦେହକୁ ଜବତ କରି ବୀରମହାରାଜପୁର ଡାକ୍ତରଖାନାକୁ ଆଣିଥିବା ବେଳେ ଗୁରୁତରଥିବା ସୂର୍ଯ୍ୟକାନ୍ତକୁ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅଜିତଙ୍କ ମୃତଦେହ ଡାକ୍ତରଖାନରେ ପହଞ୍ଚିବା ପରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ବୀରମହାରାଜପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ବଢ଼ିଲା ଇନ୍ସପେକ୍ଟର ଓ ଏସ୍ଆଇଙ୍କ କ୍ଷମତା

**ଭୁବନେଶ୍ୱର,୩୦।୮:** ବଢ଼ିଲା ଇନ୍ସପେକ୍ଟର ଓ SIଙ୍କ କ୍ଷମତା। ଏଣିକି ସେମାନେ ଏସ୍‌ସି/ଏସ୍‌ଟି ମାମଲାର ତଦନ୍ତ କରିପାରିବେ। ତଦନ୍ତ ସହ ଗିରଫ ଓ ସ୍ୱତନ୍ତ୍ର ଅଦାଲତରେ ମାମଲା ମଧ୍ୟ କରିପାରିବେ। ପୂର୍ବରୁ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ଏହି କ୍ଷମତା ମିଳିଥିଲା ତେବେ ସରକାର ଇନ୍ସପେକ୍ଟର ଓ SIଙ୍କ କ୍ଷମତା ବଢ଼ାଇ ଏହି ଦାୟିତ୍ୱ ଦେଇଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ଏଚଆରପିସି ଏଡିଜି ଜତିନ୍ଦ୍ର କୋୟଲ ପ୍ରସ୍ତାବ ଦେଇଥିଲେ।

## ଗଣେଶ ପୂଜା ମଣ୍ଡପ ବୁଲିଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଗଣେଶ ପୂଜା ମଣ୍ଡପ ବୁଲି ଦର୍ଶନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭୁବନେଶ୍ୱର ସହିଦନଗରସ୍ଥିତ ଗଣେଶ ପୂଜା ମଣ୍ଡପ ଓ ବଡ଼ଗଡ଼ସ୍ଥିତ ପୂଜା ମଣ୍ଡପ ବୁଲିବା ସହ ଗଜନାନଙ୍କ କୃପା ଲାଭ କରିଛନ୍ତି ଶ୍ରୀ ପ୍ରଧାନ। ରାଜଧାନୀରେ ମହାଆଡ଼ମ୍ବରରେ ଗଣେଶ ପୂଜା ଆୟୋଜିତ ହେଉଥିବା ବେଳେ ଏହି ପୂଜାରେ ଯୁବପିଢ଼ି ତଥା ସମାଜରେ ଭକ୍ତି ଓ ଆଧ୍ୟାତ୍ମିକତାର ଯେଉଁ ବାତାବରଣ ଦେଖାଦେଇଛି, ତାହା ବେଶ୍ ଉତ୍ସାହଜନକ ବୋଲି ଶ୍ରୀ ପ୍ରଧାନ ସୋସିଆଲ୍ ମିଡିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି।



## ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ଫେସବୁକରେ ଶ୍ରୀମନ୍ଦିର ଭିତର ଫଟୋ

### ଅସନ୍ତୋଷ ପରେ ଡିଲିଟ୍ କଲେ

**ପୁରୀ, ୩୦।୮ (ସଂଚାର ବ୍ୟୁରୋ) :** ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ଫେସବୁକରେ ପୁରୀ ଶ୍ରୀମନ୍ଦିର ଭିତର ଫଟୋ। ଗତକାଲି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ। ଏହି ସମୟରେ ଭିତର ବେଢ଼ାରେ ଫଟୋ ଉତ୍ତୋଳନ କରି ଏହାକୁ ନିଜ ସୋସିଆଲ୍ ମିଡିଆ ଫେସବୁକରେ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ଏହି ଫଟୋଟି ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ନିକଟର ବୋଲି ଜଣାପଡୁଛି। ତେବେ ବିଭିନ୍ନ ମହଲରେ ଅସନ୍ତୋଷ ପରେ ଏହି ଫଟୋଟିକୁ ଡିଲିଟ୍ କରିଦିଆଯାଇଛି। ଫେସବୁକ୍ ପୋଷ୍ଟରେ ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଲେଖାଯାଇଛି, ପବିତ୍ର ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ମୁଁ ଧନ୍ୟ ଅନୁଭବ କଲି। ଯାହା ଶାନ୍ତି ଭକ୍ତି ଏବଂ ଆଧ୍ୟାତ୍ମିକ ଶକ୍ତିର




ବିକିରଣ କରୁଥିବା ଏକ ଭବ୍ୟସ୍ଥଳ ବୋଲି ଲେଖାଯାଇଥିଲା। ତେବେ ଶ୍ରୀମନ୍ଦିର ଭିତରେ ଫଟୋ ଉଠାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଶ୍ରୀମନ୍ଦିର ଗସ୍ତ ସମୟରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସପି ପ୍ରତୀକ ସିଂହଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ୟାପକ ପୋଚ ଓ ଦେଶୀ ରନ୍ଧାମଦ ନଷ୍ଟ

**ବୈଶିଙ୍ଗା,୩୦।୮(ସଂଚାର ବ୍ୟୁରୋ):** ଅବକାରୀ ଥାନା ପକ୍ଷରୁ ଆଜି ସକାଳୁ ଅଚାନକ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ମାଟିରେ ପୋତା ଯାଇଥିବା ପୋଚ ଓ ଦେଶୀ ରନ୍ଧା ମଦକୁ ନଷ୍ଟ କରିଦିଆଯାଇଛି। ଅବକାରୀ ଥାନାଧିକାରୀ ପ୍ରଦୀପ କୁମାର ବେହେରା କୌଣସି ସୂତ୍ରରୁ ଖବର ପାଇ ଉଦଳା ଅବକାରୀ ଅଧିକାରୀ ସଞ୍ଜୟ କୁମାର କାଣ୍ଡି, ଏସଆଇ ସୂର୍ଯ୍ୟକାନ୍ତ ମଲ୍ଲିକ ତାଙ୍କ ଦଳବଳ ସହ ବେତନଟୀ ଅବକାରୀ ବିଭାଗ କର୍ମଚାରୀ ସଦଳବଳ ବୈଶିଙ୍ଗା ଥାନା ଅଧୀନସ୍ଥ ଭିତିରଶୋଳ ଓ ଭାଲିଆଡିହା ଜଙ୍ଗଲ ଭିତରେ ଚଢ଼ାଉ କରିଥିଲେ। ସେଠାରେ ସେମାନେ ୮୨୦୦ କେଜି ପୋଚ ଓ ୧୦୧୦ ଲିଟର ଦେଶୀ ରନ୍ଧାମଦ ଭର୍ତ୍ତି ପ୍ଲାଷ୍ଟିକ ଡ୍ରମ ଉଦ୍ଧାର କରିବା ସହ ସେସବୁକୁ ନଷ୍ଟ କରିଥିଲେ। ଡ୍ରମଗୁଡିକ ଜବତ କରି ବିଭାଗୀୟ କାର୍ଯ୍ୟାଳୟକୁ ଅଣାଯାଇଥିବା ଶ୍ରୀ ବେହେରା କହିଛନ୍ତି।



### ଗ୍ୟାସ ଏଜେନ୍ସିରେ ଯୋଗାଣ ବିଭାଗର ଚଢ଼ାଉ

## ୫୩୪ ଗ୍ୟାସ ଟାଙ୍କି ଜବତ

### ଡିପୋରେ ଥିଲା ଅନୁମତିଠାରୁ ଅଧିକ ସିଲିଣ୍ଡର୍




**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଲକ୍ଷ୍ମୀ ଏଣ୍ଟରପ୍ରାଇଜେସ ଗ୍ୟାସ ଏଜେନ୍ସି ଉପରେ ଚଢ଼ାଉ କରାଯାଇଛି। ବିଭିନ୍ନ ଅଭିଯୋଗ ଓ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବରକୁ ଭିତ୍ତିକରି ଖୋର୍ଦ୍ଧା ଯୋଗାଣ ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ରୀୟ ମିଶ୍ରଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ ମାନେ ପ୍ରଥମେ ଆଇଆରସି ଭିଲେଜସ୍ଥିତ ଲକ୍ଷ୍ମୀ ଏଣ୍ଟରପ୍ରାଇଜେସ ଗ୍ୟାସ ଏଜେନ୍ସି କାର୍ଯ୍ୟାଳୟରେ କାଗଜପତ୍ର ଯାଞ୍ଚ କରିଥିଲେ। ଏଥିରେ ତ୍ରୁଟି ପରିଲକ୍ଷିତ ହେବାରୁ ଏମ୍ସ ଭୁବନେଶ୍ୱର ପଛପାଖ ସିଜୁଆଠାରେ ଥିବା ଏହାର ଡିପୋ ଉପରେ ଅଚାନକ ଚଢ଼ାଉ କରିବା ପରେ ଏଠାରେ ଉଭୟ ଘରୋଇ ଓ ବ୍ୟାବସାୟିକ ସିଲିଣ୍ଡର ଅଧିକ ଥିବା ଜଣାପଡିଥିଲା। ଏହାର କ୍ଷମତା ଅନୁମତି ୮ ହଜାର କିଗ୍ରା ଥିବା ବେଳେ ଅଧିକ ୫ ହଜାର କିଗ୍ରା ଓଜନର ସିଲିଣ୍ଡର ଗ୍ୟାସ ଥିବା ଜଣାପଡ଼ିଥିଲା। ଅର୍ଥାତ ଅଧିକ ଥିବା ୫୩୪ଟି ଗ୍ୟାସ ସିଲିଣ୍ଡରକୁ ଜବତ କରାଯାଇଛି। ଏହି ଜବତ ସିଲିଣ୍ଡରକୁ ନିକଟସ୍ଥ ଏଜେନ୍ସି ଜିମା ଦିଆଯାଇଛି। ଏଥିସହ ସବିଶେଷ ତଦନ୍ତ କରି ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବାକୁ ବିପିସିଏଲ ଏରିଆ ସେଲସ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚଢ଼ାଉରେ ବିଏମସି ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ, ଯୋଗାଣ ନିରୀକ୍ଷକ ଦୀପ୍ତିରଞ୍ଜନ ଇନ୍ଦ୍ରସିଂ, ଯୋଗାଣ ନିରୀକ୍ଷକ ଯତୀନ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଚାଲାଣ ବେଳେ ୪୪ କେଜି ଗଞ୍ଜେଇ ଜବତ, ୨ ଗିରଫ

**ସୁବର୍ଣ୍ଣପୁର,୩୦।୮(ସଂଚାର ବ୍ୟୁରୋ):** ଚୋରା ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତକୁ ଗିରଫ ସହ ଏକ ମାରୁତି ସୁଜୁକି ଗାଡି ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ। ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର ପଟାଭାଡି ଛକ ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ସକାଳ ୮.୩୦ମି ପଟା ଭାଡି ଛକରେ ଯାଞ୍ଚ କରିବା ସମୟରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ଏକ ନମ୍ବରବିହୀନ ମାରୁତି ସୁଜୁକି ସନ୍ଦେହରେ ପଟାଭାଡି ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୪୪ କେଜି ଗଞ୍ଜେଇ ମିଳିଥିଲା। ଉକ୍ତ ଗାଡ଼ିରେ ଥିବା ବରଗଡ଼ ଜିଲ୍ଲା ସଦର ଥାନାର ଶିବ ପଣ୍ଡା (୨୭) ଓ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ଥାନା ଅନ୍ତର୍ଗତ କଳାପଥରର ଦୟାମନ୍ତ ବାଗ (୩୭)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଏହି ଗଞ୍ଜେଇକୁ ବୌଦ୍ଧ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଏନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା



(ନଂ.୧୭୪/୨୫) ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ମାରୁତି ସୁଜୁକି ଗାଡି ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

## ଅକ୍ଟୋବର ୪ରୁ ପୁଲିସ ଏସ୍ଆଇ ପରୀକ୍ଷା

**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଆସନ୍ତା ଅକ୍ଟୋବର ୪ରୁ ଆରମ୍ଭ ହେବ ପୁଲିସ୍ ଏସ୍ଆଇ ପରୀକ୍ଷା। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପୂର୍ବରୁ ଏହି ପରୀକ୍ଷା ଦୁଇ ଦୁଇ ଥର ଘୁଞ୍ଚିଥିଲା। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ ଆଜି ଏନେଇ ବିଜ୍ଞପ୍ତି ଜାରି



ହେବା ପରେ ଏହା ସ୍ପଷ୍ଟ ହୋଇଛି। ଏହି ପରୀକ୍ଷା ସକାଶେ ଆସନ୍ତା ସେପ୍ଟେମ୍ବର ୨୦ ପରଠାରୁ ପ୍ରାର୍ଥୀମାନେ ଅନଲାଇନ୍‌ରେ ସେମାନଙ୍କ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। odishapolice.gov.in ସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରାଯାଇପାରିବ। ପୂର୍ବରୁ ସେପ୍ଟେମ୍ବର ୨୧ ଓ ୨୨ ଦୁଇ ଦିନ ଧରି ଏହି ପରୀକ୍ଷା ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଉକ୍ତଦିନ ଓପିଏସ୍‌ସିର ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର୍ ବା ଏଏସଓ ପରୀକ୍ଷା ମଧ୍ୟ ଥିଲା। ତେଣୁ ଗୋଟିଏ ତାରିଖରେ ଦୁଇଟି ପରୀକ୍ଷା ପଡୁଥିବାରୁ କେଉଁଟି ଦେବେ ଓ କେଉଁଟିକୁ ଛାଡ଼ିବେ, ସେନେଇ ଆଶାୟୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।

# ୫ଦିନିଆ ଅପରେସନ୍‌ରେ ବ୍ୟାପକ ମାଓ ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି,୩୦।୮(ସଂଚାର ବ୍ୟୁରୋ):** ଭୁଶୁଡୁଛି ମାଓ ଦୁର୍ଗ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଅବୁଝମାଡ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳିବିନିମୟ। କିଛି ମାଓବାଦୀ ମୃତାହତ ହୋଇଥିବା ସୂଚନା ମିଳିଛି। ଅପରେସନ ବେଳେ ଘଟଣା ସ୍ଥଳରୁ ଶହେରୁ ଅଧିକ ଅତ୍ୟାଧୁନିକ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ




ହୋଇଛି। ଏଲ୍ଏମ୍‌ଜି, ଏକେ-୪୭ ରାଇଫଲ୍, ଇନ୍‌ସାସ୍, ଏସ୍‌ଏଲ୍‌ଆର୍, ଷ୍ଟେନ୍ ଗନ୍ ସହ ବିଜିଏଲ୍ ସେଲ୍, ଡେଟୋନେଟର, କାର୍ଡେକ୍ସ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ୩ ଶହରୁ ଅଧିକ ସାମଗ୍ରୀ ଜବତ ହୋଇଛି।

ଏଥିସହ ଡିଆର୍‌ଜି, ଏସ୍‌ଟିଏଫ୍ ଓ ଆଇଟିବିପି ଯବାନଙ୍କ ମିଳିତ ଅପରେସନ ବେଳେ ଏହି ସଫଳତା ମିଳିଛି। ଲଗାତାର ୫ ଦିନ ଧରି ଜାରି ରହିଥିଲା ମାଓ ଦମନ ଅପରେସନ। ଅନ୍ୟପଟେ ଘଞ୍ଚ ଜଙ୍ଗଲ, ନଦୀ ଏବଂ ଝରଣାର ସୁଯୋଗ ନେଇ କିଛି ମାଓବାଦୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଅବୁଝମାଡ ଜଙ୍ଗଲରେ ପ୍ରବଳ ବର୍ଷା ସତ୍ତ୍ୱେ ସୁରକ୍ଷା ବାହିନୀ ଲଗାତାର ୫ ଦିନ ଧରି ଅପରେସନ୍ ଚଳାଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଗିଗା ଏନର୍ଜି କମ୍ପ୍ଲେକ୍ସ ଟେସଲାର ଗିଗାଫ୍ୟାକ୍ଟ୍ରିଠାରୁ ୪ ଗୁଣ ବଡ଼



ମୁମ୍ବାଇ, ୩୦।୮: ଗୁଜୁରାଟର ଜାମନଗରରେ ନିର୍ମିତ ଧୀରୁଭାଇ ଅମ୍ବାନୀ ଗିଗା ଏନର୍ଜି କମ୍ପ୍ଲେକ୍ସ ଟେସଲାର ଗିଗାଫ୍ୟାକ୍ଟ୍ରି ଅପେକ୍ଷା ଚାରି ଗୁଣ ବଡ଼। ୪୪ ଲକ୍ଷ ବର୍ଗଫୁଟ ପରିବ୍ୟାପ୍ତ ଏହି ଗିଗା ଏନର୍ଜି କମ୍ପ୍ଲେକ୍ସର କାମ ରେକର୍ଡ ଗତିରେ ଚାଲିଛି । ଏ ପର୍ଯ୍ୟନ୍ତ ଏହାକୁ ନିର୍ମାଣ କରିବା ପାଇଁ ୩୪ ଲକ୍ଷ ଘନ ମିଟର କଂକ୍ରିଟ୍ ବ୍ୟବହାର କରାଯାଇଛି। ଏଥିରେ ୭ ଲକ୍ଷ ଟନ୍ ଇସ୍ପାତ ବ୍ୟବହାର କରାଯାଇଛି, ଯାହା ପ୍ରାୟ ୧୦୦ଟି ଆଇଫେଲ୍ ଟାୱାର ନିର୍ମାଣ କରିପାରିବ। ଏକ ଲକ୍ଷ କିଲୋମିଟର କେବୁଲ୍ ବିଛାଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୮ତମ ବାର୍ଷିକ ସାଧାରଣ ବୈଠକରେ ପ୍ରଥମ ଥର ପାଇଁ ସେୟାରଧାରୀମାନଙ୍କୁ ସମ୍ବୋଧିତ କରି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ଏହି ସୂଚନା ଦେଇଛନ୍ତି।

ନୂତନ ଶକ୍ତି ପ୍ରକଳ୍ପ ବିଷୟରେ ଅନନ୍ତ ଅମ୍ବାନୀ କହିଛନ୍ତି, "ନିର୍ମାଣ ହେବା ପରେ, ଜାମନଗର କମ୍ପ୍ଲେକ୍ସ ବିଶ୍ୱର ସର୍ବବୃହତ ପାରମ୍ପରିକ ଶକ୍ତି କମ୍ପ୍ଲେକ୍ସ ତଥା ବିଶ୍ୱର ସର୍ବବୃହତ ନୂତନ ଶକ୍ତି କମ୍ପ୍ଲେକ୍ସ ହେବ। ଜାମନଗର ନୂତନ ରିଲାଏନ୍ସ ଏବଂ ନୂତନ ଭାରତକୁ ପରିପ୍ରକାଶ କରିବ। ଗୁଜୁରାଟର କଚ୍ଛରେ, ଆମେ ଗୋଟିଏ ସ୍ଥାନରେ ବିଶ୍ୱର ସର୍ବବୃହତ ସୌର ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଗୋଟିଏ ବିକଶିତ କରୁଛୁ, ଯାହା ୫,୫୦,୦୦୦ ଏକର ଶୁଷ୍କ ଟାଙ୍ଗରା ଜମିରେ ପରିବ୍ୟାପ୍ତ - ଯାହା ସିଙ୍ଗାପୁରର ଆକାରର ତିନି ଗୁଣ। ଏହା ଆଗାମୀ ଦଶନ୍ଧିରେ ଭାରତର ବିଦ୍ୟୁତ୍ ଆବଶ୍ୟକତାର ପ୍ରାୟ ୧୦ ପ୍ରତିଶତ ପୂରଣ କରିପାରିବ।" ସେ ଆହୁରି ମଧ କହିଛନ୍ତି, "ଆମେ ଦ୍ରୁତ ଗତିରେ ବିସ୍ତାର କରୁଛୁ। ଆଗାମୀ କିଛି ତ୍ରୈମାସିକରେ, ଆମେ ସମନ୍ୱିତ ସୌର ପିଭି ଉତ୍ପାଦନ କ୍ଷମତାକୁ ପ୍ରତିବର୍ଷ ୧୦ ଗିଗାୱାଟକୁ ବୃଦ୍ଧି କରିବୁ। ତା'ପରେ, ଆମେ ଏହାକୁ ପ୍ରତିବର୍ଷ ୨୦ ଗିଗାୱାଟ ଯାଏଁ ପରିବର୍ଦ୍ଧିତ କରିବୁ। ଏହା ବିଶ୍ୱର ସର୍ବବୃହତ ସୌର ଉତ୍ପାଦନ ବ୍ୟବସ୍ଥା ହେବ । ଏହା ସହିତ, ଆମେ ଦ୍ରୁତ ଗତିରେ ଆମର ବ୍ୟାଟେରୀ ଏବଂ ଇଲେକ୍ଟ୍ରୋଲାଇଜର ଗିଗା କାରଖାନା ନିର୍ମାଣ କରୁଛୁ । ଆମର ବ୍ୟାଟେରୀ ଗିଗା କାରଖାନା ୨୦୨୬ ରେ କାର୍ଯ୍ୟକ୍ଷମ ହେବ। ଏହା ପ୍ରତିବର୍ଷ ୪୦ ଗିଗାୱାଟ କ୍ଷମତା ସହିତ ଆରମ୍ଭ ହେବ ଏବଂ ପରେ ପ୍ରତିବର୍ଷ ୧୦୦ ଗିଗାୱାଟ ଯାଏଁ ବୃଦ୍ଧି ପାଇବ। ଇଲେକ୍ଟ୍ରୋଲାଇଜର ଗିଗା କାରଖାନା ମଧ ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ।"

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୪,୯୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୬,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୪,୯୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୬, ୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୪,୯୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୬ ହଜାର ୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୫,୧୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୬, ୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୪,୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୬ ହଜାର ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୪,୯୫୦ ଓ ୯୬ ହଜାର ୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୧,୯୦୦ ଟଙ୍କା ହୋଇଛି।

# ମୁମ୍ବାଇରେ ନିର୍ମାଣ ହେବ ୨୦୦୦ ଶଯ୍ୟା ବିଶିଷ୍ଟ 'ଫ୍ୟୁଚର ହସ୍ପିଟାଲ'

### ନୀତା ଅମ୍ବାନୀଙ୍କ ବଡ଼ ଖୁଲାସା

### ଏଆଇ ଦ୍ୱାରା ଚିହ୍ନଟ ହେବ ରୋଗ



ନୂଆଦିଲ୍ଲୀ ୩୦।୮: ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ଖୁବ୍‌ଶୀଘ୍ର ଏକ 'ଫ୍ୟୁଚର ହସ୍ପିଟାଲ'ର ସାକ୍ଷୀ ହେବ। ଯାହା ସ୍ୱାସ୍ଥ୍ୟ ସେବାର ବଦଳାଇ ଦେବ ଚିତ୍ର। ରିଲାଏନ୍ସ ଫାଉଣ୍ଡେସନ୍ ଅଧ୍ୟକ୍ଷା ନୀତା ଅମ୍ବାନୀ ଶୁକ୍ରବାର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବାର୍ଷିକ ସାଧାରଣ ସଭାରେ ଏନେଇ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ମୁମ୍ବାଇରେ ଏକ ୨୦୦୦ ଶଯ୍ୟା ବିଶିଷ୍ଟ ଆଡଭାନ୍ସଡ୍ ମେଡିକାଲ୍ ସିଟି ନିର୍ମାଣ କରାଯାଉଛି। ବିଶେଷ କଥା ହେଉଛି ଏହା କେବଳ ଏକ ହସ୍ପିଟାଲ୍ ହେବ ନାହିଁ ବରଂ ଏଠାରେ ଏଆଇ ଏବଂ ଆଧୁନିକ ଚିକିତ୍ସା ଟେକନିକ୍ ସହିତ ସଜ୍ଜିତ ଡାଇଗ୍ନୋଷ୍ଟିକ୍ ସିଷ୍ଟମ୍ ବ୍ୟବହାର କରାଯିବ। ନୀତା ଅମ୍ବାନୀ କହିଛନ୍ତି ଯେ ଫାଉଣ୍ଡେସନ୍‌ର ଗ୍ରାମୀଣ ବିକାଶ ପଦକ୍ଷେପଗୁଡ଼ିକ ଚଳିତବର୍ଷ ୫୫ହଜାରରୁ ଅଧିକ ଗାଁରେ ୧୫ ଲକ୍ଷ ଲୋକଙ୍କ ଜୀବନକୁ ଉନ୍ନତ କରିଛି। ନୀତା ଅମ୍ବାନୀ କହିଛନ୍ତି ଯେ ଗ୍ରାମୀଣ ବିକାଶ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ରିଲାଏନ୍ସ ଫାଉଣ୍ଡେସନ୍‌ର ପଦକ୍ଷେପ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିଛି। ସେ କହିଥିଲେ, "ଏହା କେବଳ ଏକ ହସ୍ପିଟାଲ ହେବ ନାହିଁ, ବରଂ ଭାରତରେ ସ୍ୱାସ୍ଥ୍ୟସେବା ନବସୃଜନର ଏକ ନୂତନ କେନ୍ଦ୍ର ହେବ। ଏଠାରେ ଏଆଇ ସାହାଯ୍ୟରେ ରୋଗ ଚିହ୍ନଟ କରାଯିବ। ଉନ୍ନତ ଚିକିତ୍ସା ଟେକ୍ନୋଲୋଜି, ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ଡାକ୍ତରମାନେ ଏଠାରେ ଚିକିତ୍ସାର ଉଚ୍ଚ ମାନଦଣ୍ଡ ପୂରଣ କରିବେ।" ସେ ଆହୁରି କହିଥିଲେ ଯେ ଏଠାରେ ଏକ ମେଡିକାଲ କଲେଜ ମଧ୍ୟ ନିର୍ମାଣ କରାଯିବ ଯାହା ଦ୍ୱାରା ଭବିଷ୍ୟତର ଡାକ୍ତରମାନେ ପ୍ରସ୍ତୁତ ହୋଇପାରିବେ।ମୁମ୍ବାଇର ସାର୍ ଏଚଏନ ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲ ୩୩ ଲକ୍ଷ ରୋଗୀଙ୍କୁ ଚିକିତ୍ସା କରିଛି ଏବଂ ଏହାକୁ ଭାରତର ଅଗ୍ରଣୀ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲର ମାନ୍ୟତା ଦିଆଯାଇଛି। ହସ୍ପିଟାଲ ଏବେ ଏହାର କାର୍ଯ୍ୟକୁ ବିସ୍ତାର କରୁଛି ଏବଂ ଜୀବନ ନାମକ ଏକ ନୂତନ ଶାଖା ଆରମ୍ଭ କରୁଛି।



# ରିଲାଏନ୍ସ ଗଢ଼ିଲା ଏଆଇ କମ୍ପାନି

ମୁମ୍ବାଇ, ୩୦।୮: ସାରା ବିଶ୍ୱରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ବେଳେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେହି ଦୌଡ଼ରେ ସାମିଲ ହୋଇଛି। ଏହା ନୂଆ ଏଆଇ କମ୍ପାନି 'ରିଲାଏନ୍ସ ଇଣ୍ଟେଲିଜେନ୍ସ' ଗଠନ କରିଥିବା ନେଇ କମ୍ପାନି ମୁଖ୍ୟ ମୁକେଶ ଅମ୍ବାନୀ କହିଛନ୍ତି। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗୁଜରାଟର ଜାମନଗରରେ ଗିଗାୱାଟ୍ ଭଳି ବ୍ୟାପକ ଓ ଏଆଇ ଆଧାରିତ ଡାଟା ସେଣ୍ଟର ନିର୍ମାଣ କରିବ ଯାହା ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ। କମ୍ପାନି ମେଟା ଏବଂ ଗୁଗଲ୍ ସହିତ ମଧ୍ୟ ସହଭାଗିତା କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ବାର୍ଷିକ ସାଧାରଣ ବୈଠକକୁ ମେଟା ପ୍ରତିଷ୍ଠାତା ମାର୍କ ଜକରବର୍ଗ ଏବଂ ଆଲ୍‌ଫାବେଟ୍ ସିଇଓ ସୁନ୍ଦର ପିଚାଇ ସମ୍ବୋଧିତ କରିଥିଲେ। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗ୍ରାହକ, ଛୋଟ ବ୍ୟବସାୟ ଏବଂ ଉଦ୍ୟୋଗଗୁଡିକ ପାଇଁ ବିଶ୍ୱସ୍ତ, ବ୍ୟବହାର କରିବାକୁ ସହଜ ଏଆଇ ସେବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ କୃଷି ଭଳି ଜାତୀୟ ଗୁରୁତ୍ୱ ବହନ କରୁଥିବା କ୍ଷେତ୍ର ପାଇଁ ସହଜଲବ୍ଧ ସମାଧାନ ପ୍ରଦାନ କରିବ ବୋଲି ଅମ୍ବାନୀ କହିଛନ୍ତି। ଏହି ଅବସରରେ ଶ୍ରୀ ଅମ୍ବାନୀ କହିଛନ୍ତି ଯେ ଜିଓର ଗ୍ରାହକ ସଂଖ୍ୟା ୫୦ କୋଟିରୁ ଅଧିକ ହୋଇଛି। ଜିଓ ୫ଜି ବ୍ୟବହାରକାରୀଙ୍କ ସଂଖ୍ୟା ୨୨ କୋଟିରୁ ଅଧିକ। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ଜିଓର ଆଇପିଓ ଆସିବ ବୋଲି ସେ ସୂଚନା ଦେଇଛନ୍ତି।

### ଆମେରିକା ସଂସ୍ଥା ଜେଫ୍ରିଜ୍‌ର ରିପୋର୍ଟ

# ବ୍ୟକ୍ତିଗତ ଅସନ୍ତୋଷ ପାଇଁ ଭାରତ ଉପରେ ଉଚ୍ଚା ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ



ନୂଆଦିଲ୍ଲୀ, ୩୦।୮: ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ନିଜ ଦେଶରେ ହିଁ ସରବ୍ୟର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆମେରକାର ନେତା, ଗଣମାଧ୍ୟମ ଓ ବିଶେଷଜ୍ଞମାନେ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ଭାରତ ଉପରେ ବ୍ୟକ୍ତିଗତ ରାଗ ରଖି ଟ୍ରମ୍ପ ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଆମେରିକା ଆର୍ଥିକ ସେବା ପ୍ରଦାନକାରୀ କମ୍ପାନୀ ଜେଫ୍ରିଜ୍ କହିଛି। ଟ୍ରମ୍ପଙ୍କର ବ୍ୟକ୍ତିଗତ ରାଗ ପଛରେ କାରଣ ଜାଣିଲେ ଆପଣ ବି ଆଶ୍ଚର୍ଯ୍ୟ ହେବେ। ଭାରତ-ପାକିସ୍ତାନ ଯୁଦ୍ଧରେ ଟ୍ରମ୍ପଙ୍କ ମଧ୍ୟସ୍ଥତାକୁ ଭାରତ ବାରମ୍ବାର ଅସ୍ୱୀକାର କରିବା ହିଁ ଟ୍ରମ୍ପଙ୍କ ରାଗର ମୂଳକାରଣ। ଯୁଦ୍ଧରେ ଟ୍ରମ୍ପଙ୍କୁ ମଧ୍ୟସ୍ଥତା କରିବାକୁ ଅନୁମତି ନ ଦେବାରୁ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରିପାରୁ ନାହାନ୍ତି। ଯୁଦ୍ଧ ରୋକିବାରେ ଟ୍ରମ୍ପଙ୍କର ଭୂମିକାକୁ ଭାରତ ବାରମ୍ବାର ଅସ୍ୱୀକାର କରୁଛି। ଯାହା ଟ୍ରମ୍ପ ପୁରସ୍କାର ବାଟରେ ବାଧକ ସାଜୁଛି। ଆଉ ଏହି ରାଗରୁ ଟ୍ରମ୍ପ ଭାରତ ଉପରେ ସର୍ବାଧିକ ଶୁଳ୍କ ଲଗାଇଛନ୍ତି ବୋଲି ଆମେରିକା ଫାଇନାନ୍ସ କମ୍ପାନୀ ଜେଫ୍ରିଜ୍ କହିଛି। ରିପୋର୍ଟରେ କୁହାଯାଇଛି " ଆମେରିକା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏହି ଉଚ୍ଚା ଟାରିଫର କାରଣ। ପାକିସ୍ତାନ ଯୁଦ୍ଧରେ ଟ୍ରମ୍ପଙ୍କ ମଧ୍ୟସ୍ଥତାକୁ ଅସ୍ୱୀକାର କରିବାରୁ ବ୍ୟକ୍ତିଗତ ରାଗ ରଖି ଟ୍ରମ୍ପ ଏହି ଉଚ୍ଚା ଶୁଳ୍କ ଲଗାଇଛନ୍ତି।"

ସୂଚନା ଥାଉକି ଆମେରିକା ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ପୂର୍ବରୁ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲା। ଅଗଷ୍ଟ ୨୭ ତାରିଖରୁ ଆଉ ୨୫ ପ୍ରତିଶତ ଲାଗୁ ହୋଇଛି। ଫଳରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଛି ଆମେରକା। ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଭାରତ ସବୁବେଳେ ବିରୋଧ କରି ଆସିଛି। ବିଶେଷକରି କାଶ୍ମୀରକୁ ନେଇ ପାକିସ୍ତାନ ସହ ଥିବା ଦୀର୍ଘଦିନର ବିବାଦରେ ମଧ୍ୟସ୍ଥତାକୁ ଭାରତ ଅସ୍ୱୀକାର କରୁଛି। ଭାରତର ସ୍ଥିତି ବିଷୟରେ ଭଲ ଭାବରେ ଅବଗତ ଥିବା ସତ୍ତ୍ୱେ, ରାଜନୈତିକ ନାଟକର ମାହିର ଟ୍ରମ୍ପ୍ ଗର୍ବ କରି କହିଥିଲେ ଯେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ "ପରମାଣୁ ଯୁଦ୍ଧ"କୁ ରୋକିଛନ୍ତି। ଟ୍ରେଡ୍ ଭୟ ଦେଖାଇ ସେ ଯୁଦ୍ଧ ବନ୍ଦ କରିଦେଇଛନ୍ତି ବୋଲି ଟ୍ରମ୍ପ ଦାବି କରି ଆସୁଥିବା ବେଳେ ଭାରତ ଟ୍ରମ୍ପଙ୍କ ଦାବିକୁ ସବୁବେଳେ ଅସ୍ୱୀକାର କରି ଆସୁଛି। ଏହା ପୂର୍ବରୁ ବର୍ଷେ ତଳେ ଟ୍ରମ୍ପ କାଶ୍ମୀର ସମସ୍ୟାରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ। ଭାରତ ସେତେବେଳେ ବି ମନା କରିଥିଲା। ଆମେରିକା ସଂସ୍ଥା ରିପୋର୍ଟରେ କହିଛି ଯେ ଟ୍ରମ୍ପଙ୍କ ଶୁଳ୍କ ଯୋଗୁ ଭାରତ ବଡ଼ ଆକାରରେ ଆର୍ଥିକ ମୂଲ୍ୟ ଦେବାର ଆଶଙ୍କା ଥିବା ସତ୍ତ୍ୱେ ବି ତୃତୀୟ ପକ୍ଷ ମଧ୍ୟସ୍ଥତାର ନିଜର ସୀମା ରେଖା ବଜାଇ ରଖିଛି। ଯାହା ଟ୍ରମ୍ପଙ୍କ ଆହଂକାରକୁ ଆଘାତ ଦେଇଥିଲା। ଫଳରେ ସେ ନୋବେଲ ପାଇଁ ଦାବି କରିପାରୁ ନାହାନ୍ତି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



### କେନ୍ଦ୍ର ସରକାରଙ୍କ ନୂଆ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ

# ମଲ୍-ରିଟେଲ ଷ୍ଟୋରରେ ମୋବାଇଲ ନମ୍ବର ମାଗିବା ମନା

ନୂଆଦିଲ୍ଲୀ,୩୦।୮: ଭାରତ ସରକାର ଏକ ନୂଆ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ଲାଗୁ କରିବାକୁ ଯାଉଛନ୍ତି, ଯାହା ଗ୍ରାହକଙ୍କ ମୋବାଇଲ ନମ୍ବର ଓ ବ୍ୟକ୍ତିଗତ ଡାଟାର ସୁରକ୍ଷାକୁ ପ୍ରାଥମିକତା ଦେଇ ପ୍ରସ୍ତୁତ କରାଯାଇଛି। ଏହି ଆଇନ ଅନୁଯାୟୀ, ଦୋକାନ, ମଲ ଏବଂ ରିଟେଲ ଷ୍ଟୋର ଗୁଡ଼ିକରେ ଗ୍ରାହକଙ୍କଠାରୁ ମୋବାଇଲ ନମ୍ବର ମାଗିବା ବେଆଇନ ଗଣାଯିବ।

ଏଯାଏ ଅନେକ ରିଟେଲ କମ୍ପାନୀ ଲକ୍ଷ ଲକ୍ଷ ଗ୍ରାହକଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ମହଙ୍ଗା ଦାମରେ ବିକ୍ରି କରୁଥିଲେ। କିନ୍ତୁ ନୂଆ ଆଇନ ଏହି ପ୍ରଥା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବ। ଏବେ କୌଣସି ଗ୍ରାହକଙ୍କ ଡାଟା ତାଙ୍କର ସ୍ପଷ୍ଟ ଅନୁମତି ବିନା ନିଆଯାଇ ପାରିବ ନାହିଁ କି ବିକ୍ରି କରାଯାଇ ପାରିବ। ଟାଇମ୍ସ ଅଫ ଇଣ୍ଡିଆର ରିପୋର୍ଟ ଅନୁସାରେ, ଏହି ଆଇନ କମ୍ପାନୀଗୁଡ଼ିକୁ ଗ୍ରାହକଙ୍କ ମୋବାଇଲ ନମ୍ବର ଭଳି ତଥ୍ୟ କିପରି ସଂଗ୍ରହ ଓ ବ୍ୟବହାର କରାଯାଉଛି, ତାହା ଉପରେ ପୁନର୍ବିଚାର କରିବାକୁ ବାଧ୍ୟ କରିବ। ଏହା ଲୟାଲଟି ପ୍ରୋଗ୍ରାମ ପାଇଁ ବ୍ୟବହୃତ ପରିଚୟ ପ୍ରଣାଳୀରେ ପରିବର୍ତ୍ତନ ଆଣିବ। ଏବେ ଦୋକାନୀମାନେ ଗ୍ରାହକଙ୍କଠାରୁ ମୌଖିକ ଭାବେ ମୋବାଇଲ ନମ୍ବର ମାଗିବା ବଦଳରେ କି-ପ୍ୟାଡ ଏଣ୍ଟ୍ରି କିମ୍ବା ଅନ୍ୟାନ୍ୟ ବିକଳ୍ପ ମାଧ୍ୟମରେ ଡାଟା ସଂଗ୍ରହ କରିବେ, ଯାହା ଗୋପନୀୟତା ବଜାୟ ରଖିବ। ଏହା ସହିତ ଗ୍ରାହକଙ୍କୁ ସ୍ପଷ୍ଟ ଭାବେ ଜଣାଇବାକୁ ହେବ ଯେ ତାଙ୍କ ଡାଟା କାହିଁକି ନିଆଯାଉଛି, କେତେ ସମୟ ପର୍ଯ୍ୟନ୍ତ ରଖାଯିବ ଏବଂ କେବେ ଏହା ହଟାଇ ଦିଆଯିବ। ନୂଆ ଆଇନ ଅନୁସାରେ, ଗ୍ରାହକଙ୍କଠାରୁ ଡାଟା ନେବା ପାଇଁ ସ୍ପଷ୍ଟ ଓ ସିଧାସଳଖ ଅନୁମତି ଆବଶ୍ୟକ ହେବ। ଏଯାଏ ପ୍ରଚଳିତ ଅପ୍ରତ୍ୟକ୍ଷ ଅନୁମତିର ବୈଧତା ବନ୍ଦ କରାଯିବ। ଯଦି ଗ୍ରାହକ ମୋବାଇଲ ନମ୍ବର ଦେବାକୁ ମନା କରନ୍ତି, ତେବେ ରିଟେଲର ସେବା ପ୍ରଦାନ କରିବାକୁ ଅସ୍ୱୀକାର କରିପାରିବେ ନାହିଁ। ଏବେ ଦୋକାନଗୁଡ଼ିକୁ ଫିଜିକାଲ ରସିଦ କିମ୍ବା ଇମେଲ ରସିଦ ଭଳି ସୁବିଧା ପ୍ରଦାନ କରିବାକୁ ହେବ। ଏହି ଆଇନ କେବଳ ଦୋକାନଗୁଡ଼ିକ ପାଇଁ ସୀମିତ ନୁହେଁ। ଭିଜିଟର ମ୍ୟାନେଜମେଣ୍ଟ ସିଷ୍ଟମ, ହାଉସିଂ ସୋସାଇଟି ଏବଂ ଅନ୍ୟାନ୍ୟ ସ୍ଥାନ ଯେଉଁଠି ଫୋନ ନମ୍ବର ସଂଗୃହୀତ ହୁଏ, ସେମାନଙ୍କୁ ମଧ୍ୟ ସ୍ପଷ୍ଟ ଭାବେ ଜଣାଇବାକୁ ହେବ ଯେ ଡାଟା କାହିଁକି ନିଆଯାଉଛି ଏବଂ କିପରି ସୁରକ୍ଷିତ ରଖାଯିବ। ନୂଆ ନିୟମ ଅନୁସାରେ, ମୋବାଇଲ ନମ୍ବର ଭଳି ବ୍ୟକ୍ତିଗତ ଡାଟା କେବଳ ସେହି ଉଦ୍ଦେଶ୍ୟ ପାଇଁ ରଖାଯାଇ ପାରିବ, ଯେଉଁଥିପାଇଁ ଏହା ନିଆଯାଇଥିଲା।



ଅଧିକତମ ତିନି ବର୍ଷ ପରେ କିମ୍ବା ଗ୍ରାହକଙ୍କ ଅନୁମତି ପ୍ରତ୍ୟାହାର କଲେ, ଏହି ଡାଟା ବାଧ୍ୟତାମୂଳକ ଭାବେ ହଟାଇ ଦିଆଯିବ। ବିଶେଷଜ୍ଞଙ୍କ ମତରେ, ଏହି ଆଇନ ଭାରତକୁ ଜିଡିପିଆର ଭଳି ବିଶ୍ୱସ୍ତରୀୟ ଡାଟା ସୁରକ୍ଷା ମାନକ ନିକଟତର କରିବ। ଏବେ କମ୍ପାନୀଗୁଡ଼ିକୁ ଜବାବଦେବାକୁ ହେବ ଯେ ସେମାନେ ଗ୍ରାହକଙ୍କ ଡାଟା କେବଳ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ନେଉଛନ୍ତି ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହଟାଇ ଦେଉଛନ୍ତି।

ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ, ୨୦୨୩ ଓ ଏହା ଅଧୀନରେ ପ୍ରସ୍ତୁତ ଡ୍ରାଫ୍ଟ ନିୟମ ୨୦୨୫ ଅନୁସାରେ, ଅଗଷ୍ଟ ୨୦୨୫ରୁ ଏହି ଆଇନ ଲାଗୁ ହେବ। ଗ୍ରାହକଙ୍କ ଅନୁମତି ଓ ଗୋପନୀୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ, ଏହି ପଦକ୍ଷେପ ଡାଟା ସୁରକ୍ଷା ଦିଗରେ ଭାରତର ଏକ ବଡ଼ ଓ ଦୃଢ଼ ପ୍ରୟାସ ଭାବେ ଗଣାଯାଉଛି।

# ଡଲାର ତୁଳନାରେ ଟଙ୍କା ପ୍ରଥମ ଥର ୮୮ ଉପରେ

ମୁମ୍ବାଇ, ୩୦।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ୫୦% ଶୁଳ୍କ ପ୍ରଭାବରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ପ୍ରଥମ ଥର ୮୮ ଟଙ୍କା ସ୍ତର ଅତିକ୍ରମ କରିଛି। ଅର୍ଥାତ୍ ଗୋଟିଏ ଡଲାର କିଣିବା ଲାଗି ଭାରତୀୟ ମୁଦ୍ରାରେ ୮୮ ଟଙ୍କାରୁ ଅଧିକ ଗଣିବାକୁ ପଡୁଛି। ଏହା ଆମଦାନୀକାରୀ ଏବଂ ବିଦେଶକୁ ଭ୍ରମଣରେ ଯାଉଥିବା ତଥା ବିଦେଶରେ ନିଜ ପିଲାମାନଙ୍କୁ ପାଠ ପଢ଼ାଉଥିବା ଲୋକମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଯେହେତୁ ଭାରତ ଅଶୋଧିତ ତୈଳ, ଖାଇବା ତେଲ ସମେତ ବିଭିନ୍ନ ଜିନିଷ ବିପୁଳ ମାତ୍ରାରେ ଆମଦାନୀ କରୁଛି, ଟଙ୍କାର ଦୁର୍ବଳ ସ୍ଥିତି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଏବଂ ଦେଶରେ ଦରଦାମ୍ ସ୍ଥିତି ପ୍ରତି ବିପଦ ସୃଷ୍ଟି କରିଛି। ଟଙ୍କା ମୂଲ୍ୟ ହ୍ରାସର ମୁକାବିଲା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ରିଜର୍ଭ ବ୍ୟାଙ୍କ ଡଲାର ବିକିବା ପରେ ସ୍ଥିତିରେ ସାମାନ୍ୟ ସୁଧାର ହୋଇଛି। କାରବାର ଶେଷ ବେଳକୁ ତାହା ୮୭ ଟଙ୍କା ୯୬ ପଇସା ସ୍ତରରେ ରହିଥିଲା। ଶେଷ ଥର ପାଇଁ ଗତ ଫେବ୍ରୁଆରିରେ ଟଙ୍କା ମୂଲ୍ୟକୁ ୮୭.୯୫ ଟଙ୍କା ସ୍ତରରେ ଦେଖିବାକୁ ମିଳିଥିଲା। ଚଳିତବର୍ଷ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୩ ପ୍ରତିଶତ ହ୍ରାସ ପାଇଛି। ଏସିଆରେ ଏହାର ପ୍ରଦର୍ଶନ ସବୁଠୁ ଦୁର୍ବଳ ରହିଛି। ଭାରତୀୟ ଟଙ୍କା ଦାମ ତଳକୁ ଖସୁଥିବା ବେଳେ ଆମେରିକାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ ଭାରତକୁ ତାଚ୍ଛଲ୍ୟ କରିଛନ୍ତି। ଟଙ୍କା କେବେ ବି ଡଲାର ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ ବୋଲି ସେ କହିଛନ୍ତି।



# ଏଚ୍‌ସିଏଲ୍‌ଟେକ୍‌ର ଟେକ୍‌ବି କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୦।୮: ଅଗ୍ରଣୀ ଆଇଟି କମ୍ପାନି ଏଚ୍‌ସିଏଲ୍‌ଟେକ୍ ପକ୍ଷରୁ ରାଜ୍ୟରେ ଟେକ୍‌ବି କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହା ହେଉଛି ଏକ କ୍ୟାରିୟର ପ୍ରୋଗ୍ରାମ ଯେଉଁଥିରେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖି ଯୁକ୍ତ ଦୁଇ ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଯୁକ୍ତି ଦୁନିଆରେ ଚାକିରି ଆରମ୍ଭ କରିବାର ସୁଯୋଗ ପ୍ରଦାନ କରାଯାଉଛି। ଏକ ପ୍ରତିଯୋଗିତାମୂଳକ ପରୀକ୍ଷା ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରି ସେମାନଙ୍କୁ ଏକ ବର୍ଷ ତାଲିମ ପ୍ରଦାନ କରାଯାଉଛି। ଏହାପରେ ଏଚ୍‌ସିଏଲ୍‌ଟେକ୍‌ରେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯାଉଛି ବୋଲି କମ୍ପାନିର ବରିଷ୍ଠ ଉପସଭାପତି ସୁବାରମଣ ବି କହିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବା ଲାଗି କମ୍ପାନି ପକ୍ଷରୁ ବିଟ୍‌ସ ପିଲାନି, ଆଇଆଇଟି ଗୌହାଟୀ, ଶସ୍ତ୍ର ବିଶ୍ୱବିଦ୍ୟାଳୟ, ଆମିଟି ବିଶ୍ୱବିଦ୍ୟାଳୟ, ଆଇଆଇଆଇଟି କୋଟୟାମ ଓ ଆଇଆଇଏମ ସିରମୁର ସହ ସହଯୋଗିତା କରାଯାଇଛି।

# ଅଁଳାଠାରେ ବ୍ଲକ୍ ପ୍ରତିଷ୍ଠା ନିମନ୍ତେ ଦାବି

**ବୈଶିଙ୍ଗା,୩୦।୮ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବ୍ଲକ୍ ପୁର୍ନଗଠନ ପାଇଁ ବିଜ୍ଞପ୍ତି ଜାରି କରିଥିବାବେଳେ ବେତନଟୀ ବ୍ଲକ୍‌କୁ ବିଭାଜନ କରି ଅଁଳାଠାରେ ଏକ ନୂତନ ବ୍ଲକ୍ ପ୍ରତିଷ୍ଠା ନିମନ୍ତେ ପଞ୍ଚାୟତ ରାଜ ପ୍ରତିନିଧି ସଦସ୍ୟ ଗଣଙ୍କ ସମେତ ସର୍ବସାଧାରଣରେ ଦାବି ହେଇଛି ।

ଏଥିନିମନ୍ତେ ବେତନଟୀ ବ୍ଲକ୍‌ର ୨୪ ଗୋଟି ପଞ୍ଚାୟତ ମଧ୍ୟରୁ ଦୁଇଗୋଟି ପଞ୍ଚାୟତ ଯଥା-ବେତନଟୀ ଓ ସଠିଲୋ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଭୁକ୍ତ ହୋଇଥିବାରୁ ଅନ୍ୟ ୨୨ଗୋଟି ପଞ୍ଚାୟତ ମଧ୍ୟରୁ ବେତନଟୀ ବ୍ଲକ୍‌ର ଅଁଳା, ଚାଞ୍ଚିପଦା, ସଇତପୁର, ରଘୁପୁର, ଆମ୍ବଗଡ଼ିଆ ଓ ମେର୍ଦା ପଚାୟତ ସମେତ ରାସଗୋବିନ୍ଦପୁର ବ୍ଲକ୍‌ର ତୋଟାପଡ଼ା, ରାଘବପୁର,ବଡାମପୁର ଓ ଛାତନା ଗ୍ରାମ ପଞ୍ଚାୟତ ସର୍ବମୋଟ ଦଶଗୋଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ୍ ପ୍ରତିଷ୍ଠା ନିମନ୍ତେ ଉଭୟ ବ୍ଲକ୍ ର ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ, ୱାର୍ଡ଼ ସଭ୍ୟ ଓ ବୁଦ୍ଧିଜୀବୀ ସମେତ ସାଧାରଣ ବର୍ଗ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ, ସଂସଦ , ବିଧାୟକ, ବିଭାଗୀୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରିଅଛନ୍ତି ।

# ଗାଁରେ ପହଞ୍ଚିଲା ଆର୍‌ପିଏଫ୍ ଗାଡି ଚାଳକଙ୍କ ମୃତଦେହ



**କଳାହାଣ୍ଡି,୩୦।୮ (ସଂଚାର ବ୍ୟୁରୋ):** କର୍ମସ୍ଥଳ ଟିଟିଲାଗଡ଼ ରେଳବାଇ ପୁଲିସ କାର୍ଯ୍ୟାଳୟ । ନୂଆଁଖାଇ ପାଇଁ ଗାଁକୁ ଯାଇ କର୍ମ କ୍ଷେତ୍ରକୁ ଫେରୁଥିବା ବେଳେ ଟିଟିଲାଗଡ଼ ଠାରୁ ମାତ୍ର କିଛି କିଲୋମିଟର ଦୂରରେ ଥିବା ଜଗୁଆରେ ଦୁର୍ଘଟଣା ଘଟିଥିଲା । ଜମି ଭିତରେ ପଡ଼ି କଲମପୁର ଥାନା କୋଟାଗାଁର ଯୁବକ ଭକ୍ତରାମ କରଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହେଇଥିଲା । ସଂଧ୍ୟାରେ ଶବ ଗାଁରେ ପହଞ୍ଚିବା ପରେ ଗ୍ରାମର ପ୍ରତ୍ୟେକ ପରିବାରର ଲୋକ ରୁଣ୍ଡ ହେଇଥିଲେ। ଅତ୍ୟନ୍ତ ଦୁଃଖଦ ପରବେଶ ମଧ୍ୟରେ ଗାଁ ଶ୍ମଶାନରେ ମୃତ ଭକ୍ତଙ୍କ ଶେଷକୃତ୍ୟ କରାଯାଇଛି ।

ସୂଚନା ଅନୁସାରେ, ଏକ ବେସରକାରୀ ସଂସ୍ଥା ଦ୍ୱାରା ନିୟୋଜିତ ହେଇ ଟିଟିଲାଗଡ଼ ରେଳବାଇ ପୁଲିସର ଏକ ଗାଡ଼ି ଚାଳକ ଭାବେ ଭକ୍ତ ନିୟୋଜିତ ହେଇଥିଲେ। ସେଠାରେ ନିଜ ପରିବାର ସହ ରହୁଥିଲେ। ଗୁରୁବାର ନୂଆଁଖାଇ ପାଇଁ ଏକାକୀ ଗାଁକୁ ଆସିଥିଲେ। ଗାଁରେ ନୂଆଁ ଖାଇ ସାରିବା ପରେ ଅପରାହ୍ନରେ ଏକ ବାଇକ୍ ଯୋଗେ ଧର୍ମଗଡ଼ ମହାଲିଙ୍ଗ ରାସ୍ତା ଦେଇ ଟିଟିଲାଗଡ଼କୁ ଫେରୁଥିଲେ । ଟିଟିଲାଗଡ଼ ନିକଟସ୍ଥ ଜଗୁଆରେ କୌଣସି କାରଣରୁ ଦୁର୍ଘଟଣାର ଶିକାର ହେଇ ଏକ ବିଲ୍ ଭିତରେ ବାଇକ ସହ ପଡ଼ିଥିଲା । ଗତକାଲି ବିଳମ୍ବିତ ରାତି ଯାଏ ଟିଟିଲାଗଡ଼ ଠାରେ ଥିବା ଘରକୁ ଫେରି ନ ଥିବାରୁ ଭକ୍ତର ପତ୍ନୀ କୋଟାଗାଁରେ ଥିବା ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ଏହାସହ ଭକ୍ତଙ୍କ ଫୋନ୍‌କୁ ମଧ୍ୟ ଯୋଗାଯୋଗ କରିଥିଲେ ହେଁ କୌଣସି ଉତ୍ତର ମିଳି ନ ଥିଲା। ଶୁକ୍ରବାର ସକାଳୁ ତାର ମୃତ ଦେହ ଜମି ଭିତରେ ପଡ଼ିଥିବା ସୂଚନା ପାଇବା ପରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ ।

# ଶୈଶବ ସୁରକ୍ଷା ଅଭିଯାନ ଉଦ୍‌ଘାଟିତ



**କଳିଙ୍ଗନଗର,୩୦।୮ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ବୁଦ୍ଧରାଜ ବିଦ୍ୟାପିଠସ୍ଥିତ କନଫରେନ୍ସ ହଲଠାରେ ମାସୁମ ଗ୍ରୁପ ଓ ଟିକିଏ ହସ ଫାଉଣ୍ଡେସନର ମିଳିତ ପ୍ରୟାସରେ ଶୈଶବ ସୁରକ୍ଷା ଅଭିଯାନର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜିର ଉଦଘାଟନୀ ଉତ୍ସବର ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସଙ୍କ ଅଧକ୍ଷତାରେ ଦାନଗଦୀ ବିଡିଓ ପ୍ରଦୀପ କୁମାର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ।

ସେହିପରି ଅନ୍ୟ ଅତିଥିବୃନ୍ଦଙ୍କ ମଧରେ ଦାନଗଦୀ ମଣ୍ଡଳ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପୁହାଣ, ଅତିରିକ୍ତ ଶ୍ରମ ଅଧିକାରିଣୀ ଶୁଶ୍ରୀ ସଙ୍ଗୀତା ସ୍ୱାଇଁ, ଶିଶୁ ପ୍ରକଳ୍ପ ଅଧିକାରିଣୀ ନନ୍ଦିନୀ ପ୍ରଭା ଲେଙ୍କା, ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଲୋପାଥିକ ଡାକ୍ତର ଚନ୍ଦ୍ରକାନ୍ତୀ ସାହୁ, ଟିକିଏ ହସ ଫାଉଣ୍ଡେସନ ପ୍ରତିଷ୍ଠାତା ବିଶ୍ୱଜିତ ମାଝୀ ଓ ବୁଦ୍ଧରାଜ ବିଦ୍ୟାପିଠ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଦାନଗଦୀ ତଥା ଜିଲ୍ଲାରେ ଶିଶୁଶ୍ରମିକ ଓ ବାଲ୍ୟବିବାହ ମୂଳୋତ୍ପାଟନ କରିବା ସହ ଡ୍ରପଆଉଟ ହ୍ରାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ଏହି ଅଭିଯାନ ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ ଯାଏଁ ଚାଲୁ ରହିବା। ଏହି ତିରିଶି ଦିନ ମଧ୍ଯରେ ଜିଲ୍ଲାର ବିଭିନ୍ନ ବ୍ଲକରେ ସଚେତନା କର୍ମଶାଳାମାନ ଆୟୋଜନ କରି କିଶୋରୀ ବାଳିକାଙ୍କୁ ପ୍ରଶିକ୍ଷଣ ଦେବା ତତସହିତ ଜିଲ୍ଲାର ବିଭିନ୍ନ ହୋଟେଲ, ଢାବା ଓ ଶିଳ୍ପ ପ୍ରତିଷ୍ଠାନ ନିଯୁକ୍ତ ଥିବା ଶିଶୁଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନ କରାଯିବାର ଅଭିଯାନ ମୂଳ ଲକ୍ଷ୍ୟ।

ଆଜିର କାର୍ଯ୍ୟକ୍ରମରେ ଦାନଗଦୀ ସେକ୍ଟର ରାଣୀପଡା, ତ୍ରିଜଙ୍ଘା, ମଙ୍ଗଳପୁର ଓ ଯଖପୁରା ପଞ୍ଚାୟତ ୩୨ଟି ଅଙ୍ଗନବାଡି କର୍ମୀ, ସଖୀସହେଲୀ,ସମସ୍ତ ସୁପରଭାଇଜର, ଆଶ୍ୱୟାର କର୍ମକର୍ତ୍ତା ସମେତ ଅନେକ ସାମାଜିକ କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରଃ ଶିଶୁ ଅଧିକାର କର୍ମୀ ମଣ୍ଟୁଦାସ କିଶୋରୀ ବାଳିକା ଓ ଅଙ୍ଗନବାଡି କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ନୁରଜାହଁ ନସିମ ପରିଚାଳନା କରିଥିଲେ।

# ବିଲୁପ୍ତିର ଦ୍ୱାରଦେଶରେ ବାଇଚଢ଼େଇ



**କାକଟପୁର/ଅସ୍ତରଙ୍ଗ,୩୦।୮ (ସଂଚାର ବ୍ୟୁରୋ):** ଦିନ ଥିଲା ବିଲ ମାଳରେ ଥିବା ତାଳ ଓ ଖଜୁରୀ ଗଛରେ ବାଈ ଚଢେଇ ବସାବାନ୍ଧି ଆଶ୍ରୟ ନେଉଥିଲେ। ଗଛରେ ଅତି ସୁନ୍ଦର ଭାବେ ନିଜର ବସାକୁ ଗଢ଼ି ତୋଳୁଥିଲେ। ସଞ୍ଜ ଓ ସକାଳେ ବାଈଚଢେଇଙ୍କ କିଚିରି ମିଚିରି ସ୍ୱର ପରିବେଶକୁ ବେଶ ଆମୋଦିତ କରୁଥିଲା। ମାତ୍ର ଏବେ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯିବା ଦ୍ୱାରା ପ୍ରକୃତି କୋଳରେ ଜନ୍ମ ନେଇଥିବା ଏହି ବାଈଚଢେଇ ଅସୁରକ୍ଷିତ ହୋଇ ପଡିଛନ୍ତି। ଆଉ ସେହି କିଚିରି ମିଚିରି ସ୍ୱର ଶୁଣିବାକୁ ମିଳୁନଥିବା ବେଳେ ପୂର୍ବ ଭଳି ବାଈଚଢେଇଙ୍କ ସଂଖ୍ୟା ଆଉ ଦେଖିବାକୁ ମିଳୁନି। ଯାହାକି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବକୁ ନେଇ ଏହି ଚଢେଇ ଏବେ ବିଲୁପ୍ତ ହେବାକୁ ବସିଲାଣି।

ବିଶେଷ କରି ଏହି ଟିକି ଟିକି ଚଢେଇ ଗୁଡିକ ମାସାଧିକକାଳ ଗଛରେ ସୁନ୍ଦର ଭାବେ ବସା ନିର୍ମାଣ କରିଥାନ୍ତି। ମାଈ ବାଈ ଚଢେଇ ଗୁଡିକ ଭିନ୍ନ ଶୈଳୀରେ ବସା ନିର୍ମାଣ କରିଥାନ୍ତି। ଅଣ୍ଡା ଓ ଛୁଆ ରହିବା ପାଇଁ ତଳ ଭାଗରେ ସ୍ୱତନ୍ତ୍ର ଶୈଳୀରେ ଥଳି ନିର୍ମାଣ କରିଥାନ୍ତି। ବାତ୍ୟା, ପବନ ମାଡ଼ରେ ଏହି ବସାର କୌଣସି କ୍ଷତି ହୋଇନଥାଏ। ପୁରୁଣା ବସାରେ ଦ୍ୱିତୀୟ ଥର ଅଣ୍ଡା ଦେଉନଥିବା ହେତୁ ପ୍ରତିବର୍ଷ ବାଈ ଚଢେଇ ତାର ବସାକୁ ନୂଆ କରି ତିଆରି କରିଥାଏ। ଗୋଟିଏ ବାଈ ଚଢେଇ ବର୍ଷକୁ ୨ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡାକୁ ଫୁଟାଇ ଶାବକ ଜନ୍ମ ହେବା ପରେ ସେ ମୁକ୍ତାକାଶ କୁ ଚାଲି ଯାଇଥାଏ। ମୌସୁମୀ ଆଗମନର କିଛି ଦିନ ପୂର୍ବରୁ ଏମାନେ ବସା ବାନ୍ଧିବା ଆରମ୍ଭ କରିଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର କେନ୍ଦ୍ରାପଟି ଓ ତଣ୍ଡାହାର ନିକଟରେ ଅନେକ ତାଳଗଛରେ ବାଈ ଚଢେଇ ବସା ଦେଖା ଯାଉଥିବା ବେଳେ ଅନ୍ୟ ପଂଚାୟତ କାହିଁ ସେତେ ମାତ୍ରାରେ ଅବା ଆଦୌ ଦେଖା ଯାଉନାହିଁ।

ଅନ୍ୟ ଏକ କିମ୍ବଦନ୍ତୀ ହେଉଛି ବାଈଚଢେଇ ବସାକୁ ଦେଖିଲେ ଚାଷୀ ଖୁସି ହୋଇଥାଏ। ଅର୍ଥାତ ଖରିଫ ଚାଷ ଆରମ୍ଭ ସହ ମୌସୁମୀର ଆଗମନ ହୋଇଥାଏ ବୋଲି ଚାଷୀ ମନରେ ଧାରଣ ଥାଏ। ଚାଷ ଜମିରୁ ଅନିଷ୍ଟକାରି ପୋକ ଜୋକ ସେ ଖାଇଥାଏ। ଯାହାକି କୃଷକ ମାନଙ୍କ ପାଇଁ ବାଈଚଢେଇ ଏକ ବନ୍ଧୁ ଭାବେ ଜଣାଶୁଣା। ମାତ୍ର ଅଧିକ ଫସଲ ଅମଳ ପାଇଁ ଚାଷୀ ଜମିରେ ବହୁଳ ଭାବେ କୀଟନାଶକ ପ୍ରୟୋଗ କରୁଥିବା ବେଳେ ଏହି ପକ୍ଷୀ ଲୋପ ପାଇବାର ଆଉ ଏକ କାରଣ ବୋଲି କୁହାଯାଉଛି।

ଗ୍ରାମାଞ୍ଚଳ ନିକଟବର୍ତ୍ତୀ ତାଳ ଓ ଖଜୁରୀ ଗଛ ଏମାନଙ୍କ ମୁଖ୍ୟ ଆଶ୍ରୟସ୍ଥଳୀ ପାଲଟିଥାଏ। ହେଲେ ଏବେ ଦିନକୁ ଦିନ ଗ୍ରାମାଞ୍ଚଳର ବିକାଶ ଘଟୁଛି। ଚାଷ ଜମି ଗୁଡିକ ହ୍ରାସ ପାଇ ପ୍ଲଟ କରାଯିବା ସହ ବଡ଼ ବଡ଼ କୋଠାବାଡ଼ି ନିର୍ମାଣ ହେଉଛି। ସେହିଭଳି ଇଟା ଭାଟି ପାଇଁ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯାଉଛି। ସେହିଭଳି ଏ ସବୁ ପକ୍ଷୀଙ୍କ ପାଇଁ ଏବେ ମୋବାଇଲି ଟାୱାର ବଡ଼ ସମସ୍ୟା ସୃଷ୍ଟି କରିଛି। ଟାୱାର ଠାରୁ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ରଶ୍ମି ପକ୍ଷୀ ବଂଶକୁ ବିସ୍ତାର କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନେକ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି। ପରିବେଶରେ ବ୍ୟାପକ ତାଳ ଓ ଖଜୁରୀ ଗଛ ଲଗାଇଲେ ବର୍ଷା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଭଳି ସୂଚନା ପ୍ରଦାନକାରୀ ଏହି ପକ୍ଷୀର ବଂଶ ବୃଦ୍ଧି ପାଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ବ୍ୟାପକ ଆନ୍ଦୋଳନ ନିଷ୍ପତ୍ତି




**ବାଲେଶ୍ୱର,୩୦।୮ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀ ଗତ ୪ ବର୍ଷ ଧରି ଦାବି ଓ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରି ଆସୁଛନ୍ତି। ଏହି ଦାବି ଉପରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ଅନୁକୂଳ ମତ ପ୍ରଦାନ କରିଛନ୍ତି। ବାଲେଶ୍ୱର ଜିଲ୍ଲା ପରିଷଦରେ ସର୍ବସମ୍ମତିକ୍ରମେ ଏଥିପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ବାଲେଶ୍ୱର ଜିଲ୍ଲା ଓ ସମସ୍ତ ବ୍ଲକ ସ୍ତରରେ କୃଷିଜୀବୀ, କୃଷିଶ୍ରମିକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଗଠିତ କ୍ରିୟାନୁଷ୍ଠାନ ସମିତି ସରକାରଙ୍କୁ ଏଥିପାଇଁ ଦାବିପତ୍ରମାନ ଦେଇଛନ୍ତି। ଗତ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଦଳମତ ନିର୍ବିଶେଷରେ ସମସ୍ତ ରାଜନେତା ଉକ୍ତଦାବିକୁ ଦୃଢ଼ ସମର୍ଥନ ଜଣାଇ ବାଲେଶ୍ୱରରେ କୃଷି ସମ୍ପର୍କୀୟ ଏକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ସମସ୍ତ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଜିଲ୍ଲାବାସୀଙ୍କୁ ଏଥିପାଇଁ ପ୍ରତିଶ୍ରୁତି ଦେଇଥିଲେ।

ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗତ ଅଗଷ୍ଟ ପ୍ରଥମ ସପ୍ତାହରେ କେନ୍ଦ୍ର କୃଷିମନ୍ତ୍ରୀ ଓ ରାଜ୍ୟ କୃଷିମନ୍ତ୍ରୀଙ୍କୁ ସାକ୍ଷାତ କରି ବାଲେଶ୍ୱରବାସୀଙ୍କ ଏହି ଦାବି ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ ଗତ ସପ୍ତାହରେ ରାଜ୍ୟ କୃଷିମନ୍ତ୍ରୀ ଅନ୍ୟ ଦୁଇଟି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ସରକାରଙ୍କ ଏହି ଘୋଷଣା ବାଲେଶ୍ୱରବାସୀଙ୍କୁ ନିରାଶ କରିଛି। ତେଣୁ ଗତ ସୋମବାର ସନ୍ଧ୍ୟାରେ ବାଲେଶ୍ୱରର ବହୁ ବୁଦ୍ଧିଜୀବୀ ସ୍ଥାନୀୟ ଷ୍ଟେସନଛକ ପାର୍ଶ୍ୱରେ ପ୍ରତୀକ ଗଣଧାରଣା ଦେଇଥିଲେ। ପୁନଶ୍ଚ ଆସନ୍ତା ସେପ୍ଟେମ୍ବର ପହିଲାରେ ଜଳେଶ୍ୱର ବ୍ଲକ, ୭ ତାରିଖରେ ରେମୁଣା ବ୍ଲକ ଓ ୧୦ ତାରିଖରେ ସୋର ବ୍ଲକ ସମିତି ପକ୍ଷରୁ ଗଣଧାରଣା ପାଇଁ ନିଷ୍ପତ୍ତି ନିଆଯାଇଛି। ତେଣୁ ରାଜ୍ୟ ସରକାର ଯଦି ବିଧାନସଭାର ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ କିମ୍ବା କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ନ କରନ୍ତି ତେବେ, ମୌସୁମୀ ଅଧିବେଶନ ଅବଧିରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଓ ଜିଲ୍ଲାବ୍ୟାପୀ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# 'ବେଟି ବଚାଓ ବେଟି ପଢ଼ାଓ' ଉପରେ ବୈଠକ ଅନୁଷ୍ଠିତ




**ସୁନ୍ଦରଗଡ଼,୩୦।୮ (ସଂଚାର ବ୍ୟୁରୋ):** ସଦଭାବନା ଗୃହରେ ଶନିବାର ବେଟି ବଚାଓ ବେଟି ପଢ଼ାଓ ଉପରେ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା ସ୍ଥାନାନ୍ତରଣ, ସ୍କୁଲ ପରିତ୍ୟାଗ ଓ ଶିଶୁ ଶ୍ରମିକ, ପ୍ଲାଟଫର୍ମ ଶିଶୁମାନଙ୍କ ସଂଖ୍ୟାରେ ବୃଦ୍ଧି ଓ ତାଙ୍କର ଥଇଥାନ, ଅଳ୍ପ ବୟସରେ ଗର୍ଭଧାରଣ, ଶିଶୁ ଚାଲାଣ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା ଏବଂ ତାହାର ସମାଧାନ ପନ୍ଥା ଗୁଡ଼ିକ ମଧ ଆଲୋଚନା କରାଯାଇଥିଲା। ସେହିଭଳି ଶିଶୁ ମାନଙ୍କ ସୁରକ୍ଷା ସମ୍ପର୍କିତ ଥିବା ବିଭିନ୍ନ ଅସୁବିଧା ଗୁଡ଼ିକ ଉପରେ ମଧ ଆଲୋଚନା କରାଯାଇଥିଲା।

ବିଭିନ୍ନ ବିଭାଗର ସହଯୋଗରେ ଶିଶୁମାନଙ୍କ ଅଧିକାର ଗୁଡିକର ସୁରକ୍ଷା କରାଯାଇ ପାରିବ। ବାଲ୍ଯ ବିବାହ ନିରୋଧ, କନ୍ଯା ଭ୍ରୁଣ ହତ୍ୟା, ଲିଙ୍ଗ ଭିତ୍ତିକ ତାରତମ୍ୟର ମୂଳୋତ୍ପାଟନ ନିମନ୍ତେ ସମସ୍ତ ବିଭାଗ ଯଥା ଶିକ୍ଷା , ସ୍ୱାସ୍ଥ୍ୟ, ଆଦିବାସୀ ଉନ୍ନୟନ, ଗୃହ ବିଭାଗର ସହଯୋଗିତାରେ କନ୍ଯା ମାନଙ୍କର ସାମଗ୍ରିକ ବିକାଶ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ଚଳିତ ବର୍ଷ ଜୁନ ମାସ ଠାରୁ ଜାନୁଯାରୀ ୨୦୨୬ ପର୍ଯ୍ୟନ୍ତ "ବେଟି ବଚାଓ ବେଟି ପଢାଓ" କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କଣ କଣ ପଦକ୍ଷେପ ନିଆଯିବ ସେ ସମ୍ବନ୍ଧିତ ସଂପୂର୍ଣ୍ଣ ବିବରଣୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କ୍ରିଷ୍ଣା କୁମାରୀ ନନ୍ଦ ଉପସ୍ଥାପନା କରିଥିଲେ।

ଏହି ସଭାରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଯୋଗ ଦେଇ ତୃଣମୂଳ ସ୍ତରରେ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇ ଏ ଏସ ଶିକ୍ଷାନବିଷ ସୁଶ୍ରୀ ଫାବୀ ରସିଦ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଶିଶୁ ବିକାଶ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ଯତ୍ନ ଅନୁଷ୍ଠାନ, ଶିଶୁ କଲ୍ୟାଣ କମିଟି ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

# କୋରେଇ ପୁଲିସ ହାତରେ ସୁନା ଲୁଟେରା



**ଯାଜପୁର ରୋଡ଼,୩୦।୮(ସଂଚାର ବ୍ୟୁରୋ):** କୋରେଇ ଥାନା ଅଧିକାରୀ ଶ୍ରୀ ରାକେଶ ତ୍ରିପାଠୀଙ୍କ ଦ୍ୱାରା ଗଠିତ ଗ୍ରୁପ ନଖାରେ ନାଖିଛନ୍ତି ଏବେ ଆନ୍ତଃଜିଲ୍ଲା ସୁନା ଲୁଟେରା ଗ୍ୟାଙ୍ଗ। ସେମାନଙ୍କ ଠାରୁ ୧୫୦ ଗ୍ରାମର ସୁନା ଅଳଙ୍କାର ଜବତ କରିଛି କୋରେଇ ପୁଲିସ । ଜବତ ସୁନା ଅଳଙ୍କାରର ମୂଲ୍ୟ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହେବ ବୋଲି ଅନୁମାନ କରାଯାଉଛି। ଏହି ସୁନା ଚୋରି ଓ ଲୁଟ୍ ଘଟଣାରେ ସମ୍ପୃକ୍ତ ୪ଜଣ ଲୁଟେରା ଓ ଜଣେ ସୁନାଗହଣା କ୍ରେତାଙ୍କୁ ପୁଲିସ ଗିରଫ କରିଛି । ଖବରର ଆଧାରରୁ ପ୍ରକାଶ'ଯେ କନ୍ହେଇପୁର ଓ ସନ୍ତରା ଅଂଚଳର ୨ ଜଣଙ୍କ ଘରୁ ଚୋରି ହୋଇଥିବା ନେଇ କୋରେଇ ଥାନାରେ ଅଭିଯୋଗ ହାଇଥିଲା । ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ କୋରେଇ ପୁଲିସ ଏହି ଚୋରି ଘଟଣାର ପର୍ଦ୍ଦାଫାସ୍ କରିଛି । ଚୋରିରେ ଚୋ ସମ୍ପୃକ୍ତ ଥିବା ୪ ଜଣ ଲୁଟେରା ଓ ଚୋରି ସୁନା କିଣିଥୁବା ଜଣେ ମହିଳାଙ୍କୁ ପୁଲିସ ଗିରଫ କରିଛି। ଲୁଟେରାମାନେ ଯାଜପୁର ରୋଡ୍ ଥାନା ଲକ୍ଷ୍ମୀନଗର ଅଂଚଳର ରବିନ୍ଦ୍ର ପାତ୍ର, କ୍ରିଷ୍ଣା ଦାସ, ଶୁଭମ୍ ଓଝା, ଯାଜପୁର ରୋଡ଼ ଥାନା ଯୋଗିସାହିର ମଟୁ ମୁଣ୍ଡା ଏବଂ ଯାଜପୁର ରୋଡ୍ ଥାନା ମହରମ୍ ସାହିର ଆଜମିରା ବିବି ବୋଲି ଜଣାପଡିଛି। ପୁଲିସ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନକଲି ସାର ବିକ୍ରୟ କେନ୍ଦ୍ରରେ ଚଢ଼ଉ



**ବୋରିଗୁମ୍ମା/କୋଟପାଡ଼, ୩୦।୮ (ସଂଚାର ବ୍ୟୁରୋ):** କୋଟପାଡ଼ ଅଞ୍ଚଳରେ ବାଲିରେ ନାଲି ରଙ୍ଗ ମିଶା ନକଲି ଏମଓପି. ପୋଟାସ ସାର ବିକ୍ରି କରାଯାଉଥିବା ନେଇ କୋଟପାଡ଼ ଚାଷୀଙ୍କ ଅଭିଯୋଗକୁ ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ପରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜ୍ୟରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ଅଞ୍ଚଳରେ ସାରରେ ଅପମିଶ୍ରଣ କରି ଚାଷୀଙ୍କୁ ଠକୁଥିବା ବ୍ୟବସାୟିଙ୍କ ଦୋକାନରେ ଚଢ଼ାଉ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।ଏହାପରେ କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି କୋଟପାଡ଼ ବାସୁଗୁଡା ସ୍ଥିତ ଉପକଣ୍ଠ ରେ ପ୍ରତିଷ୍ଠିତ ଶ୍ରୀୟା ଫର୍ଟିଲାଇଜର ଦୋକାନରେ ଚଢ଼ଉ କରାଯାଇଥିଲା। ଏହି ଟିମ୍ ସାର ଜବତ କରି ଯାଞ୍ଚ କରିବା ପରେ ଚାଷୀ କରିଥିବା ଅଭିଯୋଗରେ ସତ୍ୟତା ଥିବା ସହ ଆଜି ସମସ୍ତ କାଗଜ ପତ୍ର ଯାଞ୍ଚ କରି ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ବ୍ୟବସାୟୀଙ୍କ ଗଦାମ ଗୃହକୁ ସିଲ କରିଥିବା ଜଣାପଡିଛି। ପରେ ଜବତ ସାରକୁ ଲ୍ୟାବ୍‌କୁ ପଠାଯାଇଥିବା ବେଳେ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ନଆସିବା ପର୍ଯ୍ୟନ୍ତ ସାର ବିକ୍ରି ଓ ଦୋକାନ ବନ୍ଦ କରିବା ନିମନ୍ତେ ଉକ୍ତ ଟିମ୍ ସାର ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହାପରେ ବି ସାର ବିକ୍ରୟ କରାଯାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

● ଗର୍ଭବତୀ ମହିଳାଙ୍କୁ ବଳାତ୍କାର ମାମଲା

# ଅଭିଯୁକ୍ତ ଦମ୍ପତିଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ନବରଙ୍ଗପୁର,୩୦।୮(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଖାତିଗୁଡା ଥାନା ଅଞ୍ଚଳର ଜନୈକା ଗର୍ଭବତୀ ମହିଳାଙ୍କୁ ବଳାତ୍କାର ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତ ଲେଲିଆ ରଞ୍ଜିକର (୪୦) ଓ ତାଙ୍କ ପତ୍ନୀ ପଦ୍ମା ରଞ୍ଜିକର (୩୬) ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଖାତିଗୁଡା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଆଶାକର୍ମୀ ପଦ୍ମା ରଞ୍ଜିକର ସ୍ଥାନୀୟ ଅଞ୍ଚଳର ଜନୈକା ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଗତ ୨୦୨୩ ମସିହା ଫେବୃଆରୀ ୨୩ ତାରିଖରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେବାପାଇଁ ଆଣିଥିବାବେଳେ ତାଙ୍କ ସ୍ୱାମୀ ଲେଲିଆ ରଞ୍ଜିକର ଯାଇଥିଲେ। ତେବେ ଡାକ୍ତରଖାନା ବଦଳରେ ମହିଳାଙ୍କୁ ନିଜ ସମ୍ପର୍କୀୟ ଘରକୁ ନେଇଥିଲେ। ସ୍ୱାମୀ ବଳପୂର୍ବକ ଗର୍ଭବତୀ ମହିଳାଙ୍କୁ ଦୁଷ୍କର୍ମ କରିଉଥିବା ବେଳେ ସ୍ତ୍ରୀ ପଦ୍ମା ମୋବାଇଲରେ ଭିଡ଼ିଓ ଚିତ୍ର ଉତ୍ତୋଳନ କରିବାସହ ପରବର୍ତ୍ତୀ ସମୟରେ ଭିଡିଓ ଭାଇରାଲ କରିଥିଲେ। ଏ ନେଇ ପରିବାର ପକ୍ଷରୁ ଖାତିଗୁଡା ଥାନାରେ ତା ୧୩. ୩ ୨୦୨୩ ରେ ଏତଲା ଦିଆଯିବାପରେ କେଶ ନଂ ୨୬/୨୩ ରେ ମାମଲା ରୁଜ୍ଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ସଚି ନନ୍ଦନ ସ୍ୱାଇଁ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସନ୍ତୋଷ କୁମାର ମିଶ୍ର ମୋକଦ୍ଦମା ପରିଚାଳନା କରୁଥିଲେ।

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣକୁ ନିନ୍ଦା



**ରାଇଘର,୩୦।୮ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଠାରେ ଅର୍ଗସ ଟିଭି ସାମ୍ବାଦିକ ମରଣାନ୍ତକ ଆକ୍ରମଣ ଘଟଣା କୁ ନିନ୍ଦା କରି ଜର୍ଣ୍ଣାଲିଷ୍ଟ ଆସୋସିଏସନ ରାଇଘର ସଂଘ ପକ୍ଷୁ ଆଜି ରାଇଘର ଥାନା ଭାରପ୍ରାପ୍ତ ଅଧିକାରୀ ଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା।

ସୂଚନା ପ୍ରକାରେ, ଜିଲ୍ଲାର ପାପଡାହାଣ୍ଡି ଠାରେ ଅର୍ଗସ ଟିଭି ସାମ୍ବାଦିକ ସୁମିତ କୁମାର ଘଣ୍ଟଙ୍କୁ ଏକ ବ୍ୟକ୍ତି ଧାରୁଆ ଅସ୍ତ୍ର ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଉକ୍ତ ଘଟଣା ରେ ସାମ୍ବାଦିକ ଜଣକ ଗୁରୁତର ଆହତ ହୋଇ ବିଶାଖାପାଟଣା ରେ ଚିକିତ୍ସା ପାଇଁ ସ୍ଥାନାନ୍ତରିତ ହୋଇଛନ୍ତି। ଗତ କିଛି ଦିନ ଧରି ସାମ୍ବାଦିକ ମାନଙ୍କ ଉପରେ ହେଉଥିବା ଆକ୍ରମଣ କୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ପ୍ରତି ସରକାର ସଚେତନ ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଆଜି ରାଇଘର ଜର୍ଣ୍ଣାଲିଷ୍ଟ ଆସୋସିଏସନ ରାଇଘର ପକ୍ଷରୁ ରାଇଘର ଥାନା ରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା।

# ଟାଙ୍ଗିଆରେ ହାଣି ନିର୍ମମ ହତ୍ୟା

**ମ. ରାମପୁର,୩୦।୮ (ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ନିର୍ମମ ଭାବେ ହାଣି ହତ୍ୟା କରିଥିବା ସୂଚନା ମିଳିଛି।

ପ୍ରାପ୍ତ ସୂଚନା ଅନୁଯାୟୀ ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଶୁକ୍ରବାର ଅପରାହ୍ନ ୧.୩୦ ରୁ ୨ଟା ସମୟ ମଧରେ ଶଶିକାନ୍ତ ମହାନନ୍ଦ(୨୮) ଓ ସେହି ଗ୍ରାମର ଗଜିନ୍ଦ୍ର ଭୋଇ(୫୦)ଙ୍କ ମଧରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଚସା ହୋଇଥିଲା। ଏଥିରେ ଶଶିକାନ୍ତ (ଅଭିଯୁକ୍ତ) ଉଦ୍‌କ୍ଷିପ୍ତ ହୋଇ ଗଜେନ୍ଦ୍ର ଭୋଇ (ମୃତକ)ଙ୍କ ଛାତିରେ ଟାଙ୍ଗିଆ ଚୋଟ ମାରିଥିଲା। ଏଥିରେ ଗଜିନ୍ଦ୍ର ଙ୍କ ଛାତିରୁ ପ୍ରଚୁର ରକ୍ତସ୍ରାବ ହେବା ଫଳରେ ଘଟଣା ସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ଏହା ଦେଖି ଲୋକେ ତାଙ୍କୁ ଡାକ୍ତରଖାନା ନେବା ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା।

ତେବେ ମୃତକଙ୍କ ପରିବାର ପକ୍ଷରୁ ମ. ରାମପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ଯାହାକୁ ନେଇ ମ. ରାମପୁର ପୁଲିସ୍ ଏକ ମାମଲା ରୁଜୁ କରି ମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ଡିଲରସିପ ପାଇଁ ହରଡ଼ଘଣାରେ ବ୍ଲକ ବିଜେଡି ସଭାପତି ଓ ସରପଞ୍ଚ

**ଦଶରଥପୁର,୩୦।୮ (ସଂଚାର ବ୍ୟୁରୋ):** ଗତ ପଞ୍ଚାୟତ ନିର୍ବାଚନରେ ଦଶରଥପୁର ବ୍ଲକସ୍ତ ଡାହାଣହତା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତିଙ୍କ ଧର୍ମପତ୍ନୀ ପଦ୍ମାବତୀ ବିଶ୍ୱାଳ ଓ ବର୍ତ୍ତମାନର ୬ ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ପତିତପାବନ ମହାନ୍ତିଙ୍କ ମା ଜୟନ୍ତୀ ମହାନ୍ତିଙ୍କ ମଧରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ପ୍ରକାଶ ଯୋଗ୍ୟ ବ୍ଲକ ବିଜେଡି ସଭାପତି ଜଣେ ସରକାରୀ ଖୁଚୁରା ବିକ୍ରୟକେନ୍ଦ୍ରର ରିଟେଲର ହୋଇଥିବା ବେଳେ ତାଙ୍କର କୋଡ଼ ନମ୍ବର ୧୩୦୫ପିଠ୬୯ ଅଟେ । ଲାଭ ଜନକ ପଦବୀରେ ଥିବା ଅଜୟ ମହାନ୍ତିଙ୍କ ପତ୍ନୀ ପଦ୍ମାବତୀ ବିଶ୍ୱାଳ ସରପଞ୍ଚ ପ୍ରାର୍ଥୀନୀ ହୋଇଥିବାରୁ ରାସନ ଦେବା ସମୟରେ ଲୋକମାନଙ୍କୁ ରାସନକାର୍ଡ କାଟିବାର ଭୟ ଦେଖାଇ ତାଙ୍କ ସପକ୍ଷରେ ଭୋଟ ଦେବା ପାଇଁ ବାଧ କରୁଛନ୍ତି ବୋଲି ଜୟନ୍ତୀ ମହାନ୍ତି ତତ୍କାଳୀନ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଥିଲେ।ନିଜ ପ୍ରଚାର ପାଇଁ ପୋଷ୍ଟର ବ୍ୟାନରରେ ଦୁଇଜଣଙ୍କ ଫଟୋ ରଖିବା ଘର ଘର ବୁଲି ପ୍ରଚାର କରିବା ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ ନିଜ ଘରେ ବାଣ୍ଟି ସମାନ ଢଙ୍ଗରେ ଜନମତକୁ ପ୍ରଭାବିତ କରିଥିଲେ ବୋଲି ଶ୍ରୀମତୀ ମହାନ୍ତି ଅଭିଯୋଗ କରିଥିଲେ । କିନ୍ତୁ ସେତେବେଳେ ଅଜୟ ମହାନ୍ତି ଶାସକ ଦଳରେ ଥିବାରୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷପ ନିଆଯାଇ ନଥିଲା।

ସୂଚନା ଥାଉକି ସରକାରୀ ଖୁଚୁରା ବିକ୍ରେତା ନିୟମ ୨୦୧୬ ଧାରା ପାରା ୧ଅନୁଯାୟୀ ଯଦି ଜଣେ ସରକାରୀ ଖୁଚୁରା ବିକ୍ରୟକେନ୍ଦ୍ରର ରିଟେଲର ଥାନ୍ତି ତେବେ ସେ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ତଦାରଖ କମିଟିର ପଦ ପଦବୀରେ ରହିପାରିବେ ନାହିଁ। କିନ୍ତୁ ଏହି ନିୟମର ଖୋଲା ଖୋଲି ଉଲ୍ଲଙ୍ଘନ ଡାହାଣହତା ପଞ୍ଚାୟତରେ ଦେଖିବାକୁ ମିଳିଥିଲା। ସ୍ତ୍ରୀ ସରପଞ୍ଚ ଯିଏ ଯାଞ୍ଚ କମିଟିର ସଭ୍ୟା ସ୍ୱାମୀ ସରକାରୀ ଖୁଚୁରା କେନ୍ଦ୍ରର ବିକ୍ରେତା। ଏହାକୁ ନେଇ ଜୟନ୍ତୀ ମହାନ୍ତି ବ୍ଲକ ପ୍ରଶାସନ ପାଖରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ରିଟେଲର ଜଣକ ଶାସକ ଦଳର ହୋଇଥିବାରୁ ଅଭିଯୋଗର କୌଣସି ସୁଫଳ ମିଳି ନଥିବା ନେଇ ଜୟନ୍ତୀ ମହାନ୍ତି ଅଭିଯୋଗ କରିଥିଲେ ।ତେବେ ସରକାର ବଦଳିବା ପରେ ନ୍ୟାୟର ଆଶା ନେଇ ପଞ୍ଚାୟତ ବାସୀ ବିଜେପି ନେତା ରାଜ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଯାଜପୁର ଜିଲ୍ଲାପାଳ ଓ ଯାଜପୁର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହାଫଳରେ ଗତ ୨୨/୮/୨୦୨୫ ରିଖ ଚିଠି ନମ୍ବର ୭୯୪ରେ ଯାଜପୁର ଉପଜିଲ୍ଲାପାଳ ରିଟେଲର ଅଜୟ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରିକରି ତିନି ଦିନ ମଧରେ ଏହାର ଉତ୍ତର ଦେବାପାଇଁ କହିଥିଲେ । କିନ୍ତୁ ଅଜୟ ମହାନ୍ତି କୌଣସି ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଅଜୟ କୁମାର ମହାନ୍ତିଙ୍କ ରିଟେଲରଙ୍କ ଲାଇସେନ୍ସ ରଦ୍ଦ କରିବା ସହିତ ପିଡ଼ିଏସ ସାମଗ୍ରୀ ଯୋଗାଣ ଉପରେ ରହିତାଦେଶ ଜାରି କରିଛନ୍ତି।

ଏହା ସତ୍ୟ ଓ ନ୍ୟାୟର ବିଜୟ ହୋଇଛି ବୋଲି ଶ୍ରୀମତୀ ଜୟନ୍ତୀ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଥିବାବେଳେ ମୁଁ ସ୍ୱଇଚ୍ଛାରେ ପଦବୀ ଛାଡ଼ିଛି ବୋଲି ଅଜୟ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ନିର୍ବାଚନ ସମୟରେ ଶ୍ରୀମତୀ ପଦ୍ମାବତୀ ବିଶ୍ୱାଳ ଏହି ତଥ୍ୟ ସରକାରଙ୍କୁ ଲୁଚାଇବା ଓ ଜନମତକୁ ପ୍ରଭାବିତ କରି ଭୋଟ ହାତେଇ ସରପଞ୍ଚ ହୋଇଥିବାରୁ ତାଙ୍କ ସରପଞ୍ଚ ପଦବୀ ଖାରଜ କରିବା ସହିତ ଯେଉଁ ସରକାରୀ ଅର୍ଥ ଉଭୟ ସ୍ୱାମୀ ସ୍ତ୍ରୀ ହାତେଇଛନ୍ତି ତାହାକୁ ସରକାର ଆଦାୟ କରିବା ସହିତ ଦୃଢ଼ ଆଇନଗତ କାର୍ଯ୍ୟନୁଷ୍ଠାନ ନେବା ପାଇଁ ପଞ୍ଚାୟତବାସୀ ସରକାରଙ୍କ ପାଖରେ ଦାବି ରଖିଛନ୍ତି।ତେବେ ଆଗକୁ ଦେଖିବାକୁ ବାକି ରହିଲା ଦଶରଥପୁର ରାଜନୀତିରେ ଏହି ଲଢେଇ କେଉଁ ରୂପ ନେଉଛି ଓ ଅନ୍ୟ ଦୁର୍ନୀତିଖୋର ରିଟେଲର ମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ସରକାର ।




# ଭଲ ନିଦ ଚାହୁଁଛନ୍ତି କି ?



ରାତିରେ ୭ରୁ ୮ ଘଣ୍ଟା ଭଲ ନିଦ ହୋଇଗଲେ, ପୁରା ଦିନ ଫ୍ରେଶ ଲାଗେ। ଯଦି ନିଦ ନହୁଏ ତେବେ ପୁରା ଦିନଟା ଚିଡଚିଡା ଲାଗେ। କିଛି ଭଲ ଲାଗେ ନାହିଁ। ଲେଟ ନାଇଟ ଯାଏ ଚେଇଁ ରହିବା, ଠିକ ପୋଜିସନରେ ନଶୋଇବା ଭଳି କିଛି ବଦ ଅଭ୍ୟାସ ଯୋଗୁଁ ଆଖିକୁ ଆରାମଦାୟକ ନିଦ ଆସେ ନାହିଁ। ତେଣୁ ଏସବୁକୁ ବଦଳାଇବା ଉଚିତ। ତେବେ କେଉଁ ସବୁ ଅଭ୍ୟାସ ଛାଡିବା ଏବଂ ଆପଣାଇବା ଦ୍ୱାରା ଭଲ ନିଦ ହୁଏ ଆସନ୍ତୁ ଜାଣିବା।

ଶୋଇବା ପୂର୍ବରୁ ଗାଧୋଇବା ଦ୍ୱାରା ଭଲ ନିଦ ହୁଏ। ଏଥିସହ ଡିମ ଲାଇଟ କିମ୍ବା ସ୍ଲୋ ମ୍ୟୁଜିକ ଲଗାଇ ଶୋଇଲେ ମଧ ଭଲ ନିଦ ହୋଇଥାଏ। ତେବେ ଶୋଇବା ପୂର୍ବରୁ ଯଦି ଆପଣଙ୍କ ଗପବା ଅଭ୍ୟାସ ରହିଛି ତା'ହେଲ ତାକୁ ବଦଳାଇ ଦିଅନ୍ତୁ। ଏହାଦ୍ୱାରା ନିଦ ହୋଇନଥାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭଲ ନିଦ ମଣିଷକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିଥାଏ। ପ୍ରତିଦିନ ରାତିରେ ଶୋଇବା ପାଇଁ ଏକ ରୁଟିନ ଟାଇମ ସେଟ୍ କରନ୍ତୁ। ଏକ ନିର୍ଦ୍ଦିଷ୍ଟ ଟାଇମ ସେଟ କରିବା ଦ୍ୱାରା ମସ୍ତିସ୍କ ଆପେ ଆପେ ସେହି ଟାଇମରେ ଶୋଇବା ମୁଡରେ ଆସିଯାଏ ଏବଂ ଶୀଘ୍ର ନିଦ ହୋଇଥାଏ। ତେଣୁ ଗୋଟିଏ ଟାଇମ ସିଡ୍ୟୁଲରେ ହିଁ ଯେତେ ସମ୍ଭବ ଶୋଇବାକୁ ଚେଷ୍ଟା କରନ୍ତୁ। ଏହା ଏକ ଭଲ ଅଭ୍ୟାସ। ଏହାଦ୍ୱାରା ଭଲ ନିଦ ହୋଇଥାଏ। ସୂର୍ଯ୍ୟାଲୋକ କମ ହେବା ଏବଂ ଅନ୍ଧାର ହେବା ଦ୍ୱାରା ଶରୀରରେ ମେଲାଟୋନିନ ଯୁକ୍ତ ରସାୟନିକ ପଦାର୍ଥ ମୁକ୍ତ ହେବାକୁ ଲାଗେ ଏବଂ ଆପେ ଆପେ ଆଖିକୁ ନିଦ ଆସେ। ତେଣୁ ଶୋଇବା ସମୟରେ ବେଡରୁମରେ ଲାଇଟ ବ୍ୟବହାର କରିବା ଉଚିତ ନୁହେଁ। ଶୋଇବା ଘରର ଲାଇଟ ପୁରା ଡିମ ରଖନ୍ତୁ ଏବଂ ଯେତେ ସମ୍ଭବ ମୋବାଇଲ କିମ୍ବା ଲାପଟପ ଭଳି ଗ୍ୟାଜେଟଠୁ ଦୂରେଇ ରୁହନ୍ତୁ। ପରିବେଶ ଶାନ୍ତ ରହିଲେ ମଧ ଭଲ ନିଦ ହୋଇଥାଏ।

ରାତିରେ କମ ଖାଦ୍ୟ ଖାଆନ୍ତୁ। ରାତିରେ ଅଧିକ କିମ୍ବା ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ହଜମ ଶକ୍ତି କାମ କମିଯାଏ। ପାଚନ ପ୍ରଣାଳୀ ରାତିସାରା କାମ କରେ। ଫଳର ଭଲ ନିଦ ହୁଏ ନାହିଁ। ସେହିପରି ରାତିରେ କ୍ୟାଫିନ କିମ୍ବା ନିକୋଟିନ ଯୁକ୍ତ ଖାଦ୍ୟ ଯେପରିକି କଫି କିମ୍ବା ଚା' ପିଅନ୍ତୁ ନାହିଁ। ଏହା ଶରୀରର ଶୋଇବା କ୍ଷମତାରେ ବାଧା ସୃଷ୍ଟି କରିଥାଏ ଏବଂ ଆ?ଖିକୁ ଗଭୀର ନିଦ ଆସେ ନାହିଁ।

ଅଧିକ ଶବ୍ଦ ନିଦର ଗୁଣବତ୍ତା ଖରାପ କରିଥାଏ। ଯାହାଦ୍ୱାରା ଆପଣଙ୍କୁ ଅଧିକ ଥକା ଲାଗିପରେ। ତେଣୁ ଶୋଇବା ପୂର୍ବରୁ ଆପଣ କ'ଣ ଦେଖୁଛନ୍ତି ଏବଂ କ'ଣ ଶୁଣୁଛନ୍ତି ତାହା ମଧ ଗୁରୁତ୍ୱ ରଖେ। ଏକ ଶାନ୍ତ ପରିବେଶ ଏବଂ ଅଳ୍ପ ଶବ୍ଦରେ ମଧୁର ମ୍ୟୁଜିକ ଶୁଣିବା ଦ୍ୱାରା ଆରାମ ମିଳିଥାଏ। ମନ ଶାନ୍ତ ହେବା ସହ ଶୀଘ୍ର ନିଦ ହୋଇଯାଏ।

ବସି ବସି ଶୋଇପଡ଼ିବା ବା କୌଣସି ଯାତ୍ରା ବେଳେ ଶୋଇବା ଅନେକ ଲୋକଙ୍କ ଅଭ୍ୟାସ ରହିଛି। ତେଣୁ ଏଭଳି ଅଭ୍ୟାସକୁ ବଦଳାଇବା ଉଚିତ। ଦିନରେ ଅଧିକାଂଶ ସମୟ ଢୁଳେଇବା ଭଳି ଅଭ୍ୟାସ ଥିଲେ ଏହାକୁ ଶୀଘ୍ର ବଦଳାନ୍ତୁ। ଏହାଦ୍ୱାରା ରାତି ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ସକାଳୁ ସକାଳୁ ଉତ୍ତମ ଖାଦ୍ୟ ଏବଂ ଭିଟାମିନ ବି-୬ ଏବଂ ୫ରୁ ୧୦ ମିନିଟ ସୂର୍ଯ୍ୟାଲୋକ ଶରୀରର ଅନେକ ରୋଗକୁ ଭଲ କରିଥାଏ। ଏଥିସହ ଭଲ ନିଦ୍ରା କ୍ଷମତାକୁ ବଢ଼ାଇଥାଏ।

# ସାବଧାନ

## ଶୀତ ଦିନେ ଗରମ ପାଣିରେ ଗାଧୋଉଛନ୍ତି କି ?



ଶୀତ ଦିନ ଆସିବା ମାତ୍ରେ ଆମ ଶରୀରର ମିଜାଜ ବଦଳିଯାଏ। ଏହି ସମୟରେ ଥଣ୍ଡା, ଜ୍ୱର ବା ଇନ୍‌ଫେକସନ୍ ହେବା ନେଇ ଅଧିକ ଆଶଙ୍କା ରହିଥାଏ। ଏଥିପାଇଁ ଶୀତ ଦିନେ ଲୋକେ ଗରମ ଗରମ ଖାଦ୍ୟ ଖାଇବା, ଗରମ ପୋଷାକ ପିନ୍ଧିବା, ଗରମ କଫି କିମ୍ବା ଚା' ପିଇବା ସହ ଗରମ ପାଣିରେ ଗାଧୋଇବା ପାଇଁ ଭଲ ପା'ନ୍ତି। ତେବେ ଏସବୁ ଆମ ଶରୀର ପାଇଁ କେତେ ଭଲ ଏବଂ କେତେ କ୍ଷତିକାର ହୋଇପାରେ ଜାଣିଛନ୍ତି କି। ଆସନ୍ତୁ ସେ ଉପରେ ନଜର ପକାଇବା।

✪ ଶୀତ ଦିନେ ଅଧିକ ସମୟ ଯାଏଁ ଗରମ ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। ଏହା ଆମ ଶରୀର ଏବଂ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ଗରମ ପାଣି ଆମ ତ୍ୱଚାରେ ଥିବା କେରାଟିନ ନାମକ ସେଲ୍ସକୁ ନଷ୍ଟ କରିଦିଏ। ଏହା ଦ୍ୱାରା ତ୍ୱଚାରେ କୁଣ୍ଡେଇ ହେବା, ଶୁଷ୍କ ହୋଇଯିବା ତଥା ଲାଲ ପଡ଼ିଯିବା ଭଳି ସମସ୍ୟା ଦେଖାଦେଇଥାଏ ବିଶେଷଜ୍ଞମାନେ ମତ ଦିଅନ୍ତି।

✪ ଶୀତ ଦିନେ ନିଜକୁ ଗରମ ରଖିବା ଭଲ କଥା, କିନ୍ତୁ ଗରମ ରଖିବା ଚକ୍କରରେ ଅଧିକ ପୋଷାକ ପିନ୍ଧିବା ଉଚିତ ନୁହେଁ। ଏଭଳି କରିବା ଦ୍ୱାରା ଆପଣଙ୍କ ଶରୀର ଓଭର ହିଟିଂର ଶିକାର ହୋଇପାରେ। ଅଧିକ ଗରମ ହେବା ଯୋଗୁଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ କାମ କରିବା ବନ୍ଦ କରିଦିଏ।

✪ ଶୀତ ଦିନେ ସାଧାରଣତଃ ଅଧିକ ଭୋକ ହୁଏ। ଏଭଳି ସ୍ଥିତିରେ ଲୋକ ନିଜ ସ୍ୱାସ୍ଥ୍ୟ ଚିନ୍ତା ନକରି ଅଧିକ ଖାଦ୍ୟ ଖାଇଥା'ନ୍ତି। ଫାଷ୍ଟଫୁଡ ଖାଦ୍ୟ ପ୍ରତି ମନ ବଳାଇଥାନ୍ତି। ଫଳରେ ଓଜନ ବଢ଼ିବା ସହ ଶରୀରରେ ଅନେକ ରୋଗ ସମସ୍ୟା ମଧ ବଢ଼ିଥାଏ। ତେଣୁ ଶୀତଦିନେ ଭୋକ ହେଲେ ଫଳ କିମ୍ବା ହାଇ ଫାଇଭର ଯୁକ୍ତ ପରିବା ଖାଇବା ଉଚିତ।

✪ ଶୀତ ଦିନେ ଶରୀରକୁ ଗରମ ରଖିବା ପାଇଁ ଲୋକେ ଚା' କିମ୍ବା କଫି ପିଇବା ପାଇଁ ପସନ୍ଦ କରନ୍ତି। କନ୍ତୁ ଏଥିରେ ଥିବା କେଫିନ ଶରୀର ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ତେଣୁ ଶୀତଦିନେ ଅତି ବେଶୀରେ ଦିନରେ ୨ କିମ୍ବା ୩ କପ୍‌ରୁ ଅଧିକ ଚା' କିମ୍ବା କଫି ପିଇବା ଉଚିତ ନୁହେଁ।

✪ ଶୀତ ଦିନେ କମ୍ ଶୋଷ ହୁଏ, ଫଳରେ ଲୋକେ କମ୍ ପାଣି ପିଅନ୍ତି। ପାଣି ନ ପିଇବା ଯୋଗୁଁ ଶରୀରରେ ଡିହାଇଡ୍ରେସନ ସମସ୍ୟା ଦେଖାଦିଏ। ଏହାଦ୍ୱାରା କିଡ୍‌ନୀ ଜନିତ ସମସ୍ୟା ଏବଂ ହଜମ ଶକ୍ତି କମିବାକୁ ଲାଗେ। ପେଟ ଜନିତ ସମସ୍ୟା ଦେଖାଦିଏ। ତେଣୁ ଶୀତଦିନେ ଅଧିକରୁ ଅଧିକ ପାଣି ପିଇବା ଉଚିତ।

# ମୁହଁର ଦାଗ ଦୂର କରିବାର ଉପାୟ



ମହୁ: ପିଇବା ପାଣିରେ ନିୟମିତ ଏକ ଚାମଚ ମହୁ ମିଶାଇ ପିଇବା ଦ୍ୱାରା ମୁହଁ ଚର୍ମ ନରମ ହେବା ସହ ଚମିକ ଥାଏ।

ପୁଦିନା ପତ୍ର: ପୁଦିନା ପତ୍ରର ପାଣି ପିଇବା ଦ୍ୱାରା ପେଟ ସଫା ହୋଇଥାଏ। ରକ୍ତ ପରିଷ୍କାର କରିଥାଏ। ଫଳରେ ମୁହଁରେ ଦାଗ ଦୂର ହୋଇଥାଏ।

ଡ଼ାଲଚିନି: ପାଣିରେ ଅଳ୍ପ ଡ଼ାଲଚିନି ଗୁଣ୍ଡ ପକାଇ ଏହାକୁ ଫୁଟାଇ ଦିଅନ୍ତୁ। ଏହା ପରେ ଏହାକୁ ଛାଣି ଦେଇ ପିଅନ୍ତୁ। ଏହା ମୁହଁର ବିଭିନ୍ନ ଦାଗକୁ ଦୂର କରିବା ସହ ମୁହଁ ଉଜ୍ୱଳ କରିଥାଏ।

ଲେମ୍ବୁ ରସ: ପିଇବା ପାଣିରେ କିଛି ଲେମ୍ବୁ ରସ ମିଶାଇ ପିଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିବା ସହ ଦୂଷିତ ପଦାର୍ଥ ଶରୀରରୁ ବାହାର କରି ଦେଇଥାଏ। ଫଳରେ ମୁହଁର ଦାଗ ମଧ ଦୂର ହୋଇଥାଏ।

ଲିଚୁ: ପିଇବା ପାଣିରେ ଲିଚୁର ରସ ମିଶାଇ ପିଇବା ଦ୍ୱାରା ମଧ ଏହା ମୁହଁର ସମସ୍ତ ଦାଗକୁ ଦୂର କରିଥାଏ। ଏଥିରେ ଥିବା ଭିଟାମିନ ସି ଓ ଆଣ୍ଟିଅକ୍ସିଡ଼ାଣ୍ଟ ମୁହଁର ରଙ୍ଗ ଗୋରା କରିଥାଏ।

# କେତେ ଭଲ ସୋରିଷ ତେଲ ?



ବିଶେଷକରି ଭାରତୀୟ ବ୍ୟଞ୍ଜନରେ ସୋରିଷ ତେଲକୁ ବ୍ୟବହାର କରାଯାଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଅନେକଙ୍କ ଘରେ ଏହି ତେଲ ବ୍ୟବହାର ହୁଏ। ସୋରିଷ ତେଲ ସ୍ୱାସ୍ଥ୍ୟ ପାଇଁ ଏଥିରେ ମୋନୋସାଚୁରେଟେଡ୍ ଫ୍ୟାଟି ଏସିଡ୍ ରହିଛି ଯାହା ହୃଦ ରୋଗର ସମ୍ଭାବନା କମ କରିଥାଏ। ତେବେ ସୋରିଷ ତେଲର ପାର୍ଶ୍ୱ ପ୍ରତିକ୍ରିୟା ମଧ ରହିଛି। ତେବେ ଆମ ଶରୀର ପାଇଁ ସୋରିଷ ତେଲ କେତେ ଭଲ ଓ କେତେ ଖରାପ ଆସନ୍ତୁ ଜାଣିବା।

● ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ସୋରିଷ ତେଲରେ ବହୁ ମାତ୍ରାରେ ଏରିକ ଏସିଡ ଅଛି ଯାହା ଅତ୍ୟନ୍ତ ବିଷାକ୍ତ। ଏରିଟିକ ଏସିଡର ଉଚ୍ଚ ସ୍ତର ହୃଦୟକୁ ପ୍ରଭାବିତ କରିଥାଏ। ଅଧିକ ସୋରିଷ ତେଲ ଖାଇବା ହୃଦୟରେ ମେଦ ବଢ଼ିଯାଇଥାଏ। ଫଳରେ ହୃଦରୋଗ ଜନିତ ସମସ୍ୟା ବଢ଼ିବା ଅଶଙ୍କା ରହିଥାଏ।

● ହୃଦ ସମ୍ବନ୍ଧୀୟ ସମସ୍ୟା ବଢ଼ାଇବା ସହ ଏହା ଫୁସଫୁସ ପାଇଁ ମଧ ସମସ୍ୟା ସୃଷ୍ଟି କରିଥାଏ। ପ୍ରାରମ୍ଭିକ ଚରଣରେ ଏହା ଶ୍ୱାସ ତନ୍ତ୍ରକୁ ପ୍ରଭ୍ୱିତ କରିଥାଏ ଯେଉଁଥିପାଇଁ ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଅଧିକ ସମୟ ଧରି ସୋରିଷ ତେଲ ସେବନ କଲେ ଫୁସଫୁସ କ୍ୟାନସର ହେବା ସମ୍ଭାବନା ରହିଛି।

● ସୋରିଷ ତେଲରେ ଆଉ ଏକ ହାନିକାରକ ରାସାୟନିକ ପଦାର୍ଥ ରହିଛି ଯାହାକୁ ଏଲିଲ୍ ଆଇସୋଥିଓସିଆନେଟ୍ କୁହାଯାଏ। ଏହା ଫୁସଫୁସ, ପାକସ୍ଥଳୀ, ଅନ୍ତନଳୀ ଇତ୍ୟାଦିରେ କ୍ଷତ ସୃଷ୍ଟି କରିପାରେ।

● ସୋରିଷ ତେଲ ତ୍ୱଚାକୁ ମଧ ପ୍ରଭାବିତ କରିଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହା ତ୍ୱଚାର କାର୍ଯ୍ୟକୁ ପ୍ରତିରୋଧ କରିଥାଏ। ଯାହାଦ୍ୱାରା ଏପିଡର୍ମାଲ୍ କେରାଟିନୋସାଇଟ୍ ଗଠନରେ ବାଧା ସୃଷ୍ଟି ହୋଇଥାଏ।

● ସୋରିଷ ତେଲରୁ ତ୍ୱଚାରେ ଆଲର୍ଜି ଭଳି ସମସ୍ୟା ମଧ ଦେଖାଦିଏ। ମୁଖ୍ୟତଃ ଇମ୍ୟୁନୋଗ୍ଲୋବୁଲିନ୍ ଇ କିମ୍ବା ଆଇଜିଆଇ ମଧ୍ୟସ୍ଥତା ଭଳି ଆଲର୍ଜି ସୃଷ୍ଟି କରିଥାଏ। ଫଳରେ କୁଣ୍ଡେଇ ହେବା, ତ୍ୱଚା ନାଲି ପଡ଼ିଯିବା, ତ୍ୱଚା ଶୁଷ୍କ ହୋଇଯିବା ଭଳି ସମସ୍ୟା ଦେଖାଦେଇଥାଏ।

● ଅତ୍ୟଧିକ ସୋରିଷ ତେଲ ଖାଇବା ଦ୍ୱାରା ରାଇନାଇଟିସ୍ ହେବା ସମ୍ଭାବନା। ଶ୍ୱାସ ନଳୀରେ ଥିବା କୋଷଗୁଡିକରେ ଛିଦ୍ର ସୃଷ୍ଟି ହୋଇଥାଏ। ଫଳରେ କାଶ, ଛିଙ୍କ, ନାକ ବୋହିବା ଭଳି ସମସ୍ୟା ଦେଖାଥାଏ।

● ଗର୍ଭବତୀ ମହିଳା ସୋରିଷ ତେଲ ସେବନ କରିବା ଉଚିତ ନୁହେଁ। କାରଣ ଏଥିରେ ଥିବା କିଛି ରାସାୟନିକ ପଦାର୍ଥ ଭ୍ରୂଣ ସହ ଗର୍ଭବତୀ ମହିଳାଙ୍କ ପାଇଁ ହାନିକାରକ ହୋଇଥାଏ। ବିଶେଷଜ୍ଞଙ୍କ ଅନୁସାରେ ଏହି ରସାୟନ ଯୋଗୁଁ ଗର୍ଭପାତର ସମ୍ଭାବନା ମଧ ରହିଥାଏ।

# କ୍ୟାନସର୍ ଓ ଆସ୍ଥମା ଦୂର କରିବ କଳା ହଳଦୀ



ଘରେ ହଳଦିଆ ରଙ୍ଗର ହଳଦୀ ଥିବା ଦେଖିଥିବେ କିନ୍ତୁ କେବେ କ'ଣ କଳା ରଙ୍ଗର ହଳଦୀ ବିଷୟରେ ଶୁଣିଇଛନ୍ତି କି। ବେଶ କମ୍ ସ୍ଥାନରେ ହିଁ କଳା ହଳଦୀ ଦେଖିବାକୁ ମିଳେ। ଏହା ସାଧାରଣ ହଳଦୀଠାରୁ ମଧ ଅନେକ ଲଭାଦାୟ। ଆଣ୍ଟିବାୟୋଟିକ ରୂପେ ବ୍ୟବହାର ହେଉଥିବା ଏହି କଳା ହଳଦୀକୁ ବିଭିନ୍ନ ରୋଗର ଉପଚାର ପାଇଁ ବ୍ୟବହାର କରାଯାଏ। ବିଶେଷ କରି ଓଡ଼ିଶା, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଉତ୍ତରପୂର୍ବ ଅଞ୍ଚଳରେ ମିଳୁଥିବା ଏହି ଦୁର୍ଲଭ ହଳଦୀକୁ ବ୍ୟବହାର କରି କ୍ୟାନସର ଏବଂ ଆସ୍ଥାମ ଭଳି ରୋଗର ଉପଚାର କରାଯାଇଥାଏ।

➲ ଏହି ହଳଦୀରେ ଇଭୁପ୍ରୋଭିନ ଅଧିକ ମାତ୍ରାରେ ରହିଛି। ଏହାଦ୍ୱାରା ପୁରୁଣା ଅର୍ଥରାଇଟିସ ଯନ୍ତ୍ରଣାକୁ ଭଲ କରାଯାଇପାରେ। କେବଳ ସେତିକି ନୁହେଁ କୁଣ୍ଡେଇ ହେବା, ପେଟ ସମସ୍ୟା, ଅଲସର, କୋଲନ କ୍ୟାନସର, ଫୁସଫୁସ ଜନିତ ରୋଗକୁ ଦୂର କରିବାରେ ମଧ କଳା ହଳଦୀ ବେଶ ସହାୟକ ହୋଇଥାଏ।

➲ ଏହି କଳା ହଳଦୀକୁ ଅନେକ ଔଷଧ ତିଆରି କରିବାରେ ମଧ ବ୍ୟବହାର କରାଯାଏ। ଆସ୍ଥମା, କ୍ୟାନସର, ଜ୍ୱର, ବ୍ରଣ, ଆଲର୍ଜି, ମାଇଗ୍ରେସନ, ଲେପ୍ରୋସି ଭଳି ରୋଗର ଉପଚାର ପାଇଁ ତଆରି କରାଯାଉଥିବା ମେଡିସିନରେ ଏହି ହଳଦୀର ବ୍ୟବହାର ହୁଏ।

➲ କଳା ହଳଦୀର ପତ୍ରକୁ ସୁଖାଇ ପାଉଡର ତିଆରି କରି ଏଥିରେ ଅଳ୍ପ ମହୁ ମିଶାଇ କ୍ଷୀର ସହ ପ୍ରତିଦିନ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ। ଏଥିସହ ଅନେକ ରୋଗରୁ ମୁକ୍ତ ମିଳିଥାଏ।

➲ ଏହି ହଳଦୀର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ପେଟ ସମସ୍ୟା ତଥା ଗ୍ୟାସଟିକ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହାର ଶାଖାଗୁଡିକ କୋଲେଷ୍ଟ୍ରୋଲ କମ କରିବା ପାଇଁ ସହାୟତା କରିଥାଏ। ଏଥିପାଇଁ ଆୟୁର୍ବେଦ ଶାସ୍ତ୍ରରେ କଳା ହଳଦୀର ବିଶେଷ ଚାହିଦା ରହିଛି।

## ଓଜନ କମ୍ କରିବାର ଉପାୟ

ଖାଦ୍ୟ ବିଶେଷଜ୍ଞଙ୍କ ମତରେ ବର୍ଷାଦିନରେ କେତୋଟି ନିୟମ ମାନି ଭୋଜନ କଲେ ଓଜନ କମ୍ ହୁଏ। ପ୍ରତି ସପ୍ତାହରେ ଖାଦ୍ୟତାଲିକା ପ୍ରସ୍ତୁତ କରି ସେଇ ଅନୁସାରେ ଖାଇବା ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଏ।

❑ ଆଣ୍ଟିଅକ୍ସିଡାଣ୍ଟ ଭରପୂର ସମସ୍ତ ପ୍ରକାର ବର୍ଷାଦିନିଆ ଫଳକୁ ନିୟମିତ ଭାବେ ଖାଆନ୍ତୁ। ଏଇ ଋତୁରେ ବଜାରରେ ଅଙ୍ଗୁର, ଜାମୁକୋଳି, ଆତ ମିଳୁଥିବାବେଳେ ସକାଳ ଜଳଖିଆରେ ଏସବୁ ଖାଇବା ଭଲ। ଫଳ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ବାରମ୍ବାର ଭୋକ ଲାଗେ ନାହିଁ।

❑ ଅନ୍ୟ ଏକ ମୁଖ୍ୟ କଥା ଖାଇବାର ସମୟ ରଖନ୍ତୁ। ସକାଳ ୮ଟାବେଳେ ଜଳଖିଆ ଖାଇଲେ ପୁଣି ଦିନ ୧୧ଟା ବେଳକୁ କୌଣସି ଫଳ କିମ୍ବା ଫଳରସ ପିଇବା ଭଲ। ସମୟକ୍ରମେ ଏହି ଅଭ୍ୟାସ ହିଁ ଆପଣଙ୍କ ଓଜନ କମ୍ କରିବାରେ ସହାୟକ ହେବ।

❑ ପ୍ରତିଥର ଭୋଜନ ପୂର୍ବରୁ ୧-୨ ଗିଲାସ ପାଣି ପିଇବାକୁ ଚେଷ୍ଟା କରନ୍ତୁ। ଭୋଜନ ପରେ ମଧ ପାଣି ପିଇବା ଭଲ। ପୂରା ଦିନ ଭିତରେ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ ରଖିବା ଜରୁରୀ।



❑ ପନିପରିବା ମିଶା ସୁପ୍ ତିଆରି କରି ଦିନକୁ ଥରୁଟିଏ ନିଶ୍ଚୟ ପିଅନ୍ତୁ। ଏହି ସୁପ୍ ପିଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ।

❑ ବର୍ଷାଦିନେ ସକାଳ ବେଳା ଅଦା ଚା' ପିଇବାର ଅଭ୍ୟାସ ରଖିବା ଭଲ। ଅଦା ଚା' ଶରୀରକୁ ଶକ୍ତି ଯୋଗାଇବା ସହ ଓଜନ କମ୍ କରିବାରେ ସହାୟକ ହୋଇଥାଏ।

❑ ବାହାରକୁ ପ୍ରାତଃ ଭ୍ରମଣ ପାଇଁ ଯାଇପାରୁନଥିଲେ, ଘର ଭିତରେ ଚଲାବୁଲାର ଅଭ୍ୟାସ ରଖିବା ଭଲ। ଅତିକମ୍‌ରେ ୨୦-୩୦ ମିନିଟ୍ ଚାଲିଲେ ତାହା ଶରୀର ପାଇଁ ବ୍ୟାୟାମ ଭଳି କାମ କରେ।

### ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରଙ୍କୁ ମାଡ ମାରିବା ଘଟଣା

# ଅଭିଯୁକ୍ତ ଶିକ୍ଷକଙ୍କ ବଦଳି ଦାବି

**ସମ୍ବଲପୁର,୩୦।୮(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପାଲି ପଞ୍ଚାୟତ ସ୍ଥିତ ଘୋଡାବାନ୍ଧୁଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜନୈକ ଚତୁର୍ଥ ଶ୍ରେଣୀର ଛାତ୍ରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ବାରିକ ମାଡ଼ ମାରିବା ଘଟଣାକୁ ନେଇ ଦିନକୁ ଦିନ ପିଡୀତ ଛାତ୍ର ଓ ଅଭିଭାବକଙ୍କୁ ନ୍ୟାୟ ଦେବା ଦାବିରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ପିଡୀତ ଛାତ୍ରକୁ ମାଡ ମାରିଥିବା ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଶେଷରେ ଜମନକିରା ବିଇଓଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛି।

ଏହି ବିବାଦୀୟ ଘଟଣାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର କୁମୁରାଙ୍କ ତତ୍ତ୍ୱାବଧାନରେ ଗତ ୨୩ ତାରିଖରେ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଧାନ ଶିକ୍ଷକ ଶ୍ରୀ ବାରିକ୍ ଛାତ୍ରକୁ ମାଡ ମାରିଥିବା ମଧ୍ୟ ସ୍ୱୀକାର କରିଥିଲେ। ଏହି ସ୍ୱୀକାରୋକ୍ତି ପରେ ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ଏବଂ ସେଠାରେ ଉପସ୍ଥିତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ବଦଳି ପାଇଁ ବୈଠକରେ ଏକ ପ୍ରସ୍ତାବ ଗୃହୀତ ମଧ୍ୟ ହୋଇଥିଲା। ଏହି ପରିପେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର କୁମୁରା ଏବଂ ଅନ୍ୟ ସଦସ୍ୟମାନେ ଗତ ଶନିବାର ଜମନକିରା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୁକ୍ତ ପ୍ରଧାନ ଶିକ୍ଷଙ୍କ ବଦଳି ପାଇଁ ଦାବି ଜଣାଇଥିଲା। ଅଭିଯୋଗରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ସମୀର ବାରିକ ଘରୋଇ ଟ୍ୟୁସନରେ ଛାତ୍ରଛାତ୍ରୀଙ୍କ କଥାକଟିକୁ ନେଇ ନିଜ ପୁଅକୁ ସମର୍ଥନ କରି ଚତୁର୍ଥ ଶ୍ରେଣୀର ଆଦିବାସୀ ଛାତ୍ର ଶୋଭିତ ମୁଣ୍ଡାକୁ ଆକ୍ରୋଶମୂଳକ ବିଦ୍ୟାଳୟରେ ବିନା ଦୋଷରେ ମାଡ଼ ମାରିଥିଲେ। ଗୋଟିଏ ବେତରେ ଶୋଭିତଙ୍କ ପିଠି ଓ ହାତକୁ ଆଖିବୁଜା ମାଡ଼ ମାରି ଲହୁଲୁହାଣ କରି ସେଠାରୁ ଚାଲି ଯାଇଥିଲେ। ପରବର୍ତୀ ସମୟରେ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଏହି ଘଟଣା ସମ୍ପର୍କରେ ବିଦ୍ୟାଳୟର କିଛି ଶିକ୍ଷୟିତ୍ରୀ ମାନଙ୍କୁ ଜଣାଇଥିଲେ।

ଶିକ୍ଷୟିତ୍ରୀ ମାନେ ଶୋଭିତଙ୍କୁ ଘଟଣା ସମ୍ପର୍କରେ ପଚାରି ଯେଉଁ ଉତର ପାଇଥିଲେ ସେଥିରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କୈଣସି ସ୍ୱର ଉତୋଳନ କରିନପାରି ଶୋଭିତଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ଏଭଳି ଘଟଣା ଶୁଣିବା ପରେ ଶୋଭିତଙ୍କ ଅଭିଭାବକ ତୁରନ୍ତ ବିଦ୍ୟାଳୟରେ ପହଞ୍ଚି ଶୋଭିତକୁ ଘରକୁ ନେଇ ଯାଇଥିଲେ। ଘରେ ପହଞ୍ଚି ଶୋଭିତର ପୋଷାକ ଖୋଲିଲା ପରେ ଶୋଭିତଙ୍କ ପିଠି ଓ ହାତ ପ୍ରଧାନ ଶିକ୍ଷକଙ୍କ ଅମାନୁଷିକ ମାଡର ନଗ୍ନଚିତ୍ର ଦେଖି ତୁରନ୍ତ ପରିବାର ଲୋକେ ବିଦ୍ୟାଳୟ ପରିଚାଳନା କମିଟି ନିକଟରେ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଇବା ପରେ ଡାକ୍ତରଖାନାରେ ଶୋଭିତର ପ୍ରାଥମିକ ଚିକିତ୍ସା କରାଇଥିଲେ। ସୂଚନାଯୋଗ୍ୟ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ସମୀର ବାରିକ ଛାତ୍ର ଛାତ୍ରୀଙ୍କ ପ୍ରତି ଅସୌଜନ୍ୟ ଓ ଆକ୍ରୋଶ ମୂଳକ ଦୃଷ୍ଟି ରଖୁଥିବା ନେଇ ତାଙ୍କ ବିରୋଧରେ ଗତ ଜାନୁଆରୀ ୬ ତାରିଖରେ ପ୍ରସ୍ତାବ ନମ୍ବର ୪୮ ଓ ଗତ ଜୁଲାଇ ୩୧ ତାରିଖରେ ପ୍ରସ୍ତାବ ନମ୍ବର ୩୫ ଅଭିଯୋଗ ରହିଥିବା ବେଳେ ପ୍ରସ୍ତାବ ୫୩ ରେ ସ୍କୁଲ ବିଦ୍ୟାର୍ଥୀ ସହାୟକ ନିଃଶୁଳ ନମ୍ବରରେ ମଧ୍ୟ ଅଭିଯୋଗ କରାଯାଇଛି। ଏଣୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଥାଶୀଘ୍ର ଅଭିଯୁକ୍ତ ପ୍ରଧାନ ଶିକ୍ଷକ ସମୀର ବାରିକଙ୍କୁ ଅନ୍ୟତ୍ର ବଦଳି କରିବାକୁ କମିଟି ଏବେ ଦୃଢ଼ ଦାବି କରିଛି।

ଏ ସମ୍ପର୍କରେ ଜମନକିରା ବିଇଓ ରୁକ୍ମଣ ପଧାନଙ୍କୁ ପଚାରିବାରୁ କମିଟି ପକ୍ଷରୁ ରିଜିଓଲେସନ ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଏବଂ ସୋମବାର ଦିନ ଏକ ଟିମ୍ ବିଦ୍ୟାଳୟକୁ ଯାଇ ଘଟଣାର ଯାଞ୍ଚ କରି ବିହିତ ପଦକ୍ଷେପ ନେବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଦଣ୍ଡା ନାଳା ପୋତି ହୋଇପଡ଼ିଥିବାରୁ ବ୍ୟାପକ ଫସଲ କ୍ଷତିଗ୍ରସ୍ତ



**କଣାସ,୩୦।୮(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ପୁରୀ କଣାସ ବ୍ଲକରେ ପ୍ରବାହିତ ହେଉଥିବା ମଲାଗୁଣି ନଦୀର କାଶିପୁର ନିକଟରୁ ଡାହଣ ପଟକୁ ଦଣ୍ଡା ନାଳ ଦିବ୍ୟସିଂହପୁର, ଦେଇପୁର, ଗଡ଼ଖାଦର ଦେଇ ଖଡିକା ନାଳରେ ମିଶିଥିଲା। ଦୀର୍ଘ ବର୍ଷ ହେଲା ନାଳଟି ସମ୍ପୂର୍ଣ୍ଣ ପୋତି ହୋଇପଡ଼ିଥିବାରୁ ଜଳ ସେଚନ ଓ ଜଳ ନିଷ୍କାସନ ପାଇଁ ବାଟ ନ ଥିବାରୁ ଚାଷୀମାନେ ବର୍ଷା ଦିନେ ଶାରଦ ଧାନ ଫସଲ ହରାଉଥିବା ବେଳେ ଖରାଦିନେ ଜଳ ସେଚନର ସୁବିଧା ନ ଥିବାରୁ ରବି ଚାଷରୁ ବଞ୍ଚିତ ହେଉଛନ୍ତି। ଚାଷୀମାନେ ବାରମ୍ବାର ବିଧାୟକଙ୍କ ନିକଟରେ ଅଭିଯୋଗ କରିବାରୁ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଡ୍ରେନେଜ୍ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପୋତି ହୋଇପଡ଼ିଥିବା ନାଳକୁ ପରିଦର୍ଶନ କରି ଫେରିଯାଇଛନ୍ତି। ଏହି ନାଳ ଦେଇ ଖୋର୍ଦ୍ଧା ଜିଲ୍ଲାର ପାହାଡିଆ ଅଞ୍ଚଳର ବର୍ଷା ଜଳ ନିଷ୍କାସନ ହେଉଥିବାରୁ ଚାଷୀମାନଙ୍କର ଫସଲ ନଷ୍ଟ ହେଉଛି। ଯୁଦ୍ଧକାଳିନୀ ଭିତିରେ ନାଳା ଖନନ କରାଯିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

## ଏଚ୍ଏମ୍ ପ୍ଲାଣ୍ଟ ଅପରେଟର ଇଞ୍ଜିନିୟରଙ୍କ ଜରୁରୀକାଳୀନ ବୈଠକ

**କଣାସ,୩୦।୮ (ସଂଚାର ବ୍ୟୁରୋ):** ଅଲ ଓଡ଼ିଶା ଏଚ.ଏମ୍ ପ୍ଲାଣ୍ଟ ଅପରେଟର ଇଂଞ୍ଜିନିୟର ମାନଙ୍କ ଏକ ଜରୁରୀ କାଳିନ ବୈଠକ ସଂଘର ସ୍ଥାୟୀ ସଭାପତି ନୀଳମଣି ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ କଟକର ମା ଧାକୁଲେଇଙ୍କ ପୀଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଗଠନର ୪ବର୍ଷ ମଧ୍ୟରେ ଏହା ଥିଲା ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ। କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା କଥା ଆଲୋଚନା କରାଯାଇ ତାହାର ନିରାକରଣ ପାଇଁ ଆପାତତଃ ସ୍ଥିର କରାଗଲା। ଭବିଷ୍ୟତରେ ସଂଘ କିପରି ସକ୍ରୀୟ ଭୂମିକା ଗ୍ରହଣ କରିବ ତାହା ଉପରେ ଆଲୋଚନା କରାଯାଇଥିଲା। କମ୍ପାନ୍, ମାଲିକ, କର୍ମଚାରୀମାନଙ୍କ ମଧ୍ୟରେ କିପରି ସ୍ୱମୋନୟ ରକ୍ଷା କରାଯାଇ ପାରିବ ତାହା ଉପରେ ଧ୍ୟାନ ଦିଆଗଲା। ସର୍ବଶେଷରେ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇ ଥିଲା।

## ଯାତ୍ରୀଙ୍କ ସୁବିଧା ପାଇଁ ଟ୍ରେନ ରହଣି ସ୍ଥାନର ପୁନଃସ୍ଥାପନ



**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ବିଭିନ୍ନ ଷ୍ଟେସନରେ ଅନେକ ଗୁରୁତ୍ୱପୂର୍ଣ୍ଣ ମେଲ୍/ଏକ୍ସପ୍ରେସ୍ ଟ୍ରେନର ରହଣିସ୍ଥଳ ପୁନଃସ୍ଥାପିତ କରିବାକୁ ନିଷ୍ପତି ନେଇଛି। ପୂର୍ବରୁ ପ୍ରତ୍ୟାହାର କରାଯାଇଥିବା ଏହି ରହଣିସ୍ଥଳ ଗୁଡ଼ିକୁ ଯାତ୍ରୀ ଏବଂ ଜନପ୍ରତିନିଧିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବେ ପୁନଃସ୍ଥାପିତ କରାଯାଉଛି। ଏହା ୧ ସେପ୍ଟେମ୍ବର ଠାରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ।

ଟ୍ରେନ ନମ୍ବର ୧୨୮୨୨ ପୁରୀ-ଶାଳିମାର ଧଉଳି ଏକ୍ସପ୍ରେସର ରହଣି ମାର୍କୋଣା ରେଳ ଷ୍ଟେସନରେ ଏବଂ ଟ୍ରେନ ନମ୍ବର ୧୨୮୭୨ ଟିଟଲାଗଡ଼-ହାଓ୍ୱଡା ଇସ୍ପାତ ଏକ୍ସପ୍ରେସ ୧ ସେପ୍ଟେମ୍ବରରୁ ବାଗଦେହି ଷ୍ଟେସନରେ ପୁନଃସ୍ଥାପିତ ହେବ। ଟ୍ରେନ ନମ୍ବର ୧୮୦୦୬ ଜଗଦଲପୁର-ହାଓ୍ୱଡା ଏକ୍ସପ୍ରେସର ରହଣି ୧ ସେପ୍ଟେମ୍ବରରୁ ବିଶ୍ରା ଏବଂ ରାଜଖରସାଓ୍ୱାନ ଜଙ୍କସନରେ ପୁନଃସ୍ଥାପନ କରାଯିବ। ଟ୍ରେନ ନମ୍ବର ୧୮୧୧୮ ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସର ରହଣି ୧ ସେପ୍ଟେମ୍ବରରୁ ବାଗଦେହି ଷ୍ଟେସନରେ ପୁନଃସ୍ଥାପନ କରାଯିବ। ଟ୍ରେନ ନମ୍ବର ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ ଉତ୍କଳ ଏକ୍ସପ୍ରେସର ରହଣି ୧ ସେପ୍ଟେମ୍ବର ୨୦୨୫ ରୁ ବସ୍ତା ଏବଂ ବିଶ୍ରା ଷ୍ଟେସନରେ ପୁନଃସ୍ଥାପନ କରାଯିବ। ଟ୍ରେନ ନମ୍ବର ୧୮୪୧୦ ପୁରୀ-ଶାଳିମାର ଶ୍ରୀ ଜଗନ୍ନାଥ ଏକ୍ସପ୍ରେସର ରହଣି ରୂପସା ଜଙ୍କସନରେ ୨ ସେପ୍ଟେମ୍ବର ରୁ ପୁନଃସ୍ଥାପନ କରାଯିବ।ଟ୍ରେନ ନମ୍ବର ୧୮୪୪୯ ପୁରୀ-ପାଟନା ବୈଦ୍ୟନାଥଧାମ ଏକ୍ସପ୍ରେସର ରହଣି ୨ ସେପ୍ଟେମ୍ବର ରୁ ବର୍ଣ୍ଣପୁର ଷ୍ଟେସନରେ ପୁନଃସ୍ଥାପିତ ହେବ।ଟ୍ରେନ ନମ୍ବର ୨୨୮୭୪ ବିଶାଖାପାଟଣା-ଦୀଘା ଏକ୍ସପ୍ରେସର ରହଣି ୫ ସେପ୍ଟେମ୍ବରରୁ ଜଳେଶ୍ୱର ଷ୍ଟେସନରେ ପୁନଃସ୍ଥାପିତ ହେବ। ଟ୍ରେନ ନମ୍ବର ୨୨୮୯୦ ପୁରୀ-ଦୀଘା ଏକ୍ସପ୍ରେସର ରହଣି ୭ ସେପ୍ଟେମ୍ବରରୁ ଜଳେଶ୍ୱର ଷ୍ଟେସନରେ ପୁନଃସ୍ଥାପିତ ହେବ।

## ବନୀକରଣ କ୍ଷେତ୍ର ପରିଦର୍ଶନ କଲେ ପିସିସିଏଫ୍

**କେନ୍ଦୁଝର,୩୦।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରି ସେକ୍ସନ ଜଡ଼ିପଦା ସଂରକ୍ଷିତ ଜଙ୍ଗଲ, ସାହାରପଡ଼ା ସେକ୍ସନ ନୟାଜଗନ୍ନାଥପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଏବଂ ପାଟଣା ସେକ୍ସନ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ପାଟଣା ବନ ବିଭାଗ ତରଫରୁ ହେଇଥିବା ଚାରାରୋପଣ କ୍ଷେତ୍ରକୁ ପିସିସିଏଫ୍ ସୁରେଶ ପନ୍ଥ ପରିଦର୍ଶନ କରିଛନ୍ତି। ଏଥିରେ ଆରସିସିଏଫ୍ ରାଉରକେଲା ପି. ରାମ ସ୍ୱାମୀ ଡିଏଫ୍ଓ କେନ୍ଦୁଝର ଏଚ୍ଡି ଧନରାଜ, ଏସିଏଫ୍ କେନ୍ଦୁଝର ଅଶୋକ କୁମାର ଦାସ ପ୍ରମୁଖ ସାମିଲ ହୋଇ ଚାରାରୋପଣ କ୍ଷେତ୍ର ପରିଦର୍ଶନ କରିଥିଲେ। ଏଥିରେ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡ଼ା ବନପାଳ ଶ୍ରୀମନ୍ତ କୁମାର ବେହେରା ଓ ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। କାମ୍ପା ଫଣ୍ଡରୁ ବନୀକରଣ ହୋଇଥିବା ଶାଳ, କରଞ୍ଜ, କଇଥ, ମହୁଲ, ପଣସ, ଆମ୍ବ ଆଦି କ୍ଷେତ୍ର ବୁଲି ଦେଖିଥିଲେ।

## ଶାନ୍ତିପୂର୍ଣ୍ଣ ଗଣେଶ ଭସାଣ ପାଇଁ ବୈଠକ

**କଣାସ,୩୦।୮(ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସ କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ, କଣାସ କୃଷ୍ଣନଗର, ଗୋଲାବଜାର, ଭାଟପଡ଼ା, ବ୍ଲକ ବଜାର, ନୂଆଦୋକନ୍ଦା, ଡିମିରି, କଣାସ ଗ୍ରାମ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହଉଥିବା ଗଣେଷ ପୂଜା କିପରି ଶାନ୍ତି ଶୃଙ୍ଖଳାର ସହିତ ଗୋଟିଏ ମିଳିତ ଭାବେ ଭଷାଣି ଉତ୍ସବ ଅନୁଷ୍ଠିତ ହେବ ସେଥି ପାଇଁ ଆଜି କଣାସ ପଞ୍ଚାୟତ ସମିତି ସଭାଗୃହରେ କଣାସ ଥାନା ଆଇ.ଆଇ. ସି ପ୍ରଶନ୍ନ କୁମାର ନାୟକଙ୍କ ତତ୍ତ୍ୱଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, କଣାସ ଅଗ୍ନିଶ୍ରମ କାର୍ଯ୍ୟାଳୟର ଅଧିକାରୀ ରଘୁନାଥ ସାହୁ ଯୋଗଦେଇଥିଲେ। ଏହି ଭଷାଣି ଉତ୍ସବ ଗୋଟିଏ ଦିନରେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଦୋକନ୍ଦା ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତପନ ସୁନ୍ଦରାୟ ଦୀର୍ଘ ଦିନ ହେଲା ପ୍ରଚେଷ୍ଟା ଚଳାଇଛନ୍ତି। ଶାନ୍ତି ଶୃଙ୍ଖଳା ସହିତ ଅନୁଷ୍ଠିତ ହେବାପାଇଁ ଏକ କମିଟି ଗଠନ କରାଯାଇଥିଲା। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ସଭାପତି, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ ଉପସଭାପତି, କଣାସ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ସୁସିଲ୍ ରାଉତ, ସମାଜସେବୀ ସୁକାନ୍ତକିଶୋର ସାମନ୍ତରାୟ, ତପନ ସୁନ୍ଦରାୟ, ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠି ମନୋନିତ ହୋଇଥିବା ବେଳେ ସମସ୍ତ ପୂଜା କମିଟିର ସଭାପତି, ସିରେଇ ସରପଞ୍ଚ ପ୍ରତିନିଧି ଦେବଦତ୍ତ ପରିଡ଼ା ସଦସ୍ୟ ଭାବେ ମନୋନିତ ହୋଇଥିଲେ। ଆସନ୍ତା ୨ତାରିଖ ଦିନ ଭଷାଣି ଉତ୍ସବ ଅନୁଷ୍ଠିତ ହେବାପାଇଁ ବୈଠକରେ ନିଷ୍ପତି କରାଯାଇଥିଲା। କମିଟିର କର୍ମକର୍ତ୍ତାମାନେ ବସି କେଉଁ ଠାରୁ ମେଢ ବାହାରିବ ଏବଂ କେଉଁ କେଉଁ ବାଟଦେଇ ନଦୀରେ ବିର୍ଶଯନ ହେବ ଯେପରିକି ଜନସାଧାରଣଙ୍କ କୌଣସି ଅସୁବିଧା ନ ହେବ ସେଥିପାଇଁ ପୁନଶ୍ଚ ବୈଠକ ବିସି ସ୍ଥିର କରାଯିବାପାଇଁ ବୈଠକରେ ନିଷ୍ପତି ହୋଇଥିଲା।

## ନିଆରା ପ୍ରୟାସ: ରକ୍ତଦାନ କରି ପାଳିଲେ ଜନ୍ମଦିନ




**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ଶନିବାର ଦିନ ୟୁଥ ଲିଡ଼ ଫାଉଣ୍ଡେସନ ଓ ମିଶନ ରକ୍ତଦାନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ପୁରୁଣା ଡାକ୍ତର ଖାନାରେ ଥିବା ରାଜ୍ୟ ରକ୍ତ ଭଣ୍ଡାର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଯୁବ ପିଢ଼ି ନିଜର ଜନ୍ମଦିନକୁ ଭୋଜିଭାତ, କ୍ଲବ ଏବଂ ବିଭିନ୍ନ ଜାଗା ଭ୍ରମଣ କରି ପାଳନ କରୁଛନ୍ତି। ଜନ୍ମଦିନକୁ ସ୍ୱତନ୍ତ୍ର କରିବାକୁ ଯାଇ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି । ମାତ୍ର ସେସବୁ କ୍ଷଣିକ ସୁଖ ପାଇଁ। ଏହି ଖୁସି ପଛରେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଅଂଚଳର ଯୁବ ସ୍ୱେଚ୍ଛାସେବୀ ରାକେଶ ବଳ ନ ଗୋଡ଼ାଇ କିଛି ଭିନ୍ନ ଉପାୟରେ ନିଜର ଜନ୍ମଦିନକୁ ସ୍ମୃତିଦାୟକ କରିବାକୁ ଯାଇ ଚଳିତ ବର୍ଷ ରକ୍ତଦାନ ଶିବିର କରି ଜନ୍ମଦିନକୁ ପାଳନ କରିଛନ୍ତି। ଚଳିତ ବର୍ଷର ରକ୍ତଦାନ ଶିବିର ସମ୍ପୂର୍ଣ୍ଣ ଭାବରେ କରିବା ପାଇଁ ଆଗେଇ ଆସନ୍ତୁ ବୋଲି ସେ ନିଜର ମତବ୍ୟକ୍ତ କରିଛନ୍ତି। ଗତ ୬ବର୍ଷ ହେବ ଲଗାତାର ଭାବେ ରାକେଶ ନିଜର ଜନ୍ମଦିନରେ ରକ୍ତଦାନ ଶିବିର ସହିତ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରି ଆସୁଛନ୍ତି । ଏହି ଶିବିରକୁ ଶୁଭ ଉଦଘାଟନ କରିଥିଲେ ରକ୍ତ ଭଣ୍ଡାରର ମୁଖ୍ୟ ଡାକ୍ତର ମାନସ କରୁଥିବା ସମୟରେ ରାକେଶଙ୍କ ଏଭଳି ଭିନ୍ନ ଉପାୟରେ ଜନ୍ମଦିନ ପାଳନ ସାଧାରଣରେ ଚର୍ଚ୍ଚା ହେବା ସହ ବୁଦ୍ଧିଜୀବୀ ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ସମସ୍ତ ରକ୍ତଦାତା ଜୀବନ ଦାତା ମାନଙ୍କୁ ଚାରା ପ୍ରଦାନ କରାଯାଇ ସମ୍ବୋଧିତ କରାଯାଇଥିଲା । ଏହି ଶିବିରରେ କେନ୍ଦ୍ରାପଡ଼ା ସେବା ସମିତି ର ସଭାପତି ମନୋଜ ନାୟକ, ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ସରୋଜ କାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ରକ୍ତଦାତା ଜୀବନ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । କେନ୍ଦ୍ରାପଡ଼ା ରକ୍ତଭଣ୍ଡାର ସଦସ୍ୟ ରାକେଶ କୁମାର ମିଶ୍ର, ସ୍ୱାତି ପ୍ରତୀକ୍ଷା, ଶପଥ ବରାଳ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ପରିଶେଷରେ ନିଜ ଜନ୍ମ,ଦିବସରେ ରାକେଶ ମଧ୍ୟ ରକ୍ତଦାନ କରି ସମାଜ ପାଇଁ ସୃଷ୍ଟି କରିଛନ୍ତି ଅନନ୍ୟ ଉଦାହରଣ। ଏହି କାର୍ଯ୍ୟକ୍ରମରେ ୟୁଥ ଲିଡ଼ ଫାଉଣ୍ଡେସନ, ମିଶନ ରକ୍ତଦାନ, କେନ୍ଦ୍ରାପଡ଼ା ସେବା ସମିତି ଏବଂ ଜାତୀୟ ଯୁବ ପ୍ରକଳ୍ପ ସହଯୋଗ କରିଥିବା ବେଳେ ସୌମ୍ୟରଞ୍ଜନ ପରିଡା,ରାଜେନ୍ଦ୍ର ମହାପାତ୍ର, ପ୍ରଦୀପ୍ତ କୁମାର ଜେନା ଏବଂ ହିମାଂଶୁ ଶେଖର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଗାଡ଼ି ଭିତରେ ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗ

### ଚାକିରି ଦେବା ନାଁରେ ନେଇଆସିଥିଲେ

**ଉଦଳା,୩୦।୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ଗତକାଲି ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଚାକିରି କରାଇଦେବା ଲୋଭ ଦେଖାଇ ଜନୈକା ଯୁବତୀଙ୍କୁ ଡାକି ନେଇ ରାସ୍ତାକଡ଼ରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ଉଦଳା ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

ବାଙ୍ଗିରିପୋଷି ଥାନାଞ୍ଚଳର ଉକ୍ତ ଯୁବତୀଙ୍କୁ କମ୍ପାନୀରେ ଚାକିରି କରାଇଦେବାକୁ କହି ଘରୁ ଏକ ଓମନି ଗାଡ଼ିରେ ୨ ଜଣ ଡାକି ଆଣିଥିଲେ। ପରେ ରାସ୍ତାରୁ ଆଉ ୩ ଜଣ ଉକ୍ତ ଗାଡ଼ିରେ ଉଠିଥିଲେ। ବାଙ୍ଗିରିପୋଷିରୁ ୮୦ କିମି ଦୂର ଉଦଳା ଆଣି ରାସ୍ତାକଡ଼ରେ ଗାଡ଼ି ଛିଡା କରି ମୋଟ ୬ ଜଣ ଯୁବକ ତାଙ୍କୁ ଗଣବଳାତ୍କାର କରିଥିଲେ। ତେବେ ଯୁବତୀ ଜଣଙ୍କ ଚିତ୍କାର କରିବାରୁ ଯୁବକମାନେ ତାଙ୍କୁ ଗାଡ଼ି ବାହାରକୁ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାର କରି ତାଙ୍କ ଘରେ ପହଞ୍ଚାଇବା ପରେ ପରିବାର ଲୋକେ ଏନେଇ ଆଜି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଧାମରା ସଡକ ଦୁର୍ଘଟଣା: ୧ ମୃତ, ୨ଆହତ

**ଭଦ୍ରକ,୩୦।୮(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମରାଠାରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଚାଳକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ସୁଚନା ମିଳିଛି। ପ୍ରାପ୍ତ ଖବରରୁ ଜଣାଯାଇଛି ଆଜି ଧାମରା ଡିଆଇ ରୋଡ ଠାରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ପ୍ରଥମେ ଧାମରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ ମାତ୍ର ସେମାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆ ଯାଇଥିଲା। ବାଟରେ ପଶ୍ଚିମବଙ୍ଗ ନିବାସୀ ଗଣେଷ ଜେନା(୪୧)ଙ୍କର ମୃତ୍ୟୁ ଘଟିଥିଲା ଏବଂ ତାଳଚୁଆ ଅଞ୍ଚଳର ଶିବ ଶଙ୍କର ପ୍ରଧାନ ଏବଂ ଅନ୍ୟ ଜଣଙ୍କ ଅବସ୍ଥା ଶୋଚନୀୟ ହୋଇଥିବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆ ଯାଇଛି।

## ବିଭିନ୍ନ ଜଘନ୍ୟ ମାମଲାରେ ୧୪ ଅପରାଧି ଗିରଫ

**ଜୟପୁର,୩୦।୮(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତ ଦୁଇ ଦିନ ମଧ୍ୟରେ ଏକ ବଡ ଧରଣର ସଫଳତା ମିଳିଛି। ଡକାୟତି ଉଦ୍ୟମ, ଲୁଟ, ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ଚାରୋଟି ମାମଲାରେ ୧୪ଜଣ ସହରର ଦୁର୍ଦ୍ଧାନ୍ତ ଅପରାଧିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଡକାୟତି ନିମନ୍ତେ ପ୍ରସ୍ତୁତି ହେଉଥିବା ମାମଲାରେ ଗିରଫ ୬ ଅଭିଯୁକ୍ତ ଗୋପବନ୍ଧୁ ନଗର ଶିବ ସୁନା (୨୮), ମେତ୍ରୀ ସାହିର ସୁନିଲ ପରଜା ଓରଫ ଲାଲୁ (୨୧) ଓ ହରି ନାୟକ (୨୨), ଜୟନଗରର ସୁରେଶ ହରିଜନ (୨୫), ପ୍ରସାଦରାଓ ପେଟା ୪ର୍ଥ ଲାଇନର ଟି.ମଣିକଣ୍ଠା (୨୬) ଏବଂ ଯମୁନାଗୁଡାର କାର୍ତିକ ଖୁଦ (୨୬)। ସେହିପରି ଜୋରଜବରଦସ୍ତ ଦାଦାବଟି ଆଦାୟ ମାମଲାରେ ୪ ଗିରଫ ଅଭିଯୁକ୍ତ ମାନେ ହେଲେ ବାପୁଜୀ ନଗରର ବିଜୟ ନାୟକ (୧୮), ଏଲଆଇସି କୋଲନୀର ଶୁଭମ ବିଶୋୟୀ (୨୨), ନୂଆଗୁଡାର ରାଜ କୁମାର କାକଡି (୨୩), ଛୋଟାଗୁଡାର ଈଶ୍ୱର ଛେଟିଆ (୨୮)। ଚାଷୀଙ୍କ ୧ ଲକ୍ଷ ଟଙ୍କା ଲୁଟ କରିଥିବା ମାମଲାରେ ୨ ଅଭିଯୁକ୍ତ ବାପୁଜୀ ନଗରର ରାମନାଥ ସୁନା(୨୭) ଓରଫ ନକରା ଏବଂ ଗୋପବନ୍ଧୁ ନଗରର ରାଜୀବ ଖିଲ (୨୪)। ସେହିପରି ବାଇକ ଚାଳକଙ୍କୁ ଅଟକାଇ ୨୦ ହଜାର ଟଙ୍କା ଏବଂ ମୋବାଇଲ ଫୋନ ଲୁଟ ମାମଲାରେ ଦୁଇ ଅଭିଯୁକ୍ତ ଜୟପୁର ସଦରଥାନା କଳାଗୁଡାର ଶଙ୍କର ଗରଡା (୧୯) ଏବଂ ରୋହିତ ହିଆଲ (୧୯)ଙ୍କୁ ଗିରଫ କରାଯାଇଛି। ସମସ୍ତ ୧୪ ଜଣ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଡକାୟତି ପ୍ରସ୍ତୁତି ମାମଲାରେ ଅଭିଯୁକ୍ତ ମାନଙ୍କ ନିକଟରୁ ୪ଟି ଛୁରା, ଖଣ୍ଡା, ଲୁହା ଛଡ, ଟର୍ଚ୍ଚ, ମରିଚ ଗୁଣ୍ଡ, ୩ଟି ବାଇକ ଜବତ କରାଯାଇଛି। ସେହିପରି ୨ୟ ଘଟଣାରେ ଦାଦାବଟି ଆଦାୟ କରୁଥିବା ଅଭିଯୁକ୍ତ ମାନଙ୍କ ନିକଟରୁ ପରିବା କଟ ଛୁରା ଏବଂ ୫ଶହ ଟଙ୍କା ଜବତ କରାଯାଇଛି। ଗତ ଜୁଲାଇ ୩ ତାରିଖରେ ହାତିଆ ଗ୍ରାମର ଚାଷୀ କମଳଲୋଚନ ଭତ୍ରାଙ୍କ ଠାରୁ ଲକ୍ଷ ଟଙ୍କା ଲୁଟ ମାମଲାରେ ଅଭିଯୁକ୍ତ ନିକଟରୁ ଗୋଟିଏ ସ୍କୁଟି ଏବଂ ଲୁଟ ଟଙ୍କା ମଧ୍ୟରୁ ୨୦ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ଯମୁନାଗୁଡା କେନାଲ ରାସ୍ତାରେ ଗତ ଜୁଲାଇ ୨୩ ତାରିଖ ସଂଧ୍ୟା ସାଢେ ୮ ସମୟରେ ସ୍ଥାନୀୟ ପୁରୁଣାଗଡ଼ର ବାସିନ୍ଦା ମୋହିତ କୁମାର ପାତ୍ର ନିଜ ବାଇକ ଯୋଗେ ଜୟପୁର ନିଜ ଘରକୁ ଫେରୁଥିବା ବେଳେ ଲୁଟର ଶିକାର ହୋଇଥିଲେ। ଏହି ମାମଲାରେ ଗରିଫ ଦୁଇ ଅଭିଯୁକ୍ତଙ୍କ ନିକଟରୁ ୫ ହଜାର ଟଙ୍କା ଏବଂ ଲୁଟ ମୋବାଇଲ ଜବତ କରାଯାଇଛି ବୋଲି ଜୟପୁର ଟାଉନଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲା ପୁଲିସ ବିଭାଗର ଅତିରିକ୍ତ ଏସ.ପି ଅମ୍ରିତ ମହାନ୍ତି, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପୁଲିସର ସଫଳତା ନେଇ ସୂଚନା ଦେଇଛନ୍ତି।

■ ନାବାଳିକାଙ୍କୁ ଭୁବନେଶ୍ୱରରୁ ଅପହରଣ ଘଟଣା

## ଅପହର୍ତ୍ତାଙ୍କ ଫଟୋ ଜାରି, ଲକ୍ଷେ ପୁରସ୍କାର ଘୋଷଣା




**ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ):** ନୟାଗଡ଼ର ନାବାଳିକାଙ୍କୁ ଭୁବନେଶ୍ୱରରୁ ଅପହରଣ। ୨୦୨୪ ମସିହାରେ ପ୍ରେମ ଜାଲରେ ଫସାଇ ଭୁବନେଶ୍ୱରରୁ ଅପହରଣ କରିନେଇଥିଲେ ୩ ଯୁବକ। ୩ ଅପହର୍ତ୍ତାଙ୍କ ଫଟୋ ଜାରି କରିଛି କମିଶନରେଟ୍ ପୁଲିସ। ଏଥିସହ ସେମାନଙ୍କୁ ଧରାଇଦେଲେ ମିଳିବ ୧ ଲକ୍ଷ ଟଙ୍କାର ପୁରସ୍କାର। ସୂଚନାନୁଯାୟୀ, ନୟାଗଡ଼ ଜିଲ୍ଲା ସାନପଡ଼ା ଗାଁର ଜଣେ ନାବାଳିକା ଭୁବନେଶ୍ୱରରେ ରହୁଥିଲେ। ଗତବର୍ଷ ତାଙ୍କୁ ୩ ଜଣ ଯୁବକ ଅପହରଣ କରିନେଇଥିଲେ। ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରାଯାଇଥିବା ନାବାଳିକାଙ୍କ ଘର ଲୋକ ଅଭିଯୋଗ କରିଥିଲେ। କମିଶନରେଟ୍ ପୁଲିସ ଏବେ ୩ ଅପହରଣକାରୀଙ୍କ ଫଟୋ ଜାରି କରିଛି। ଅପହରଣକାରୀଙ୍କୁ ଧରାଇ ଦେଲେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଯେଉଁ କୌଣସି ବ୍ୟକ୍ତି ନାବାଳିକା କିମ୍ବା ଅପହର୍ତ୍ତାଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ଚାହିଁବେ, ସେମାନେ ୮୨୪୯୦୧୩୦୬୧ କିମ୍ବା ୯୩୪୮୬୬୨୮୯୦ ନମ୍ବରରେ ଯୋଗାଯୋଗ କରିବେ। ଏପରି ସ୍ଥିତିରେ ସୂଚନାଦାତାଙ୍କ ପରିଚୟ ଓ ତଥ୍ୟ ସମ୍ପୂର୍ଣ୍ଣ ଭାବେ ଗୁପ୍ତ ରଖାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

## ଜବର ଦଖଲ ଉଚ୍ଛେଦ କଲେ ରାଜସ୍ୱ ବିଭାଗ

**ଜୟପୁର,୩୦।୮(ସଂଚାର ବ୍ୟୁରୋ):** ଜୟପୁର ସହର ଲିଙ୍ଗରାଜ ନଗରରେ ଆଜି ଜବର ଦଖଲ ଉଚ୍ଛେଦ କରାଯାଇଛି। ଲିଙ୍ଗରାଜ ନଗରରେ ୧୫ ସେଂଟ ସରକାରି ଜାଗା ଥିବା ବେଳେ ଆଜି ଉଚ୍ଛେଦ କରାଯାଇଛି। ସରକାରି ଜାଗା ଗେର ପାଚେରି ନିର୍ମାଣ ସହ ଘର ହୋଇଥିବା ବେଳେ ରଜସ୍ୱ ବିଭାଗ ଓ ପୌର ପାଳିକା ତରଫରୁ ଉଚ୍ଛେଦ କରାଯାଇଛି। ବାରମ୍ବାର ନୋଟିସ କରିବା ପରେ ମଧ୍ୟ ଜବର ଦଖଲ କାରି କର୍ଣ୍ଣପାତ କରି ନଥିଲେ। ସେଥି ପାଇ ଉଚ୍ଛେଦ କରାଯାଇ ଥିବା ବିଷୟ ଜୟପୁର ତହସିଲଦାର ସବ୍ୟସାଚି ଜେନା ସୁଚନା ଦେଇଛନ୍ତି। ଉଚ୍ଛେଦ ସମୟରେ ଜୟପୁର ସହସଲିଦାର ସବ୍ୟସାଚି ଜେନା, ସୁପର ଭାଇଜର ହରି ହର ଶତପଥି, ପୌର ଅମିନ ଅଭିନାଶ ସାନ୍ତାପାତ୍ର, ଶୁଭସ୍ମିତା ଜେନା ସହ ଟାଉନ ପୋଲିସ ଉପସ୍ଥିତ ଥିଲେ।

### ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କଲେ ପିଆଇବି ଏଡିଜି

## କେନ୍ଦ୍ର ଯୋଜନାର ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ



**ପୁରୀ,୩୦।୮(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ତଥା ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଆଜି ପୁରୀ ଗସ୍ତ କରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପୁରୀଠାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ସାମ୍ବାଦିକମାନେ ଯୋଗ ଦେଇ ସେମାନଙ୍କର ଗଣମାଧ୍ୟମଗୁଡ଼ିକର କାର୍ଯ୍ୟଧାରା, ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗରେ ବିସ୍ତୃତ ଭାବେ ବିଚାର ରଖିଥିଲେ। ବୈଠକରେ ଏଡିଜି ଶ୍ରୀ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କର ମତାମତ ଶୁଣିବା ପରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ନୀତି ସମ୍ପର୍କରେ ପ୍ରଚାରପ୍ରସାରକୁ ସୁଦୃଢ଼ କରିବା ଲାଗି ସେମାନଙ୍କ ସହ ବିଚାରବିମର୍ଶ କରିଥିଲେ। ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ଫଳପ୍ରଦ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ହେଲେ ସେ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ। ଏଥିରେ ସ୍ଥାନୀୟ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମିଶ୍ର ମତ ରଖିଥିଲେ। ସୂଚନାର ଉନ୍ନତ ପ୍ରବାହ ସୁନିଶ୍ଚିତ କରିବା ଲାଗି ପିଆଇବି ଏବଂ ସ୍ଥାନୀୟ ସାମ୍ବାଦିକମାନଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ମଧ୍ୟ ପିଆଇବି ଏଡିଜି ଆଲୋଚନା କରିଥିଲେ ଏବଂ ଏ ଦିଗରେ ସ୍ଥାନୀୟ ସାମ୍ବାଦିକମାନଙ୍କର ସହଯୋଗ କାମନା କରିଥିଲେ। ଶ୍ରୀ ମିଶ୍ର ସାମ୍ବାଦିକଙ୍କ ସମସ୍ୟା ଏବଂ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ବୈଠକକୁ ପିଆଇବିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପରିଚାଳନା କରିଥିଲେ। ଏଥିରେ ପୁରୀ ଜିଲ୍ଲାର ଅଗ୍ରଣୀ ଗଣମାଧ୍ୟମ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

## ଅପହରଣ ଓ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**କୋରେଇ,୩୦।୮(ସଂଚାର ବ୍ୟୁରୋ):** ଅପହରଣ ଓ ଅସାଦାଚରଣ ଅଭିଯୋଗରେ ଆଜି ପାଣିକୋଇଲି ପୁଲିସ ଜଣେ ଯୁବକକୁ ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ବଡବିରୁହାଁ ଗ୍ରାମର ଅନନ୍ତ ସେଠୀ ତାଙ୍କ ଝିଅ ବର୍ଷା (୨୨)କୁ ତାଙ୍କ ସମ୍ପର୍କୀୟ ବିବାହିତ ଯୁବକ ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଖଣ୍ଡ, ଇସାନପୁର ଗ୍ରାମର ଗଦାଧର ସେଠୀଙ୍କ ପୁଅ ସୁରେଶ ସେଠୀ ଓରଫ ସୁରିୟା (୨୫) ଅପହରଣ କରିଥିବାର ଅଭିଯୋଗ ଗତ ୨୮ ତାରିଖ ଶଙ୍ଖଚିଲା ଫାଣ୍ଡିରେ କରିଥିଲେ। ଏନେଇ ଏକ ମାମଲା ୨୮୬/୨୫ ରୁଜୁ କରାଯିବ ସହ ତଦନ୍ତ ଜାରିରହିଥିଲା। ଫାଣ୍ଡି ଅଧିକାରୀ ଦେବ ମହାନ୍ତି କଟକ ଜଗତପୁର ଅଞ୍ଚଳରୁ ଉଭୟଙ୍କୁ ଉଦ୍ଧାର କରିଥିଲେ। ବର୍ଷାକୁ ଅପହରଣ ପରେ ତାକୁ ନେଇ ଭଡା ଘରେ ରଖି ଜବରଦସ୍ତ ଅସାଦାଚରଣ ଚରଣ କରିଥିବାର ଅଭିଯୋଗ ହୋଇଥିଲା। ଏନେଇ ଉଭୟଙ୍କୁ ଡାକ୍ତରୀ ପରୀକ୍ଷା କରିବା ସହ ବର୍ଷାର ୧୬୪ ବୟାନ ରେକର୍ଡ କରାଯାଇଥିଲା। ଅପହରଣ ଅସାଦାଚରଣ ଅଭିଯୋଗରେ ସୂରୟାକୁ ଆଜି ଦଫା ୧୪୦(୩)/୬୪/(୨)(ଏମ)୩୫/(୨) ବିଏନଏସରେ ଗିରଫ କରାଯାଇ ଅଦାଲତ ଚାଲାଣ କରାଯିବା ସହ ବର୍ଷାକୁ ତାର ପରିବାରକୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।